

ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ୟାସ ନେଲେ ଅଶ୍ୱିନ ପୃଷ୍ଠା ୬

# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 265 | ଭାଗ ୩୨ | ସଂଖ୍ୟା ୨୬୫ | Bhubaneswar | Thursday 19 December 2024 | Page 8 Rs. 4.00 | ଭୁବନେଶ୍ୱର ଗୁରୁବାର ୧୯ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# କଂଗ୍ରେସ ମିଛର ଗନ୍ତାଘର

- ଆମ୍ବେଦକରଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମୋଦୀ ସରକାର ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି
- ହତାଶା ଭାବ ଯୋଗୁଁ କଂଗ୍ରେସ ହୀନ ମନ୍ତବ୍ୟ ଦେଉଛି
- ଆମ୍ବେଦକରଙ୍କୁ ଭାରତରତ୍ନ ନ ଦେବା ପାଇଁ କିଏ ଷଡଯନ୍ତ୍ର କରିଥିଲା ?
- ଘୃଣ୍ୟ ମାନସିକତା ପାଇଁ କଂଗ୍ରେସ ଦେଶବାସୀଙ୍କୁ କ୍ଷମା ମାଗୁ



ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହ ବାବାସାହେବ ଆମ୍ବେଦକରଙ୍କ ପାଇଁ କଂଗ୍ରେସ କରିଥିବା ଷଡ଼ଯନ୍ତ୍ରର ବାସ୍ତବ ତଥ୍ୟକୁ ଦେଶବାସୀଙ୍କ ସାମ୍ନାରେ ରଖିଛନ୍ତି । ଏ ପ୍ରସଙ୍ଗରେ କଂଗ୍ରେସ ପାଖରେ ତଥ୍ୟଭିତ୍ତିକ ଜବାବ ନ ଥିବା କାରଣରୁ ଜାଣିଶୁଣି ଗୃହମନ୍ତ୍ରୀଙ୍କ ଭିଡିଓ ଏଡିଟ୍ କରି ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରାଯାଉଛି। ଏହି କାମରେ ସେମାନେ କେବେ ବି ସଫଳ ହେବେ ନାହିଁ ବୋଲି ପ୍ରତିକ୍ରିୟା ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି, ଆମ ସରକାର ବିଗତ ଏକ ଦଶନ୍ଧି ଧରି ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା, ଏସସି/ଏସଟି ଆଇନକୁ ମଜବୁତ୍ କରିବା ସହ ସ୍ୱଚ୍ଛ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ, ଉଜ୍ଜ୍ୱଳା ଯୋଜନା ଭଳି ଆମ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ଗରିବ ଓ ଅବହେଳିତଙ୍କ ଜୀବନରେ ପରିବର୍ତ୍ତନ ଆଣିଛି । ତେବେ କ୍ରମାଗତ ପରାଜୟ ଏବଂ ଦେଶର ଦଳିତ ଓ ପଛୁଆ ସମାଜ ଦ୍ୱାରା ହୋଇଥିବା ପ୍ରତ୍ୟାଖ୍ୟାନର ହତାଶା ➪ପୃଷ୍ଠା-୬

## ମୁମ୍ବାଇ ବୋଟ୍ ଟ୍ରାଜେଡ଼ି

# ନୌସେନା ଅଧିକାରୀ ସମେତ ୧୩ ମୃତ

ମୁମ୍ବାଇ, ୧୮।୧୨(ଏଜେନ୍ସି): ବାଣିଜ୍ୟିକ ରାଜଧାନୀ ମୁମ୍ବାଇର କରଞ୍ଜା ଉପକୂଳରେ ବଡ଼ଧରଣର ବର୍ନୀକା ଦୁର୍ଘଟଣା ଘଟି ଅନ୍ୟୁନ ୧୩ ଜଣ ପ୍ରାଣ ହରାଇଛନ୍ତି। ବୁଧବାର ଅପରାହ୍ଣ ପ୍ରାୟ ୪ଟା ବେଳେ ଏକ ପର୍ଯ୍ୟଟନ ନୌକା ଏବଂ ନୌସେନାର ସ୍ପିଡ୍ ବୋଟ ମଧ୍ୟରେ ଧକ୍କା ଲାଗିବାରୁ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ଜରେ ନୌସେନା ଅଧିକାରୀ ଓ ଦୁଇ ସେଲର ଅନ୍ତର୍ଭୁକ୍ତ।

ନୌସେନା ପକ୍ଷରୁ ଏକ୍ସରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଏକ ସ୍ପିଡ୍ ବୋଟ୍‌ର ଟ୍ରାଏଲ କରାଯାଉଥିବା ବେଳେ ଅଚାନକ ଇଞ୍ଜିନ ଫେଲ ମାରିବାରୁ ଏହା ନିୟନ୍ତ୍ରଣ ହରାଇ ନୀଳକମଳ ନାମକ ପର୍ଯ୍ୟଟନ ବୋଟ୍ ଭିତରକୁ ପଶିଯାଇଥିଲା। ଫଳରେ ନୀଳକମଳ ଓ ନେଭି ବୋଟ୍ ଉଭୟ ବୁଡ଼ିଯାଇଥିଲେ।



ନୀଳକମଲରେ ପ୍ରାୟ ୧୧୦ ପର୍ଯ୍ୟଟକ ଏବଂ ନେଭି ବୋଟ୍‌ରେ ୫ ଜଣ ଥିଲେ। ନୀଳକମଲ ବୋଟ୍ ଗେଟ୍‌ୱେ ଅଫ୍ ଇଣ୍ଡିଆରୁ ଜଣାଶୁଣା ପର୍ଯ୍ୟଟନସ୍ଥଳୀ ତଥା ୟୁନେସ୍କୋ ମାନ୍ୟତାପ୍ରାପ୍ତ ଏଲିଫାଣ୍ଟା ଗୁମ୍ଫା ଅଭିମୁଖେ ଯାଉଥିଲା।

ଦୁର୍ଘଟଣା ଘଟିବାମାତ୍ରେ ନୀଳକମଲ ନାବିକ ଯାତ୍ରୀମାନଙ୍କୁ ଲାଇଫ୍ ଜ୍ୟାକେଟ୍ ପିନ୍ଧିବା ଲାଗି ପରାମର୍ଶ ଦେବାରୁ ଅନେକଙ୍କ ଜୀବନ ବଞ୍ଚିଗଲା ବୋଲି ଜଣେ ପର୍ଯ୍ୟଟକ ପ୍ରକାଶ କରିଛନ୍ତି। ଦୁର୍ଘଟଣା ଖବର ପାଇ ନୌବାହିନୀ, ତଟରକ୍ଷୀ ବାହିନୀ ଓ ମୁମ୍ବାଇ ପୁଲିସ ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ୫୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆଉ କେତେକ ନିଖୋଜ ଅଛନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ନୌସେନା ଓ ତଟରକ୍ଷୀ ବାହିନୀର ପ୍ରାୟ ୪ ହେଲିକପ୍ଟର ମୁତୟନ କରାଯାଇଛି। ନୌସେନାର ୧୧ ଡଙ୍ଗା ସହିତ ଏକାଧିକ ଉଦ୍ଧାରକାରୀ ଟିମ୍ ଗଭୀର ସମୁଦ୍ରରେ ପଇଁତରା ମାରୁଛନ୍ତି।

### ପର୍ଯ୍ୟଟନ ଡଙ୍ଗାରେ ମାଡ଼ ହେଲା ନୌସେନା ବୋଟ୍

ସ୍ଥାନୀୟ ମତ୍ସ୍ୟଜୀବୀ, ସ୍ୱେଚ୍ଛାସେବୀ ସଙ୍ଗଠନ, ମେରାଇନ ପୁଲିସ ମଧ୍ୟ ଉଦ୍ଧାରରେ ନିୟୋଜିତ ହୋଇଛନ୍ତି। ମହାରାଷ୍ଟ୍ର ପ୍ରଶାସନ ଓ ନୌସେନାର ବରିଷ୍ଠ ଅଧିକାରୀମାନେ ଉଦ୍ଧାର କାର୍ଯ୍ୟକୁ ଅନୁଧ୍ୟାନ କରୁଛନ୍ତି। ଅନେକ ଲୋକ ଲାଇଫ୍ ଜ୍ୟାକେଟ ଧରି ସମୁଦ୍ରରେ ଭାସୁଥିବା ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି। ବିଳମ୍ବିତ ରାତିସୁଦ୍ଧା ପ୍ରାୟ ୧୦୧ଜଣଙ୍କୁ ଉଦ୍ଧାର କରାଯାଇଛି।

ଦୁର୍ଘଟଣା ଖବର ପାଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ➪ପୃଷ୍ଠା-୬

## ବିଶ୍ୱ ସଂସ୍ଥା ଉପରେ ଇଡି ରେଡ୍



- ପ୍ରମିଳାଙ୍କ ଭାଇ କ୍ଷୀରୋଦ ମଲ୍ଲିକଙ୍କ ସଂସ୍ଥା
- ୨୮ ବ୍ୟାଙ୍କକୁ ଲଗାଇଛନ୍ତି ଚୂନ

ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ): ୨୮ଟି ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାରୁ ୨୩୧ କୋଟି ଋଣ ଠକେଇ ଅଭିଯୋଗରେ ବିଜେଡିର ବରିଷ୍ଠ ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଭାଇ ସ୍ୱର୍ଗତ କ୍ଷୀରୋଧ ମଲ୍ଲିକଙ୍କ ଏକାଧିକ ଠିକଣାରେ ଚଢ଼ାଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। କ୍ଷୀରୋଧଙ୍କ ଦ୍ୱାରା ପ୍ରତିଷ୍ଠିତ ବେସରକାରୀ ସଂଗଠନ (ଏନ୍‌ଜିଓ)) 'ଭାରତ ଇଣ୍ଟିଗ୍ରେଟେଡ ସୋସିଆଲ ୱେଲଫେୟାର (ବିଶ୍ୱ) ମାଧ୍ୟମରେ କିଛି ବିଦେଶୀ ଓ ରାଷ୍ଟ୍ରାୟତ ➪ପୃଷ୍ଠା-୬

# ସୁଭଦ୍ରାକୁ ବାଟବଣା ପାଇଁ ସନ୍ୟାସୀଙ୍କ ନିର୍ଦ୍ଦେଶ




ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ): ବିଜେପିର ଫ୍ଲାଗସିପ୍ ଯୋଜନା ସୁଭଦ୍ରା ଯୋଜନାକୁ ବାଟବଣା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସନ୍ୟାସୀ । ଯେମିତି ହେଲେ ଯୋଜନାକୁ ରୋକିବାକୁ କୁହାଯାଇଛି । ଏଥିପାଇଁ ଏବେ ବିଜେଡି ନେତାଙ୍କ ପତ୍ନୀ ଓ ସମ୍ପର୍କୀୟମାନେ ସୁଭଦ୍ରା ଟଙ୍କା ପାଇବାକୁ ଧାଡି ଲଗାଇଛନ୍ତି। ରାଜଧାନୀରେ ଜଣେ ଆଗଧାଡିର କର୍ପୋରେଟରଙ୍କ ପତ୍ନୀଙ୍କ ଆବେଦନ ପଦାକୁ ଆସିବାପରେ ବିଜେଡିର ଏଭଳି ରଣନୀତି ଉପରୁ ପରଦା ହଟିବାରେ ଲାଗିଛି । ରାଜ୍ୟର ନୂଆ ସରକାର ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବାପରେ ମହିଳାମାନେ ଏବେ ବିଜେପିକୁ ପଟକୁ ଢଳୁଛନ୍ତି। ଇତି ମଧ୍ୟରେ ସୁଭଦ୍ରା ଆବେଦନ କଟିଏ ଟପିଥିବାବେଳେ ୭୦ ଲକ୍ଷରୁ ଅଧିକ



ଯେତେ ପାରୁଛ ଆବେଦନ କରି ସୁଭଦ୍ରା ପଇସା ନେଇଯାଅ । ସରକାରଙ୍କ ରାଜକୋଷକୁ ଖାଲି କରିଦିଅ । ଯେଉଁଠାରେ ବି ଟଙ୍କା ନମିଳିବ ସେଥିପାଇଁ କିଛି ପରବାଏ ନାହିଁ। କାରଣ ଏଥିପାଇଁ ଆଉ କିଛି ଯୋଗ୍ୟ ମହିଳାଙ୍କ ଟଙ୍କା ବି ଅଟକିଯିବ। ଏଥିରେ ସରକାର ବଦନାମ ହେବେ ।

### ଧାଡ଼ି ଲଗାଇଛନ୍ତି ବିଜେଡି କର୍ମୀ

ମହିଳା ସହାୟତା ରାଶି ପାଇ ସାରିଲେଣି । ଖୁବ୍‌ଶୀଘ୍ର ଅବଶିଷ୍ଟ ଆବେଦନକାରୀ ଅର୍ଥ ପାଇବେ ବୋଲି ସରକାର ଘୋଷଣା କରିଛନ୍ତି। ତେବେ ଆବେଦନକାରୀଙ୍କ ମଧ୍ୟରେ ବହୁ ବିଜେଡି ନେତା ରହିଥିବା ଧିରେ ଧିରେ ପଦାକୁ ଆସୁଛି । ସନ୍ୟାସୀଙ୍କ ନିର୍ଦ୍ଦେଶ ହେଉଛି, ସରକାରଙ୍କୁ ଘେରିବାପାଇଁ ସନ୍ୟାସୀଙ୍କ ଏଭଳି ଅଲିଖିତ ନିର୍ଦ୍ଦେଶନାମା ପାଇବାପରେ ଗାଁ ଗହଳରେ ଆବେଦନ ବଢ଼ିବା ସହିତ ଅନେକଙ୍କ ଆବେଦନ ଅଧାବାଟରେ ଝୁଲି ରହିଲାଣି । ତେବେ ସନ୍ୟାସୀଙ୍କ ଏଭଳି ନିର୍ଦ୍ଦେଶ ସତ୍ତ୍ୱେ ବିଜେଡିର ମହିଳା ଭୋଟ ବ୍ୟାଙ୍କ୍ କିନ୍ତୁ ଭୁଷୁଡ଼ିବାରେ ଲାଗିଛି । ଗୋଟିଏ ପଟେ ସୁଭଦ୍ରା ଯୋଜନାରେ ସିଧାସଳଖ ଟଙ୍କା ମିଳୁଥିବାବେଳେ ➪ପୃଷ୍ଠା-୬

## ଟେଣ୍ଡର ପାଇଁ ଲାଞ୍ଚ

## ୩ ଅଭିଯୁକ୍ତଙ୍କୁ ଜାମିନ

# ହାଜର ହେଲେନି ବିଷ୍ଣୁପଦ



ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ): ଟେଣ୍ଡର ପାଇଁ ଲାଞ୍ଚ ମାମଲାରେ ସିବିଆଇ ଦ୍ୱାରା ଗିରଫ ତିନି ଅଭିଯୁକ୍ତଙ୍କୁ ଜାମିନ ମିଳିଛି। ସ୍ଥାନୀୟ ସିବିଆଇ କୋର୍ଟ-୧ ଗିରଫ ୩ ଅଭିଯୁକ୍ତଙ୍କ ଜାମିନ ଆବେଦନ ମଞ୍ଜୁର କରିଛନ୍ତି। ବୁଧବାର ସିବିଆଇ କୋର୍ଟରେ ଜାମିନ ଆବେଦନ କରିଥିଲେ ବ୍ରିଜ୍ ଆଣ୍ଡ ରୁଫ୍ କୋ (ଇଣ୍ଡିଆ) ଲିମିଟେଡ୍‌ର ଜିଜିଏମ୍ ଚଞ୍ଚଳ ମୁଖାର୍ଜୀ, ଦେବଦତ୍ତ ମହାପାତ୍ର ଓ ଠିକାଦାର ସନ୍ତୋଷ ମହାରଣା । ଏମାନଙ୍କୁ ଜାମିନ ମିଳିଲେ ପ୍ରମାଣକୁ ପ୍ରଭାବିତ କରିବା ସମ୍ଭାବନା ରହିଛି ବୋଲି ଯୁକ୍ତି ବାଢ଼ିଥିଲେ ସିବିଆଇ ଓକିଲ। ଅନ୍ୟପଟେ ଗିରଫ ତିନି ଜଣଙ୍କର ଲାଞ୍ଚ କାରବାରରେ କୌଣସି ସମ୍ପୃକ୍ତି ନ ଥିବା ପ୍ରତିପକ୍ଷ ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ।

ବ୍ରିଜ୍ ଆଣ୍ଡ ରୁଫ୍ କୋ (ଇଣ୍ଡିଆ) ଲିମିଟେଡ୍ ଲାଞ୍ଚ କାରବାର ମାମଲାରେ ଗିରଫ ଚଞ୍ଚଳ ମୁଖାର୍ଜୀ, ସୁପରକ୍ଲାସ କଣ୍ଟ୍ରାକ୍ଟର ଦେବଦତ୍ତ ମହାପାତ୍ର ଓ ଠିକାଦାର ସନ୍ତୋଷ ମହାରଣା ବିଚାର ବିଭାଗୀୟ ହାଜତରେ ଥିବା ବେଳେ ସିବିଆଇ କୋର୍ଟରେ ସେମାନଙ୍କର ଜାମିନ ଶୁଣାଣି ହୋଇଥିଲା । ଅଭିଯୁକ୍ତଙ୍କ ଓକିଲଙ୍କ ପକ୍ଷରୁ ଲାଞ୍ଚ କାରବାର ନେଇ କୌଣସି ଠୋସ୍ ପ୍ରମାଣ ନଥିବା କୋର୍ଟଙ୍କୁ ଅବଗତ କରାଯାଇଥିଲା। ମାତ୍ର ଜାମିନକୁ ବିରୋଧ କରିଥିଲେ ସିବିଆଇ ଓକିଲ। ଜାମିନ୍ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ ସିବିଆଇ କୋର୍ଟ । ଏବେ କୋର୍ଟ ସମସ୍ତଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି।

ଅନ୍ୟପକ୍ଷରେ ଆଜି ବି ସିବିଆଇ ନିକଟରେ ହାଜର ହୋଇନାହାନ୍ତି ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀ। ଦିନ ୧୨ଟା ସୁଦ୍ଧା ସେ ଭୁବନେଶ୍ୱର ସିବିଆଇ ଅଫିସରେ ହାଜର ହେବାର ଥିଲା। ସୂଚନାଯୋଗ୍ୟ, ଗତ ୭ ତାରିଖରେ ଭୁବନେଶ୍ୱରରେ ସିବିଆଇ ରେଡ୍ ବେଳେ କାର୍ ଭିତରୁ ୧୦ ଲକ୍ଷ ଟଙ୍କା ଉଦ୍ଧାର ସହ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଜିଜିଏମ୍‌ଙ୍କ ସମେତ ଉକ୍ତ ୨ ଜଣଙ୍କୁ ଉଠାଇ ନେଇଥିଲା ସିବିଆଇ।

## ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର



ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ): ବିଶିଷ୍ଟ ସାହିତ୍ୟିକ ବୈଷ୍ଣବ ଚରଣ ସାମଲଙ୍କୁ ଏ ବର୍ଷର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିବ ବୋଲି ଘୋଷଣା ହୋଇଛି। 'ଭୂତି ଭକ୍ତି ବିଭୂତି' ପ୍ରବନ୍ଧ ପୁସ୍ତକ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ। ଆଧ୍ୟାତ୍ମିକ ଚିନ୍ତନମ ବିଶ୍ୱଦୃଷ୍ଟି ଏବଂ ମାନବିକ ଭାବନରେ ଋଦ୍ଧିମନ୍ତ ଏହି ପୁସ୍ତକ ବେଶ ଉଚ୍ଚ ପ୍ରଶଂସିତ ହୋଇଛି। ଜଣେ ଉଚ୍ଚ ମୂଲ୍ୟବୋଧଭିତ୍ତିକ ପ୍ରାବନ୍ଧିକ ଏବଂ ସମାଲୋଚକ ଭାବେ ବୈଷ୍ଣବ ଚରଣ ସାମଲଙ୍କ ସୁଖ୍ୟାତି ରହିଛି। ଶ୍ରୀ ସାମଲ ୧୯୩୯ ଫେବୃଆରୀ ୨୭ ରେ କେନ୍ଦ୍ରାପଡ଼ା ଜିଲ୍ଲାର ଚାରିଗାଁଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପ୍ରଥମ କବିତା ଥିଲା 'ନେତା କିଏ'। ୧୯୬୪-୬୫ ମସିହାରୁ ସେ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ଲେଖିବା ଆରମ୍ଭ କରିଥିଲେ। ତାଙ୍କ ଲିଖିତ ପ୍ରଥମ ପ୍ରବନ୍ଧ ଥିଲା ମରୁତୀର୍ଥ। ତାଙ୍କ ଲେଖା, ସେ ସମୟର ବହୁ ପତ୍ରିକାରେ ପ୍ରକାଶ ପାଉଥିଲା।ଅଧ୍ୟାପନାକୁ ବୃତ୍ତି ଭାବରେ ଗ୍ରହଣ କରିଥିବା ବୈଷ୍ଣବ ଚରଣ, ୧୯୬୬ମସିହାରେ ➪ପୃଷ୍ଠା-୬

# କେନ୍ଦୁଝରରେ ହେବ ମେଗା ଷ୍ଟିଲ ପ୍ଲାଣ୍ଟ

- ବାଦାମ ପାହାଡରୁ କେନ୍ଦୁଝର ପର୍ଯ୍ୟନ୍ତ ଚାଲିବ ନୂଆ ଟ୍ରେନ
- ବଡବିଲ୍‌ରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ହେବ ୬-ଲେନ୍ ବିଶିଷ୍ଟ ରାସ୍ତା
- ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ଆମ ନୈତିକ ଦାୟିତ୍ୱ



କେନ୍ଦୁଝର, ୧୮।୧୨ (ସଂଚାର ବ୍ୟୁରୋ): ଗୋନାସିକା ମହୋତ୍ସବ ହେଉଛି ଆମ କଳା, ସଂସ୍କୃତି, ପରମ୍ପରା ଓ ମାନବବାଦର ଏକ ଅପୂର୍ବ ସଂଗମ। ଗୋନାସିକା ପର୍ବତମାଳା ଓ ବୈତରଣୀ ନଦୀ ଏ ମାଟିକୁ ପବିତ୍ର କରିଛି। ଗୋନାସିକା ମହୋତ୍ସବ ଆମ ସମୃଦ୍ଧ ସଂସ୍କୃତିର ପ୍ରକୃତ ନିଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସଂଧ୍ୟାରେ କେନ୍ଦୁଝର ଠାରେ ଗୋନାସିକା ମହୋତ୍ସବ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଦେଶର ସଂସ୍କୃତି ଓ ପରମ୍ପରା ଅନନ୍ୟ। ଏହାକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଆଗାମୀ ଜାନୁଆରୀ ମାସରେ ଓଡିଶାରେ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବ। ସାରା ବିଶ୍ୱରୁ ହଜାର ହଜାର ପ୍ରବାସୀ ଭାରତୀୟ ଏଥିରେ ଯୋଗ ଦେବେ। ଏହି ଅବସରରେ ଆମ ରାଜ୍ୟର ଲୋକକଳା, ସଂସ୍କୃତି ଓ ପରମ୍ପରା ବିଶ୍ୱ ବିଦିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ ଗୋନାସିକା ମହୋତ୍ସବ ଯେବେ ଠାରୁ ଆରମ୍ଭ ହୋଲାଣି, ମୁଁ ଏହାର ଅଂଶବିଶେଷ ଭାବେ ରହିଆସିଛି। ପଦପଦବୀ ଆସିବ ଯିବ। କେନ୍ଦୁଝରର ଜଣେ ସାଧାରଣ ଅଧିବାସୀ ଭାବେ ମୁଁ ➪ପୃଷ୍ଠା-୬

# ନବୀନଙ୍କ ହସ୍ତକ୍ଷେପ ପରେ ବି ତୁଟିଲାନି ବିବାଦ

### ଉଡ଼ା ନେତାଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି କର୍ମୀ



ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ): ରାଜ୍ୟ ବିଜେଡି ଏବେ ଏକପ୍ରକାର ମୁରବୀଶୂନ୍ୟ ସ୍ଥିତିରେ ଥିବା ବେଳେ ଦଳର ଓ୍ୱାର ରୁମ ବ୍ରହ୍ମପୁରରେ ସ୍ଥିତି ସବୁଠୁ ସଙ୍ଗୀନ। ଏକଦା ଗଞ୍ଜାମ ଥିଲା ବିଜେଡିର ଗଡ। ୨୦୨୪ରେ ଏହି ଗଡ ଭୁଷୁଡିଯିବା ପରେ ବ୍ରହ୍ମପୁର ବିଜେଡିର କିଏ ନେତୃତ୍ୱ ନେବ ତାକୁ ନେଇ ବିବାଦ ଉଗ୍ର ହୋଇଛି। ସ୍ଥିତି ଏମିତି ହୋଇଛି ଯେ, ଆଜି ବରିଷ୍ଠ ନେତା ଦେବୀ ମିଶ୍ର ମହାନଗର ନିଗମର କର୍ପୋରେଟର, ପୂର୍ବତନ ଦୁଇ ବିଧାୟକ ଓ ମେୟରଙ୍କ ସହ ଆଲୋଚନା କଲେ। ସମାଧାନ ହୋଇପାରିଲାନି। ବାଧ୍ୟ ହୋଇ ବିଳମ୍ବିତ ସନ୍ଧ୍ୟାରେ ନବୀନ ପଟ୍ଟନାୟକଙ୍କୁ ଭେଟିଲେ। ତଥାପି ମୁହଁ ଫଟେଇ ଫେରିଛନ୍ତି କର୍ପୋରେଟର।

ଏଥର ନିର୍ବାଚନରେ ବ୍ରହ୍ମପୁର ଆସନ ବିଜେଡି ହାତରୁ ଖସିଯିବା ପରେ କିଏ ଧରିବ ମଙ୍ଗ ସେନେଇ ଗତ ୩ ମାସ ହେଲା ବିବାଦ ଲାଗି ରହିଛି। କର୍ପୋରେଟର ମାନେ ମେୟରଙ୍କ ନେତୃତ୍ୱକୁ ମାନିବାକୁ ନାରାଜ। ଏପରିକି ଦୁଇ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ➪ପୃଷ୍ଠା-୬

● ମହିଳା କର୍ମଚାରୀଙ୍କୁ ଅସଦାଚରଣ

## ସହକାରୀ ଜିଲ୍ଲାପାଳ ସସ୍‌ପେଣ୍ଡ

ଭୁବନେଶ୍ୱର,୧୮।୧୨ (ସଂଚାର ବ୍ୟୁରୋ): ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଗତସିଂହପୁର ଜିଲ୍ଲାର ଆସିଷ୍ଟାଣ୍ଟ କଲେକ୍ଟର ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ସସ୍‌ପେଣ୍ଡ କରାଯାଇଛି। ତିନି ମାସ ମଧ୍ୟରେ ଜଣେ ମହିଳା ତଦନ୍ତକାରୀ ଅଫିସର ଏବଂ ଜଣେ ମହିଳା ମାର୍ଶାଲିଂ ଅଫିସରଙ୍କ ଜରିଆରେ ସମସ୍ତ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଶେଷ କରିବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୧୦ରେ ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ଲେଙ୍କା ନିଜ କାର୍ଯ୍ୟାଳୟରେ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ କରିଥିଲେ। ଜିଲ୍ଲା ଅଭିଯୋଗ କମିଟି ଏବଂ ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଅଭିଯୁକ୍ତ ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ବିଭାଗୀୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ନିଲମ୍ବନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆସନ୍ତା ୩ ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

ଏକ ଦେଶ ଏକ ନିର୍ବାଚନକୁ ନେଇ ସଂସଦର ଶୀତ ଅଧିବେଶନରେ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଜାତୀୟ ମାନବାଧିକାର କମିଶନ ଅଧ୍ୟକ୍ଷ ମନୋନୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ବିରୋଧୀଦଳ ନେତା ରାହୁଲ ଗାନ୍ଧି ଓ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟିଲେ। ବୁଧବାର ଅପରାହ୍ଣରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି।

ବିଆର୍ ଆମ୍ବେଦକରଙ୍କ ନାଁ ନେବା ଏକ ଫେସନ ହୋଇଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ମନ୍ତବ୍ୟକୁ କେନ୍ଦ୍ରକରି ପାର୍ଲାମେଣ୍ଟରେ ବିରୋଧୀଙ୍କ ହଟ୍ଟଗୋଳ। ସମ୍ବିଧାନ ପ୍ରଣେତାଙ୍କୁ ଶାହ ଅପମାନିତ କରିଥିବା କଂଗ୍ରେସର ଅଭିଯୋଗ।

ଗାଜା ଷ୍ଟ୍ରିପ୍‌ରେ ୧୪ ମାସ ଧରି ଚାଲିଥିବା ଯୁଦ୍ଧର ଅବସାନ ନିମିତ୍ତ ମିଳିତ ଜାତିସଂଘ ଓ ଆରବ ଦେଶସମୂହଙ୍କ ଉଦ୍ୟମ। ଇସ୍ରାଏଲ୍ ଓ ହମାସ ମଧ୍ୟରେ ଶାନ୍ତି ଚୁକ୍ତି ଚୂଡ଼ାନ୍ତ କରିବାକୁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା।

ଅଲମ୍ପିଆନ ରେସ୍‌ଲର ଭିନେଶ ଫୋଗଟ ଚଳିତ ବର୍ଷର ଗୁଗଲରେ ସର୍ବାଧିକ ସର୍ଚ୍ଚ ହେଉଥିବା ବ୍ୟକ୍ତି। ତାଙ୍କ ପରେ ଦ୍ୱିତୀୟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ତୃତୀୟରେ ଏଲ୍‌ଜେପି ମୁଖ୍ୟ ଚିରାଗ ପାଶ୍ୱନ ଅନ୍ତର୍ଭୁକ୍ତ।

ୟୁ-ଟ୍ୟୁବର ରବୀନ୍ଦ୍ର ବାଲୁ ଭାରତୀ ଓ ତାଙ୍କ କମ୍ପାନୀ ରବୀନ୍ଦ୍ର ଭାରତୀ ଏଡୁକେସନ ଉପରେ ବେଆଇନ ନିବେଶ ପାଇଁ ସେବି ୨୦୨୫ ଏପ୍ରିଲ ୪ ଯାଏଁ କଟକଣା ଲଗାଇବା ସହିତ ୯.୫ କୋଟି ଟଙ୍କା ଜରିମାନା କଲା।

ଫେବୃଆରୀରେ ନୁହେଁ ମାର୍ଚ୍ଚ ଶେଷ ଆଡ଼କୁ ପୃଥିବୀ ଫେରିପାରନ୍ତି ଭାରତୀୟ ବଂଶୋଦ୍ଭବ ତଥା ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ସହଯୋଗୀ ବଚ୍ ୱିଲମୋର। ଉଭୟ ଜୁନ ୫ରେ ବୋଇଙ୍ଗ ଷ୍ଟାରଲାଇନର ସ୍ପେଶକ୍ରାଫ୍ଟରେ ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନକୁ ଯାଇଥିଲେ। କିନ୍ତୁ ଷ୍ଟାରଲାଇନର ସ୍ପେଶକ୍ରାଫ୍ଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସୁନୀତା ଏବଂ ୱିଲମୋର ମହାକାଶରେ ଫସିଥିଲେ।

୧୯୯୬ ବ୍ୟାଚ୍ ଓଡ଼ିଆ ଆଇଏଫ୍‌ଏସ୍ ଅଫିସର ଅରୁଣ କୁମାର ସାହୁଙ୍କୁ ବୁଲଗେରିଆ ରାଷ୍ଟ୍ରଦୂତ ନିଯୁକ୍ତ କରାଯାଇଛି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଦିଆଯାଇଥିବା ସୂଚନା ଅନୁଯାୟୀ, ଖୁବ୍‌ଶୀଘ୍ର ସେ ନୂଆ ଦାୟିତ୍ୱ ଗ୍ରହଣ କରିବେ।



## କାନ ଡେରିଥା

କାହ୍ନୁ ବୁଲୁଥିଲେ ଆକାଶ ମାର୍ଗରେ
ସଶକ୍ତ ର ନାରା ନେଇ
ଅଧା ରାସ୍ତାରେ ସେ ହାତ
ଛାଡିଦେଲେ
ମହିଳା ଆସିଲେ ଧାଇଁ
ଦରମା ଗଣ୍ଡାକ ପାଇଁ...
ଏତେ ଦିନ ଧରି ନାଟକ କରିଲେ
ଏବେ ଧରା ଦେଲେ ନାହିଁ ।

■ ଦେବାଶିଷ

# ମୁଖ ଲଜ୍ଜା ଢାଙ୍କିବାକୁ ଆନ୍ଦୋଳନକୁ ଓହ୍ଲାଇବ ବିଜେଡି




- ଧନକଡ ଘଟଣାରେ ନେଇପାରୁନି ନିଷ୍ପତ୍ତି
- ଦୁଇ ନାବରେ ଗୋଡ ଦେଇ ହଲାପଟା

ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ): ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀଶ ଧନକଡଙ୍କ ସଂକ୍ରାନ୍ତରେ ଇଣ୍ଡିମେଣ୍ଟ ଠାରୁ ଦୂରେଇ ସମାଲୋଚନାର ଶିକାର ହୋଇଥିବା ବିଜେଡି ଏବେ ମୁଖଲଜ୍ଜା ରକ୍ଷା ପାଇଁ ଆସନ୍ତା ଜାନୁୟାରୀରେ ଆନ୍ଦୋଳନକୁ ଓହ୍ଲାଇବାପାଇଁ ଘୋଷଣା କରିଛି । ତେବେ ଦରଦାମ ବୃଦ୍ଧିକୁ ନେଇ ବିଜେଡି ଆନ୍ଦୋଳନ କରିବ ବୋଲି ଘୋଷଣା କରିଥିବାବେଳେ ଜାନୁୟାରୀ ୬ ତାରିଖ ବେଳକୁ ଦରଦାମ କିଭଳି ସ୍ଥିତିରେ ଥିବ ତାହାକୁ ନେଇ ଦଳୀୟ କର୍ମୀମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି ।

ରାଜ୍ୟସଭା ଅଧ୍ୟକ୍ଷ ଧନଖଡଙ୍କ ଆଚରଣରେ ଅତିଷ୍ଠ ହୋଇ ତାଙ୍କ ବିରୁଦ୍ଧରେ ରାଜ୍ୟ ସଭାରେ ଇଣ୍ଡିମେଣ୍ଟ ଅନାସ୍ଥା ଆଣିବାକୁ ଘୋଷଣା କରିବା ସହିତ ବିରୋଧିଙ୍କ ସହଯୋଗ ଲୋଡିଥିଲା । ସମସ୍ତେ ଭାବିଥିଲେ ବିଜେପି ଠାରୁ ହାରି କ୍ଷମତାରୁ ବିଦା ହୋଇଥିବା ବିଜେଡି ରାଜ୍ୟସଭାରେ ବିଜେପିକୁ ଘେରିବ । ହେଲେ ବିଜେଡି ସାଂସଦ ନିରଞ୍ଜନ ବିଶି କହିଥିଲେ ଯେ ରାଜ୍ୟସଭାରେ ବିଜେଡି ନିରବ ରହିବ। ଇଣ୍ଡିମେଣ୍ଟକୁ ସହଯୋଗ କରିବ ନାହିଁ ।

ସାଂସଦଙ୍କ ଏଭଳି ମନ୍ତବ୍ୟ ପରେ ବିଜେଡି ଏବେ ହରଡଘଣାରେ ପଡିଛି । ଦଳ ପୁଣି ବିଜେପିର ନିକଟତର ହେଉଥିବା ଆଲୋଚନା ହେଉଛି । ଏପରିକି ବିଜେପି ଭୟରେ ବିଜେଡି ଏଭଳି ନିଷ୍ପତ୍ତି ନେଇଥିବା ବିରୋଧିମାନେ କହୁଛନ୍ତି । ଯଦିଓ ବିଜେଡି ଦଳୀୟ ଭାବେ କିଛି ସ୍ପଷ୍ଟ କରୁନାହିଁ, କିନ୍ତୁ ରାଜ୍ୟସଭା ଘଟଣାରେ ସମାଲୋଚିତ ହେବାରେ ଲାଗିଛି ।

ଏହି ଅପବାଦରୁ ମୁକୁଳିବାପାଇଁ ଦଳ ଏବେ ଦରଦାମ ବୃଦ୍ଧି ଆନ୍ଦୋଳନକୁ ସାହାରା କରିଛି । କାରଣ ଆଳୁ ସମେତନ ଅନ୍ୟାନ୍ୟ ଦରବୃଦ୍ଧି ପ୍ରସଙ୍ଗରେ ବିଧାନସଭା ଭିତରେ ଓ ବାହାରେ ବିରୋଧିଦଳ ହିସାବରେ ବିଜେଡି ସେଭଳି ବିରୋଧ କରିନଥିବାବେଳେ ହଠାତ୍ ଜାନୁୟାରୀ ୬କୁ ଆନ୍ଦୋଳନ ତାରିଖ ଧାର୍ଯ୍ୟ କରିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ତେବେ ସଭ୍ୟ ସଂଗ୍ରହରେ ଫେଲ ମାରିଥିବା ବିଜେଡି କେତେଦୂର ଆନ୍ଦୋଳନକୁ ସଫଳ କରି ସମାଲୋଚନାକୁ ଢାଙ୍କିବ ତାହା ଉପରେ ଏବେ ସମସ୍ତଙ୍କ ନଜର ।

ଗୋଟିଏ ପଟେ ଦଳରୁ ଜଣକ ପରେ ଜଣେ ସାଂସଦ ବିଜେପିକୁ ପଳାଇବା ଏବଂ ସଭ୍ୟ ସଂଗ୍ରହ ସେଭଳି ସଫଳ ହୋଇପାରୁନଥିବାରୁ କର୍ମୀମାନେ ଦଳୀୟ ନେତାଙ୍କ ➪ପୃଷ୍ଠା-୬

### ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା

# ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣରେ ୨ ହଜାର ୨୩୯ କୋଟି ବ୍ୟୟ ବରାଦ




**କେନ୍ଦ୍ରାପଡ଼ା,୧୮।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ବୁଧବାର ଆୟୋଜିତ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଶୁଭ ଉଦଘାଟନ କରିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଓ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଆଭିମୁଖ୍ୟ ସମ୍ପର୍କରେ ମତ ବ୍ୟକ୍ତ କରିବା ସହ ନିମନ୍ତ୍ରିତ ଅତିଥି ଓ ଉପସ୍ଥିତ ଚାଷୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପ୍ରାଣି ସଂପଦ ଓ ମତ୍ସ୍ୟ ଚାଷ ଅନେକଙ୍କୁ ଦେଇଛି ନୂଆ ପରିଚୟ । ସେମାନଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ସହ ସେମାନଙ୍କ ମୁହଁରେ ଫୁଟାଇଛି ହସ । ଚାଷୀଙ୍କୁ ବର୍ଷସାରା ରୋଜଗାର ଯୋଗାଇଛି । ମତ୍ସ୍ୟ ଓ ପ୍ରାଣିସଂପଦର ବିକାଶ ସମ୍ପ୍ରତି ଗ୍ରାମାଞ୍ଚଳ ଅର୍ଥନୀତିର ମେରୁଦଣ୍ଡ ଭାବେ ଉଭା ହୋଇଛି । ତେଣୁ ରାଜ୍ୟ ଅର୍ଥନୀତି ଓ ସାମାଜିକ ସଶକ୍ତିକରଣକୁ ଦୃଷ୍ଟିରେ ରଖି ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଇଛି ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ । ଏହି ମେଳା ଗୋପାଳକ, ପ୍ରାଣିପାଳକ, ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଶେଷଜ୍ଞ ଏବଂ ବ୍ୟବସାୟିକ ସଂସ୍ଥା ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ । ମତ୍ସ୍ୟ ଓ ପ୍ରାଣିପାଳନ କ୍ଷେତ୍ରରେ ବ୍ୟବହାର କରାଯାଉଥିବା ନୂତନ ଜ୍ଞାନକୌଶଳ ସମ୍ପର୍କରେ ଚାଷୀମାନେ ଜାଣିବାର ସୁଯୋଗ ପାଇଥାନ୍ତି। ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ "ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା" କାର୍ଯ୍ୟକାରୀ ହୋଇଛି । ଏହି ଯୋଜନାରେ ୫ ବର୍ଷରେ ୧୪୨୩ କୋଟିରୁ ଅଧିକ ଟଙ୍କା ବିନିଯୋଗ ହେବ। ଗୋପାଳନ ଓ ମଇଁଷି ପାଳନ ପାଇଁ ୬୦ରୁ ୭୦ ପ୍ରତିଶତ ରିହାତି ଦେବା ପାଇଁ ସରକାର ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାର ହିତାଧିକାରୀମାନଙ୍କୁ ୫୦ ପ୍ରତିଶତ ରିହାତି ସହ ଓଡ଼ିଶା ବାହାରୁ କିଣୁଥିବା ଗାଈଙ୍କ ଦାମ ଉପରେ ୧୫ ପ୍ରତିଶତ ଅତିରିକ୍ତ ରିହାତି ଦିଆଯାଉଛି । ସେହିଭଳି "ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ" ଯୋଜନାରେ ୫ ବର୍ଷ ନିମନ୍ତେ ୨ ହଜାର ୨୩୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହାର ସୁଫଳ ପ୍ରାୟ ୧୪ ଲକ୍ଷ ମତ୍ସ୍ୟଜୀବୀଙ୍କୁ ମିଳିବ । ରାଜ୍ୟର ମତ୍ସ୍ୟଚାଷୀ, ପ୍ରାଣୀପାଳକ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରୁ ଯଥେଷ୍ଟ ଉପକୃତ ହେବେ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ ।

ଉକ୍ତ ଶୁଭ ଉଦ୍‌ଘାଟନ ଉତ୍ସବ ପ୍ରାରମ୍ଭରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଭକ୍ତିପୁଷ୍ପ ପ୍ରଦାନ ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଉତ୍ସବରେ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିଭାଗ ଦ୍ୱାରା ୨ ଜଣ ମତ୍ସ୍ୟ ଚାଷୀ ଓ ୨ ଜଣ ପ୍ରାଣିପାଳକଙ୍କୁ ପୁରସ୍କୃତ କରାଯାଇଥିଲା । ୨୦୦୦ ରୁ ଉର୍ଦ୍ଧ୍ୱ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ । ୩୬ ଟି ଷ୍ଟଲ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ଆୟୋଜନ କରାଯାଇଥିଲା । ଏଥିରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ମିଡ଼ିଆର ପ୍ରତିନିଧିମାନେ ଯୋଗ ଦେଇଥିଲେ । ସନ୍ଧ୍ୟାରେ ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କଳାକାର ଙ୍କ ଦ୍ୱାରା କଳା ପ୍ରଦର୍ଶନ କରାଯାଇଛି ।

## ଓଳାଭର ମୁଖ୍ୟ ରାସ୍ତାରେ ବଢୁଛି ଟ୍ରାଫିକ ସମସ୍ୟା



**ରାଜକନିକା,୧୮।୧୨(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଓଳାଭର ମାର୍କେଟ ଏକ ବ୍ୟବସାୟ ପେଣ୍ଠସ୍ଥଳୀ ହୋଇଥିବା ବେଳେ, ଦୈନିକ ମାର୍କେଟରେ ଭିଡ ପରିଲକ୍ଷିତ ହୋଇଥାଏ । ଏହି କ୍ରମରେ ବୁଧବାର ଓଳାଭର କଲେଜର କ୍ୟାଣ୍ଟିନ୍ ଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ଗାଡିମଟର ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ଏମିତିକି ତତ୍କାଳ ସେବା ଯୋଗାଉ ଥିବା ଅଗ୍ନିଶମ ଗାଡି ମଧ୍ୟ ଭିଡ଼ରେ ଫସି ରହିଥିବା ଦେଖିବାକୁ ମିଳିଥିଲା। ରାଜକନିକା ପଟୁ ଆସୁଥିବା ଏହି ଗାଡ଼ି ଭିଡ଼ରେ ପାଖାପାଖି ଅଧଘଣ୍ଟା କାଳ ଫସି ରହିଥିଲା । କଲେଜ କ୍ୟାଣ୍ଟିନରୁ ତାରିଣୀ ଛକ ମାତ୍ର ୫ଶହ ମିଟର ରାସ୍ତା ହୋଇ ନ ଥିବା ବେଳେ, ରାସ୍ତାର ବାମପଟେ କଲେଜ ପଡିଆ ଓ ଡାହାଣ ପଟେ ରାସ୍ତାକୁ ଲାଗି ବ୍ୟବସାୟୀକ ଦୋକାନ ଘର ରହିଛି । ଏବଂ ଏହି ରାସ୍ତାରେ କଟକ-ଭୁବନେଶ୍ୱରକୁ ଯିବାକୁ ଥିବା ବସ ଗୁଡିକ ପାର୍କିଂକରି ରହୁଥିବା, ମଟର ସାଇକେଲ, ତିନିଚକିଆ, ଚାରିଚକିଆ ଆଦି ଯାନ ଏହି ସଙ୍କୁଚିତ ରାସ୍ତାରେ ପାର୍କିଂ କରିବା ଦ୍ୱାରା ସଙ୍କୁଚିତ ରାସ୍ତାଟି ଆହୁରି ଅଧିକ ସଙ୍କୁଚିତ ହୋଇଯାଉଛି । ସୂଚନାଯୋଗ୍ୟ ଏହି ରାସ୍ତାରେ ଜବର ଦଖଲ ପାଇଁ ଗତକାଲି ଅର୍ଥାତ୍ ମଙ୍ଗଳବାର ଦିନ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଗତ ୧୦.୧୧.୨୪ରିଖ ଚିଠି ନଂ:୩୪୧୪ ଜବରଦଖଲ ଉଚ୍ଛେଦ ବଳରେ ଏକ କ୍ୟାମ୍ପକେର୍ଟ ଜରିଆରେ ଆଗାମୀ ୩୦ଦିନ ମଧ୍ୟରେ ଜୋରିମାନା ସହ ୨୭ ଜଣଙ୍କୁ ଜବରଦଖଲ ଉଚ୍ଛେଦ କରିବାକୁ ନୋଟିସ୍ ଜାରି କରିଛନ୍ତି ।

## ଚାଷୀ ଓ ବୈଜ୍ଞାନିକ ଆଲୋଚନା



**କେନ୍ଦ୍ରାପଡ଼ା,୧୮।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଚାଷୀ ଓ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପଶୁ ସମ୍ପଦ ବିଭାଗର ଡ଼ଃ ମୃତ୍ୟୁଞ୍ଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମତ୍ସ୍ୟ ବିଜ୍ଞାନ ବିଭାଗର ଡ଼ଃ ସନ୍ତୋଷ ଉଦଗାତା, ଆରଚିମନ ଲହରୀ, ଡ଼ଃ ଖୁଣ୍ଟିଆ ମୁର୍ମୁ ପ୍ରାଣୀ ସମ୍ପଦ ବିଭାଗ ର ଡ଼ଃ ବୀର କିଶୋର ପରିଡା, ରବୀନ୍ଦ୍ର ମହୋନ ମହାରଥୀ, ଡ଼ଃ ପ୍ରଭଞ୍ଜନ କବି, ଡ଼ଃ ବିବେକାନନ୍ଦ ସାହୁ, ଡ଼ଃ ସୁଆଂଶୁ ଶେଖର ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ୯ଟି ବ୍ଲକର ବିଭିନ୍ନ ପଂଚାୟତ ରୁ ଆସିଥିବା ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଲିଙ୍ଗ ନିରୂପିତ ହୀମିକୃତ ଶୁକ୍ର, ଉର୍ମି କମ୍ପୋଷ୍ଟ ଓ ଗୋଶାଳା, ମତ୍ସ୍ୟଚାଷ ର ଉପକାରିତା, ଜିଆ ଖତ ମାଧ୍ୟମରେ ଆୟକୁ ଦ୍ୱିଗୁଣିତ କରିବା ସଂପର୍କରେ ଉପସ୍ଥିତ ଥିବା ଚାଷୀ ମାନଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଚାଷୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ବୈଜ୍ଞାନିକ ମାନଙ୍କ ଠାରୁ ପଚାରି ବୁଝିବା ସହ ସମସ୍ୟା ସଂପର୍କରେ ସମାଧାନ କରିଥିଲେ ।

# ଅବ୍ୟବସ୍ଥା ଘେରରେ ସଫେଇ କର୍ମଚାରୀଙ୍କ ପରିବାର

- ଶୀତକାକରରେ ଦିନ କାଟୁଛନ୍ତି, ଘର ନଥିବାରୁ ଏଣେତେଣେ ଶୋଉଛନ୍ତି
- ୧୫୫ ବର୍ଷର ପୌରପାଳିକାର ବିକଳ ଚିତ୍ର



**କେନ୍ଦ୍ରାପଡ଼ା,୧୮।୧୨(ସଂଚାର ବ୍ୟୁରୋ):** ପୌରପାଳିକା କୁ ପୁରିଛି ୧୫୫ବର୍ଷ ଏହାରି ଭିତରେ ବିଭିନ୍ନ ସରକାର ମଧ୍ୟ ପରିବର୍ତ୍ତନ ହୋଇସାରିଲାଣି ହେଲେ ଏପର୍ଯ୍ୟନ୍ତ ପୌରପାଳିକାର ବିଧି ବ୍ୟବସ୍ଥା ବଦଳି ପାରିଲା ନାହିଁ। ପୌରପାଳିକା କୁ ସ୍ୱଚ୍ଛତା ଆଣିବା ତ ଦୂରର କଥା ପୌର ବାସିନ୍ଦା ଙ୍କ ସମସ୍ୟା ପ୍ରତି ଏପର୍ଯ୍ୟନ୍ତ କାହାର ନଜର ପଡୁନି । ପୌରପାଳିକା କୁ ସ୍ୱଚ୍ଛତା ଏବଂ ସୁନ୍ଦର ରଖିବା ପାଇଁ ଯେଉଁ ମାନେ ଦିନ ରାତି ଅହରହ ପରିଶ୍ରମ କରି ସଫେଇ କରିଥାନ୍ତି ଆଜି ସେମାନେ ଖୋଲା ଆକାଶ ତଳେ ଦିନ କାଟୁଛନ୍ତି । କିଛି କର୍ମଚାରୀ ଙ୍କ ଛୋଟ ଛୋଟ କୁଡିଆ ଥିଲେ ମଧ୍ୟ ତାହା ଥିବା ଯାହା ନଥିବା ଭଳି ମନେ ହେଉଛି। ଏଭଳି ଦୟନୀୟ ଦୃର୍ଶ୍ୟ କେନ୍ଦ୍ରାପଡ଼ା ପୌରପାଳିକା ରେ ଦେଖିବାକୁ ମିଳିଛି । କାରଣ ସଫେଇ ଦାୟିତ୍ୱ ନିଜ ମୁଣ୍ଡରେ ବୋହୁଥିବା କର୍ମଚାରୀଙ୍କୁ ଆଶ୍ରୟ ନେବାକୁ ପଡୁଛି ଖୋଲା ଆକାଶ ତଳେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୧୫ ମିଟର ଦୁରରେ ଅବସ୍ଥିତ ଏହି ସଫେଇ କର୍ମଚାରୀଙ୍କ ଗାଁ ଚଉଁରୀ ବ୍ରହ୍ମପୁର ବା ସ୍ୱିପର କଲୋନୀର ଅଧିବାସୀମାନେ ଏହି ହାଡ଼ ଭଙ୍ଗା ଶୀତ କାକରରେ ଶୋଇ ରହୁଛନ୍ତି ଖୋଲା ଆକାଶ ତଳେ। ଏହି କଲୋନୀର ସ୍ୱିପର ମାନେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟା ଭୋଗି ଆସୁଛନ୍ତି। କଲୋନୀରେ ୨୫୦ ଉର୍ଦ୍ଧ ପରିବାର ୨୦୦୦ରୁ ଉର୍ଦ୍ଧ୍ୱ ପୁରୁଷ ମହିଳା ରହିଆସୁଥିବା ଜଣାପଡିଛି। କେବଳ ସେତିକି ନୁହେଁ,ଏମାନେ ରହୁଥିବା କଲୋନୀର ପଟ୍ଟା ଖଣ୍ଡକ ପାଇଁ ବାରମ୍ବାର ପ୍ରଶାସନ ପାଖକୁ ଦୌଡ଼ି ନୟାନ୍ତ ହେବାକୁ ମଧ୍ୟ ପଡୁଛି ହେଲେ କିଛି ସୁଫଳ ମିଳୁନି । ମ୍ୟୁନିସିପାଲିଟି ପ୍ରତିଷ୍ଠା ଦିନରୁ ସ୍ୱିପର ମାନଙ୍କୁ ପୌର ପରିଷଦ ଅଧିନ ୧୩ନଂ ୱାର୍ଡରେ ମାତ୍ର ୩୦ ଜଣଙ୍କୁ ଅବସ୍ଥାପିତ କରାଯାଇଥିଲା।କାଳକ୍ରମେ ପରିବାର ସଂଖ୍ୟା ଓ ଲୋକସଂଖ୍ୟା ବୃଦ୍ଧି ପାଇ ଏବେ ତାହା ଏକହଜାର ଛୁଇଁବାକୁ ବସିବାକୁ ଥିବା ବେଳେ ମୁଣ୍ଡ ଉପରେ ଛାତ ଖଣ୍ଡିଏ ନଥିବାରୁ ଏମାନଙ୍କୁ ବର୍ଷର ୩୬୫ଦିନ ସିନେମା ହଲ କାଁଥ,ଗାଁ ରାସ୍ତା ଓ ଖୋଲା ଆକାଶ ତଳେ ମୁଣ୍ଡ ଗୁଞ୍ଜିବାକୁ ପଡୁଛି। ଏହି ସ୍ୱିପର କଲୋନୀର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଅନେକ ରାଜନେତା ଏବଂ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ,ଉପ ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ଯେତେ ଜଣାଇଲେ ମଧ୍ୟ ଏହାକୁ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି ସ୍ୱିପର ସଙ୍ଘ ନେତା। ମ୍ୟୁନିସିପାଲିଟିର ୨୧ଟି ୱାର୍ଡ ମଧ୍ୟରୁ ସମସ୍ତ ୱାର୍ଡକୁ ଦୁଇ-ଚତୁର୍ଥାଂଶ ଜମି ପଟ୍ଟା ଓ ସରକାରୀ ଆବାସ ମିଳିସାରିଥିବା ବେଳେ ଏହି ଯୋଜନା ଗୁଡିକ ସ୍ୱିପର କଲୋନୀ ବାସିନ୍ଦାଙ୍କ ପାଇଁ ସାତ ସପନ ପାଲଟିଛି। ତେବେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରସ୍ତ ସମୟରେ ଏହି ବସ୍ତିକୁ ପରିଦର୍ଶନ କରିବା ସହ ବସ୍ତି ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ବସ୍ତିରେ ଲାଗିରହିଥିବା ଏହି ଦୀର୍ଘ ଦିନର ସମସ୍ୟା କୁ ସମାଧାନ ପାଇଁ ନୂଆ ସରକାର ସମ୍ପୂର୍ଣ୍ଣ ଭାବେ ଚେଷ୍ଟା କରିବେ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି। କିନ୍ତୁ ସମସ୍ୟା ଭୋଗୁଥିବା ଅସହାୟ ଗରିବ ସଫେଇ ପରିବାରକୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାର ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ୨୫ଲକ୍ଷ ଟଙ୍କାରେ ଭୋଗ ଦୋକାନ ନିଲାମ



**କେନ୍ଦ୍ରାପଡ଼ା,୧୮।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉ ଙ୍କ ମନ୍ଦିର ଭିତର ବେଢାରେ ଥିବା ଅମଣିହା ଭୋଗ ଦୋକାନ ନିଲାମ କରାଯାଇଛି । ଜାନୁଆରୀ ୧୬ ତାରିଖ ଠାରୁ ୨୦୨୮ ଜାନୁଆରି ୧୫ ତାରିଖ ପର୍ଯ୍ୟନ୍ତ ୩ ବର୍ଷିଆ ସୂତ୍ରରେ ଏହି ଭୋଗ ଦୋକାନ ପ୍ରକାଶ୍ୟ ନିଲାମ ପାଇଁ ବୁଧବାର ନିଲାମ ଡକା ଯାଇଥିଲା। ଏଥିପାଇଁ ୪ଜଣ ଆଶାୟୀ ନିଲାମ ଡାକିଥିଲେ ମଧ୍ୟ ସୌରଚନ୍ଦ୍ର ସାହୁଙ୍କ ନିଲାମ ଡାକ ସର୍ବାଧିକ ବାର୍ଷିକ ୨୫ ଲକ୍ଷ ଏକ ଶହ ଟଙ୍କା ସୂତ୍ରରେ ୩ ବର୍ଷ ପାଇଁ ନିଲାମ ଦିଆ ଯାଇଛି। ଏହି ନିଲାମ ସମୟରେ ଦେବୋତର ନିରୀକ୍ଷକ ଶକ୍ତି ପ୍ରସନ୍ନ ନାୟକ, ଟ୍ରଷ୍ଟବୋର୍ଡ ସଭ୍ୟ ବଳରାମ ସୁଆର, ରଞ୍ଜ କୁମାର ପୃଷ୍ଟି, ଦେବୋତର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । କେଶପୁର ର ଜୟଦେବ ପତ୍ରୀ, ବଡ ବାରଙ୍ଗର ପ୍ରଦିପ କୁମାର ପୃଷ୍ଟି ଓ ଶ୍ୟାମଗୁଡିଆର ଦିବାକର ସାହୁ ନିଲାମ ଡାକରେ ଅଂଶ ଗ୍ରହଣ କରିଥିଲେ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ପତ୍ରୀ ସୂଚନା ଦେଇଛନ୍ତି ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା,୧୮।୧୨(ସଂଚାର ବ୍ୟୁରୋ):** ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ବୀର ନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନୀୟ ଅଂଚଳରେ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ଏକ ପ୍ରମୁଖ ଚିକିତ୍ସା କେନ୍ଦ୍ର ଥିବାବେଳେ ଏହାର ସମସ୍ୟା ଯୋଗୁଁ ଆସୁଥିବା ରୋଗୀ ମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ରୁ ବଞ୍ଚିତ ହେଉଛନ୍ତି ! ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଭିତିଭୂମି ଓ ପରୀକ୍ଷାଗାର ର ବିଶେଷ ସୁବିଧା ନଥିବା ବେଳେ ରୋଗୀ ମାନଙ୍କ ହିତ ଦୃଷ୍ଟିରୁ ସ୍ୱାସ୍ଥ୍ୟ ପରକ୍ଷା ନିମନ୍ତେ ଆବଶ୍ୟକୀୟ ଉପକରଣ ଓ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରପରି ପରୀକ୍ଷା ଉପକରଣ ଯୋଗାଇବା, ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ ଘଣ୍ଟିଆ ସେବା ଯୋଗାଇବା ଆଦି ଦାବି ନେଇ ପଂଚାୟତ ବାସୀ ମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ସହ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଆସୁଥିବାରୁ ତାହାର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ଅସହଯୋଗ ଓ ମୁନାଫାଖୋର ମନୋଭାବ ପାଇଁ ବୀର ନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଚରମ ଅବହେଳାର ଶୀକାର ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ସ୍ୱାସସ୍ଥ୍ୟକେନ୍ଦ୍ର ର ସମସ୍ୟା ସଂପର୍କରେ ଅନୁଧ୍ୟାନ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୭ଟି ପଂଚାୟତର ସରପଂଚ ସମିତି ସଭ୍ୟଙ୍କ ସମେତ ପଂଚାୟତବାସୀ ମାନେ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଦାବିପତ୍ରରେ ନହଙ୍ଗ ସରପଂଚ ବିଳାଶିନୀ ସେଠୀ, ଛୋଟୀର ରଜନୀ ମଲିକ, କୁରୁଜଙ୍ଗାର ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଲକ୍ଷ୍ମୀପ୍ରିୟା ସେଠୀଙ୍କ ସମେତ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲଖି ଚନ୍ଦ୍ର ମହାଭୋଇ, ପ୍ରଭାକର ସାମଲ, କୁଞ୍ଜ ବିହାରୀ ଦାସ,ନାରାୟଣ ଲେଙ୍କା, କୈଳାସ ଚନ୍ଦ୍ର ଲେଙ୍କା, ଭବାନୀ ପ୍ରସାଦ ଓଝା ପ୍ରମୁଖ ଜିଲ୍ଲାପାଳ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ସମସ୍ୟାରେ ଜଗମୋହନ ନୋଡାଲ ଉଚ୍ଚ ବିଦ୍ୟାଳୟ

### ନାହିଁ ସୁରକ୍ଷା ପ୍ରାଚୀର ସନ୍ଧ୍ୟା ହେଲେ ଜମୁଛି ଅସାମାଜିକଙ୍କ ଆଡ୍ଡା




**ଦଶମ ପରୀକ୍ଷାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ?**

**ମହାକାଳପଡ଼ା,୧୮।୧୨(ସଂଚାର ବ୍ୟୁରୋ):** ଅବ୍ୟବସ୍ଥା ଭିତରେ ପଡି ରହିଛି ବହୁ ପୁରାତନ ଉଚ୍ଚ ବିଦ୍ୟାଳୟ। ପ୍ରାଚେରୀ ନଥିବାରୁ ସନ୍ଧ୍ୟା ହେଲେ ଏହି ବିଦ୍ୟାଳୟ ଅସାମାଜିକ ବ୍ୟକ୍ତି ମାନଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଆନୁସଙ୍ଗିକ ଭିତ୍ତିଭୂମିର ଅଭାବ ମଧ୍ୟ ଦେଖିବାକୁ ମିଳିଛି। ଯାହାକୁ ନେଇ ଅସନ୍ତୋଷ ଦେଖାଇଛନ୍ତି ବୟୋଜ୍ୟେଷ୍ଠ ଓ ବୁଦ୍ଧିଜୀବି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାରଡାଙ୍ଗ ଗ୍ରାମର ଜଗମୋହନ ନୋଡାଲ ଉଚ୍ଚ ବିଦ୍ୟାଳୟ ଏବେ ଅବ୍ୟବସ୍ଥା ଭିତରେ ରହିଛି। ୧୯୬୫ ମସିହାରୁ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟର ସୁରକ୍ଷା ପ୍ରାଚୀର ନାହିଁ। ଯାହାଫଳରେ ବିଦ୍ୟାଳୟ ପରିସରକୁ ଅବାଧ ପ୍ରବେଶ ହେଉଛି।କେବଳ ଗାଇ ଗୋରୁ ଙ୍କ ଅବାଧ ପ୍ରବେଶ ହେଉଛି ତାହା ନୁହେଁ ବରଂ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିମାନେ ଏହି ବିଦ୍ୟାଳୟ ଭିତରେ ପଶି ଆଡ୍ଡା କରୁଛନ୍ତି। ଦିନରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରୁନାହାଁନ୍ତି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ସଂଯୋଗୀକରଣ ରାସ୍ତା ନଥିବାରୁ ବର୍ଷା ଦିନେ ଛାତ୍ରଛାତ୍ରୀମାନେ ପାଣି କାଦୁଅରେ ପଶି ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି। କିଛି ବର୍ଷତଳେ ପ୍ରାଚୀର ନିର୍ମାଣ ପାଇଁ ଅର୍ଥ ଅନୁମୋଦନ ହୋଇଥିଲା, ହେଲେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ପାଇଁ ତାହା ଭୁଶୁଡ଼ି ପଡ଼ିଛି। ଆଗକୁ ଦଶମ ଶ୍ରେଣୀ ପିଲାମାନଙ୍କ ବୋର୍ଡ଼ ପରୀକ୍ଷା। ଏହି ସ୍କୁଲରେ ବୋର୍ଡ଼ ପରୀକ୍ଷା କେନ୍ଦ୍ର କରାଯାଏ। ହେଲେ ସୁରକ୍ଷା ପ୍ରାଚୀର ନଥିବାରୁ କେନ୍ଦ୍ରର ସୁରକ୍ଷା ଓ ପରୀକ୍ଷାର ସ୍ୱଚ୍ଛତାକୁ ନେଇ ଏବେ ସନ୍ଦେହ ବଢ଼ିଛି। ଯେଉଁ ବିଦ୍ୟାଳୟ ହଜାର ହଜାର ଛାତ୍ରଛାତ୍ରୀ ମାନଙ୍କ ସୁନେଲି ଭବିଷ୍ୟତ ତିଆରି କରିଛି ତାହାର ସ୍ଥିତି ଏବେ ବିପର୍ଯ୍ୟସ୍ତ ହେବାକୁ ବସିଲାଣି। ଏଥିପାଇଁ କାହାରି ଦୃଷ୍ଟି ନଥିବା ମନେ ହେଉଛି। ବିଦ୍ୟାଳୟର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ମହାନତା

## ରୋଗଗ୍ରସ୍ତ ସୁମିତ୍ରାଙ୍କ ପରିବାର ପାଖରେ ପହଞ୍ଚାଇଲେ ସହାୟତା



**ମହାକାଳପଡା,୧୮।୧୨(ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅନ୍ତର୍ଗତ ଜୟଚନ୍ଦ୍ରପୁର ଗ୍ରାମ ରେ ବସବାସ କରନ୍ତି ସମୀର ସ୍ୱାଇଁ ଙ୍କ ପରିବାର । ପରିବାର କହିଲେ ପାଠ ପଢୁଆ ପାଞ୍ଚ ଝିଅ ଙ୍କ ସହ ତାଙ୍କ ସ୍ତ୍ରୀ ସୁମିତ୍ରା ସ୍ୱାଇଁ। ସମୀର ଜଣେ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ସ୍ତ୍ରୀ ସୁମିତ୍ରା ପରିବାର କୁ ଦୁଃଖେ କଷ୍ଟେ ଚଳାଇ ଥାନ୍ତି। ପିଲା ମାନେ ସମସ୍ତେ ଜଣେ ଜଣେ ଭଲ କୃତି ଛାତ୍ରୀ। କିଏ ଖେଳ ରେ ତ କିଏ ଚିତ୍ରାଙ୍କନ ତ କିଏ ପାଠ ପଢା ରେ ନିପୁଣ। ଭଗବାନ ଙ୍କ ବିଚିତ୍ର ନିୟମ ଆଗ ରେ ମଣିଷ ଅସହାୟ। ଏହିପରି ଏହି ପାରିବାର ରେ ଘଟି ଯାଇଛି। ପରିବାରକୁ ସୂଚାରରୁପେ ଚଳାଉଥିବା ସୁମିତ୍ରା ଗତ ମାସ ରେ ପକ୍ଷାଘାତ ରୋଗ ରେ ପୀଡ଼ିତ ହୁଅନ୍ତି। ଏହା ପରେ ସୁମିତ୍ରା ନା ଚାଲି ପାରୁଛନ୍ତି ନା ଉଠି ବସି ପାରୁଛନ୍ତି। ତାଙ୍କର ଡାହାଣ ପାଖ ର ହାତ ଓ ଗୋଡ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ଏହି ଦୁର୍ଦ୍ଦିନ ପରେ ପରିବାର ଟି ସମ୍ପୂର୍ଣ୍ଣ ଭାବେ ଅସହାୟ ହୋଇ ପଡ଼ିଛି। ତାଙ୍କର ମେଡିସିନ ଖର୍ଚ୍ଚ ସହ ପରିବାର କିପରି ଚାଲିବ। ପିଲା ଙ୍କ ପାଠ ପଢା କିପରି ହେବ ସମସ୍ତେ ଏବେ ଚିନ୍ତା ରେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସେହି ପରିବାର ପାଖରେ କର୍ମକର୍ତ୍ତା ମାନେ ପହଞ୍ଚିଥିଲେ। ସେହି ପରିବାର କୁ ସାନ୍ତ୍ୱନା ଦେଇଥିଲେ। କିପରି ପିଲା ମାନଙ୍କୁ ପାଠ ପଢିବା ପାଇଁ ସହଯୋଗ ରହିବ ସେ ବିଷୟ ରେ ଆଲୋଚନା କରିଥିଲେ। ସୁମିତ୍ରା ଙ୍କ ପାଇଁ ଶାଢ଼ୀ ଓ ଅନ୍ୟାନ୍ୟ ବସ୍ତ୍ର ପ୍ରଦାନ କରାଯାଇଛି। ସମସ୍ତ ପିଲା ଙ୍କ ପାଇଁ ଶୀତ ବସ୍ତ୍ର,କମ୍ବଳ ଓ ସମୀର ଙ୍କ ପାଇଁ ଲୁଙ୍ଗୀ ଗାମୁଛା ସହିତ ପୋଷାକ ଦିଆଯାଇଛି। ପାରିବାର ପାଇଁ ଏକ ମାସ ର ରାସନ ସାମଗ୍ରୀ ଟ୍ରଷ୍ଟ ପକ୍ଷରୁ ଯୋଗାଇ ଦିଆଯାଇଛି।ଏହି କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ର ଉପଦେଷ୍ଟା ବିଷ୍ଣୁ ଚରଣ ମହାପାତ୍ର, କାଳନ୍ଦୀ ମଲ୍ଲିକ, ତପନ କୁମାର ନାଥ ଓ କେଦାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜଣାଶୁଣା ଚିକିତ୍ସକ ଶତ୍ରୁଘ୍ନ ନାଥଶର୍ମାଙ୍କ ଶ୍ରାଦ୍ଧବାର୍ଷିକୀ



**ପଟ୍ଟାମୁଣ୍ଡାଇ,୧୮।୧୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବିଶିଷ୍ଟ ଚିକିତ୍ସକ ସମାଜସେବୀ ଶତ୍ରୁଘ୍ନ ନାଥଶର୍ମାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସମାଜସେବୀ ଭରତ ଚନ୍ଦ୍ର ନାଥଶର୍ମାଙ୍କ ପୌରହିତ୍ୟରେ ତରଡ଼ିପାଳ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟାପକ ରବି ରଞ୍ଜନ ଶର୍ମା, ଧୋୟାଞ୍ଚଳ ବିକାଶ ପରିଷଦ ସମ୍ପାଦକ ରାଜକୁମାର ବିଶ୍ୱାଳ ବିଚିତ୍ରାନନ୍ଦ ସାମଲ,ସୁରେଶ ଶର୍ମା, କୃପାସିନ୍ଧୁ ନାଥ ଶର୍ମା,ବିନୋଦ ଶର୍ମା, ଶରତ ଶର୍ମା,ବିକାଶ ମଞ୍ଚ କୋଷାଧକ୍ଷ ପ୍ରେମାନନ୍ଦ ସୂତାର, ପତିତପାବନ ଶର୍ମା, କାଦମ୍ବିନୀ ଶର୍ମା, ସମାଜସେବୀ ଜାନକୀ ବିଶ୍ୱାଳ,ପ୍ରଧାନଶିକ୍ଷୟତ୍ରୀ ସୁକାନ୍ତି ନାଥ ଶର୍ମା, ସ୍ମୃତି ରଞ୍ଜନ ଶର୍ମା, ତୃପ୍ତି ରଞ୍ଜନ ଶର୍ମା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ, ଶିକ୍ଷାବିତ ଯୋଗ ଦେଇ ଦିବଂଗତ ଶର୍ମା ଜଣେ ଉତ୍ତମ ଚିକିତ୍ସକ ଭାବେ ସମଗ୍ର ଧୋୟାଞ୍ଚଳର ସେବା ଯୋଗାଇବା ସହିତ କଳାକାର ଭାବେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜଣେ ମିଷ୍ଟଭାଷୀ ପରୋପକାରୀ ବ୍ୟକ୍ତି ଭାବେ ବେଶ ଲୋକପ୍ରିୟ ଥିଲେ ।

## ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କର୍ମଚାରୀଙ୍କ ପରଲୋକ



**କେନ୍ଦ୍ରାପଡ଼ା,୧୮।୧୨(ସଂଚାର ବ୍ୟୁରୋ):** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ତପନ କୁମାର ପରିଡାଙ୍କ ହୃଦଘାତ ଜନିତ କାରଣରୁ ୫୯ ବର୍ଷ ବୟସରେ ପରଲୋକ ଘଟିଛି । ସେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ମେ ମାସ ୧୯୯୦ ମସିହାରେ ଶିକ୍ଷିତ ଚପରାଶି ଭାବରେ ଯୋଗଦାନ କରିଥିଲେ । ଗତ ମଙ୍ଗଳବାର ଦିନ ମଢିଆଳସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାରରେ କାର୍ଯ୍ୟରତ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେବା ବାଟରେ ତାଙ୍କର ହୃଦଘାତ ଜନିତ ମୃତ୍ୟୁ ହୋଇଥିଲା । ସେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ପଂଚାୟତର ଡିହମୁଗବାଡି ଗ୍ରାମରେ ୧୦ ଡିସେମ୍ବର ୧୯୬୫ ମସିହାରେ ଜନ୍ମଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ କର୍ମଚାରୀମାନେ ତାଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହ ଅମର ଆତ୍ମାର ସଦଗତି ପାଇଁ କାମନା କରିଥିଲେ ।

# ଝାଡ଼ମାଳ-ଆୟତନ ରାସ୍ତା କାମ ନିମ୍ନମାନର

**ରାଜକନିକା,୧୮।୧୨(ସଂଚାର ବ୍ୟୁରୋ):** ପୂର୍ତ୍ତବିଭାଗ ଜେଇ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁଁ ନୂଆକରି ପୂର୍ତ୍ତ ବିଭାଗରେ ସାମିଲ ହୋଇଥିବା ଝାଡ଼ମାଳ-ଆୟତନ ରାସ୍ତା କାମରେ ଚାଲିଛି ଅତ୍ୟନ୍ତ ନିମ୍ନମାନର କାମ । କାମ ସମ୍ପର୍କରେ ସର୍ବସାଧାରଣଙ୍କୁ କୌଣସି ସୂଚନା ନ ଦେଇ ବିନା ସୂଚନା ଫଳକରେ ହେଉଛି କୋଟି କୋଟି ଟଙ୍କାର ରାସ୍ତା କାମ । କାମ ଆରମ୍ଭରେ ଏହି ରାସ୍ତାରେ କରାଯାଇଥିବ କଂକ୍ରିଟ କାମରେ ନିମ୍ନ ମାନର ଧସା ବାଲି ସହ ଅଳ୍ପ ପରିମାଣର ସିମେଣ୍ଟ ଦେଇ କଂକ୍ରିଟ ହେବାର ମାସ କେଇଟାରେ ରାସ୍ତାରେ ଗୋଡି ଉଠି ଗଲାଣି । କଂକ୍ରିଟ କାମକୁ ଅତି ନିମ୍ନମାନର କରିଥିବା ଠିକାଦାର ଏବେ ପିଚୁ ପାଇଁ ରାସ୍ତା କାମ ଆରମ୍ଭ କରି ଏଷ୍ଟିମେଟ ଅନୁସାରେ ଆଦୌ କାମ କରୁ ନ ଥିବା ଦେଖିବାକୁ ମିଳିଛି । ପୂର୍ତ୍ତ ବିଭାଗର ଏହି ରାସ୍ତା ନିର୍ମାଣ ପାଇଁ କିଲୋମିଟର ପିଛା ୧କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ରାସ୍ତା କାମ ଚାଲିଛି । ହେଲେ ଏତେ ବଡ଼ ପରିମାଣ ଅନୁଦାନରେ ପୂର୍ତ୍ତ ବିଭାଗର କାମ ଆରମ୍ଭ ହୋଇଥିଲେ ବି ସୂଚନା ଫଳକ ଲଗା ଯାଉନାହିଁ । ପୂନଶ୍ଚ ଠିକାଦାର ଜଣକ ସ୍ଥାନୀୟ ଅଞ୍ଚଳର ହୋଇ ଥିବାରୁ କାମ ସମ୍ପର୍କରେ ପ୍ରତିବାଦ ହେଲେ, ସେ କାମରେ ମାନରେ କୌଣସି ପରିବର୍ତ୍ତନ ନ କରି ଜେଇ ଓ ଏସଡିଓଙ୍କୁ ଦ୍ୱାରା କାମ ଠିକ୍ ହେଉଥିବା କହି କାମ ଆଗେଇ ନେବାକୁ ଉଦ୍ୟମ କରିବାରୁ ବାରମ୍ବାର ଅଭିଯୋଗ କରୁଥିବା ଲୋକେ ଜିଲ୍ଲାପାଳଙ୍କୁ ଗୁହାରୀ କରିଛନ୍ତି । ସୂଚନାଯୋଗ୍ୟ ଝାଡ଼ମାଳ ଠାରୁ ଆୟତନ ଯାଏ ଥିବା ଗ୍ରାମ୍ୟନିର୍ମାଣ ରାସ୍ତାକୁ ପରିବର୍ତ୍ତନ କରାଯାଇ ଏବେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ବିଭାଗ ହସ୍ତାନ୍ତର ହେବା ପରେ ପୂର୍ତ୍ତ ବିଭାଗ ତା'ର ଡିଜାଇନ ଅନୁଯାୟୀ ଏହି ରାସ୍ତା ସମ୍ପ୍ରସାରଣ କରିବା କଥା । ମାତ୍ର ନିୟମ ଅନୁସାରେ ରାସ୍ତାର ଚଉଡା ୧୮ ଫୁଟ ହେବା ସହ ଉଭୟ ପାଖରେ ୩ ଫୁଟ ଅଧିକ ଓସାର ରହିବା କଥା । ମାତ୍ର ତିଆରି ହେଉଥିବା ରାସ୍ତାରେ ପୁରୁଣା ପିଚୁକୁ ଉଠାଇ ପୂରୁଣା ମେଟାଲ ସବୁକୁ ରାସ୍ତା ସାରା ଖେଳାଇ ତା ଉପରେ ୩ ଇଞ୍ଚର ଡବ୍ଲ୍ୟୁଏମ ବିଛା ହେବା କଥା । ହେଲେ ଠିକାଦାର ନାଁ କରୁଛନ୍ତି ରାସ୍ତାକୁ ଓସାର ନାଁ ଦେଉଛନ୍ତି ଡବ୍ଲ୍ୟୁଏମରେ ସଠିକ ପରିମାଣ । ଡବ୍ଲ୍ୟୁଏମରେ ୩୦ ଶତକଡା ଡଷ୍ଟ, ୪୦ ଶତକଡା ୪୦ ମେଟାଲ, ଏବଂ ଅନ୍ୟ ୩୦ ଶତକଡାରେ ଚିପ୍ସ, ବଜୁରୀ ଦେବାର ନିୟମ ଥିବା ବେଳେ, ମାତ୍ର ଡଷ୍ଟ ପକାଇ କାମ ହେଉଛି । ଜେଇ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବଡ଼ ବଜେଟର ଏହି ରାସ୍ତାକୁ ଅତ୍ୟନ୍ତ ନିମ୍ନମାନର କରାଯାଉଛି । ଲୋକଙ୍କ ପ୍ରତିବାଦ ପରେ କାମର ମାନରେ କିଛି ପରିବର୍ତ୍ତନ କରିବା ପରେ ପୁଣି ସେହି ପୁରୁଣା ଢାଞ୍ଚାରେ କାମ ହେଉଛି । ବାରମ୍ବାର କାମର ମାନକୁ ଅତ୍ୟନ୍ତ ନିମ୍ନମାନର କରି ବିଭାଗୀୟ ଯନ୍ତ୍ରୀ ନିଜେ କାମକୁ ନିଜେ ଉତ୍ସାହିତ କରି ଜନ ସାଧାରଣଙ୍କୁ ଠିକେଦାରଙ୍କ ସପକ୍ଷରେ ଯିବାକୁ ଭିତିରିଆ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି । କାମର ମାନରେ ପରିର୍ତ୍ତନ ନ କରି ଠିକାଦାର କାମକୁ ଆଗେଇ ନେବାକୁ ଉଦ୍ୟମ କରିବାରୁ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ସଠିକ ମାନର କାମ କରିବାକୁ ନିବେଦନ କରିଛନ୍ତି । ବାରମ୍ବାର ଏହି ରାସ୍ତାରେ କରା ଯାଉଥିବା ଅତ୍ୟନ୍ତ ନିମ୍ନମାନର କାମକୁ ସ୍ଥାନୀୟ ଯୁବକ ପ୍ରତିବାଦ କରି ବିଭାଗର ଉଚ୍ଚ ଅଧିକାରୀଙ୍କ ନଜରକୁ ନେଉଥିବା ବେଳେ, ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇ କାମ ବନ୍ଦ କରିଛନ୍ତି ।

# ପଞ୍ଚାୟତ ଓରମାସ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):**ପଞ୍ଚାୟତ ସମିତି, ଓରମାସ, ନୟାଗଡ ଦ୍ୱାରା ଆୟୋଜିତ ୪ ଦିନ ବ୍ୟାପୀ ପଞ୍ଚାୟତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ରାଜପଡା ମିନି ଷ୍ଟାଡିଅମ ଠାରେ ଖୁବ ଧୁମଧାମରେ ଚାଲିଛି । ଉଦଘାଟନୀ ଉତ୍ସବରେ ନୟାଗଡ ବିଧାୟକ ମାନ୍ୟବର ଡଃ ଅରୁଣ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଶ୍ରୀଯୁକ୍ତ ସଦାଶିବ ନାୟକ, ଆଗାମୀ ଚଳଚ୍ଚିତ୍ର ବିଧାୟକର ନାୟକ ପ୍ରଦୀପ ଖୁଣ୍ଟିଆ (ଜୋରା), ସିନେ କଳାକାର ଦେବୁ ବ୍ରହ୍ମା, ସୁମନ ମହାରଣା, ଯୁବ ମିଡ଼ିଆ ପ୍ଲାନର ଭରତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ମହୋତ୍ସବରେ ଯୋଗଦେଇଥିବା କଳାକାର ମାନଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ଯୁବ ମିଡ଼ିଆ ପ୍ଲାନର ଭରତ ପ୍ରଧାନଙ୍କୁ ଉପସ୍ଥିତ ବରେଣ୍ୟ ଅତିଥି, ସରପଞ୍ଚ, କମିଟିର ସଭ୍ୟ ବୃନ୍ଦ ତଥା ଗ୍ରାମବାସୀଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ପ୍ରଧାନ ନୟାଗଡ ଜିଲ୍ଲା ମାଟିର ପୁଅ ତା'ସହିତ ଜଣେ ଯୁବ ଉଦ୍ୟୋଗୀ ଭାବରେ ଜିଲ୍ଲା ଗର୍ବ ସମ୍ମାନରେ ସମ୍ମାନିତ ହୋଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଦର୍ଶକଙ୍କ ମନରେ ଅନେକ ଆଗ୍ରହ ଓ ଉତ୍ସାହ ଦେଖିବାକୁ ମିଳିଥିଲା । ନୟାଗଡ଼ର ଏହି ମହୋତ୍ସବରେ ଖାଦ୍ୟଠୁ ଆରମ୍ଭ କରି ଘର ସଜାଇବା ଉପକରଣ ଭଳି ବିଭିନ୍ନ ସାମଗ୍ରୀର ଦୋକାନ ଖୋଲା ଯାଇଥିବାରୁ ନୟାଗଡ ସହର ତଥା ଆଖ ପାଖ ଅଞ୍ଚଳର ଲୋକଙ୍କର ଭିଡ଼ ଜମିଥାଏ । ଏହି ମେଳା ଦ୍ୱାରା ଅନେକ ଲୋକ ଛୋଟ ଛୋଟ ଦୋକାନ କରି ନିଜ ପରିବାର ପୋଷଣ କରିପାରୁଛନ୍ତି । ମେଳା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କର୍ମଶାଳା ମେଳା ପରିସର । ଯାହା ଦ୍ୱାରା ଲୋକମାନେ ଆକର୍ଷିତ ହୋଇ ମେଳା ଦେଖିବାକୁ ଆସିଥାନ୍ତି । ୪ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମେଳା ଦେଖି ଆସୁଥିବା ଅଞ୍ଚଳବାସୀ ଆୟୋଜକ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବକେୟା ବିଦ୍ୟୁତ ଶୁଳ୍କ ଆଦାୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଆଜି ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ଶିଳ୍ପ ସଂସ୍ଥା ମାନଙ୍କ ଉପରେ ରହିଥିବା ବକେୟା ବିଦ୍ୟୁତ ଶୁଳ୍କ ଆଦାୟ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ଶିଳ୍ପ ସଂସ୍ଥା ଗୁଡ଼ିକରୁ ନିଜସ୍ୱ ଉତ୍ପାଦନ ଉପରେ ବକେୟା ଥିବା ବିଦ୍ୟୁତ ଶୁଳ୍କ ଏବଂ ଏହାର ସବିଶେଷ କାରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବିଦ୍ୟୁତ ଶୁଳ୍କ ଛାଡ ଉପରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏବଂ ଅନ୍ୟାନ୍ୟ ଅଦାଲତରେ ବିଚାରାଧୀନ ଥିବା ବିଭିନ୍ନ ମାମଲା ଯୋଗୁଁ ବକେୟା ଶୁଳ୍କ ଆଦାୟ କରିବା ପ୍ରାୟତଃ ସମ୍ଭବପର ହେଉନଥିବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ବକେୟା ବିଦ୍ୟୁତ ରାଶି ଆଦାୟ ପାଇଁ ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ନିଆ ଯାଉଛି। ଆଡଭୋକେଟ ଜେନେରାଲ ଏବଂ ବିଭାଗୀୟ ପରାମର୍ଶଦାତାଙ୍କ ପରାମର୍ଶ ଅନୁଯାୟୀ ଅଦାଲତରେ ବିଚାରାଧୀନ ଥିବା ବିଭିନ୍ନ ମାମଲା ଗୁଡ଼ିକର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ ଦେବ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ଓ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଶକ୍ତି ବିଭାଗ ଆଇନ ପରାମର୍ଶଦାତା ଶ୍ରୀ ସଞ୍ଜୟ ସେନ ଅନଲାଇନ ମାଧ୍ୟମରେ ଯୋଡ଼ିହୋଇ ବୈଠକରେ ଯୋଗଦେଇ ବକେୟା ବିଦ୍ୟୁତ ଶୁଳ୍କ ଆଦାୟ ପାଇଁ ଉପାୟ ଉପରେ ଆଲୋକପାତ କରିଥିଲେ।

**ବିଚାରାଧୀନ ଦେୟ ଏବଂ ମାମଲାଗୁଡ଼ିକର ସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦେଲେ ପରାମର୍ଶ**

### ପରବ-୨୦୨୪ରେ ଆଦିବାସୀ ଐତିହ୍ୟ ପାଳନ କଲା ବେଦାନ୍ତ

# ଆଦିବାସୀ ସଂସ୍କୃତିର ପ୍ରୋତ୍ସାହନ ପାଇଁ ପ୍ରତିଶ୍ରୁତିବଦ୍ଧ

**କୋରାପୁଟ, ୧୮।୧୨ (ସଂଚାର ବ୍ୟୁରୋ):** ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ସମୃଦ୍ଧ ସାଂସ୍କୃତିକ ପର୍ବ 'ପରବ-୨୦୨୪'କୁ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଗର୍ବର ସହ ସମର୍ଥନ କରିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ ଉଦଘାଟନ କରିଥିବାବେଳେ ଆଦିବାସୀ କଳା, ସଂସ୍କୃତି, ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରି ଏହି ଭବ୍ୟ କାର୍ଯ୍ୟକ୍ରମ ହଜାର ହଜାର ଦର୍ଶକଙ୍କୁ ଆକର୍ଷିତ କରିଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶାର ସମୃଦ୍ଧ ସସ୍କୃତି ଉପରେ ଆଲୋକପାତ କରିନଥିଲେ, ବରଂ ଆଦିବାସୀ



କଳାକୃତି, ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ପର୍ଯ୍ୟଟକଙ୍କୁ ଅବଗତ କରାଇବା ପାଇଁ ପ୍ରଦର୍ଶନୀ ଷ୍ଟଲ୍ ଉନ୍ମୋଚନ କରିଥିଲେ । କଳାହାଣ୍ଡି ଲାଞ୍ଜିଗଡ଼ର ପ୍ରତିଭାବାନ ଆଦିବାସୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସଉରା କଳା ଓ ଢୋକ୍ରା ଉତ୍ପାଦ ସମେତ ଆଦିବାସୀ କଳାକୁ ନେଇ ବେଦାନ୍ତ ପକ୍ଷରୁ ଏକ ଷ୍ଟଲ୍ ଖୋଲାଯାଇଥିଲା । ସ୍ଥାନୀୟ କାରିଗରମାନଙ୍କୁ ସଶକ୍ତ କରିବା ଏବଂ ପାରମ୍ପରିକ ହସ୍ତଶିଳ୍ପର ସଂରକ୍ଷଣ ଉଦ୍ଦେଶ୍ୟରେ କମ୍ପାନୀର ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ବିଲୁପ୍ତ ହେବାକୁ ବସିଥିବା ଏହି କଳାଗୁଡ଼ିକୁ ପୁନରୁଦ୍ଧାର କରାଯାଇଥିଲା । ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ପରବ ଭଳି ଉତ୍ସବକୁ ସମର୍ଥନ କରିବା କେବଳ ପାରମ୍ପରିକ କଳାକୁ ପ୍ରୋତ୍ସାହିତ କରେ ନାହିଁ, ବରଂ ସାମୂହିକ ସମ୍ପର୍କକୁ ସୁଦୃଢ଼ କରିଥାଏ ଏବଂ ଆମର ବିବିଧ ସାଂସ୍କୃତିକ ପରମ୍ପରା ପ୍ରତି ଗର୍ବ ବଢ଼ାଇଥାଏ । କୋରାପୁଟ ଜିଲ୍ଲାର ବାସିନ୍ଦା ରାଜୁ ମହାନ୍ତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପରବ ହେଉଛି ଏକ ବାର୍ଷିକ ପର୍ବ ଯାହାକୁ ଆମେ ପ୍ରତିବର୍ଷ ଅପେକ୍ଷା କରିଥାଉ। ସ୍ଥାନୀୟ ସାଂସ୍କୃତିକ ପଦକ୍ଷେପକୁ ସମର୍ଥନ କରିବା ଏବଂ ଆମର ସମୃଦ୍ଧ କଳା ଓ ସଂସ୍କୃତିକୁ ବିଶ୍ୱ ସହ ସେୟାର କରିବା ପାଇଁ ସ୍ଥାନୀୟ ସମୁଦାୟକୁ ଉତ୍ସାହିତ କରିଥିବାରୁ ମୁଁ ବେଦାନ୍ତକୁ ଗଭୀର ପ୍ରଶଂସା କରୁଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବେଦାନ୍ତ ଏହି ଉତ୍ସବପାଇଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସହାୟତା ପ୍ରଦାନ କରିଥିଲା, ଯାହା ସ୍ଥାନୀୟ ସମୁଦାୟର ସାମାଜିକ-ଅର୍ଥନୈତିକ ବିକାଶ ଏବଂ ତୃଣମୂଳ ସ୍ତରର କଳା ଓ ସଂସ୍କୃତିର ସଂରକ୍ଷଣ ପ୍ରତି ନିଜର ନିରନ୍ତର ପ୍ରତିବଦ୍ଧତାକୁ ଦୃଢ଼ କରିଥିଲା । ଏହି କାର୍ଯ୍ୟକ୍ରମ ସ୍ଥାନୀୟ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଦକ୍ଷତା ଏବଂ ପ୍ରକଳ୍ପଗୁଡ଼ିକୁ ସ୍ୱୀକୃତି ଏବଂ ସମ୍ଭାବ୍ୟ ଅଭିବୃଦ୍ଧି ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା । ପୂର୍ବରୁ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ଼ରେ ବିଶ୍ୱର ଦୀର୍ଘତମ ସମ୍ବଲପୁରୀ ଥିଏଟର, କୋରାପୁଟରେ ବିଶ୍ୱ ଆଦିବାସୀ ଦିବସର ସାମୂହିକ ଉତ୍ସବ, ନମଯଜ୍ଞ ଉତ୍ସବ ଏବଂ ଜାମକାଣୀରେ ବାର୍ଷିକ ରଥଯାତ୍ରା ଉତ୍ସବରେ ବାହୁଡ଼ା ଯାତ୍ରାକୁ ସମର୍ଥନ କରିସାରିଛି । ଏହା ପୂର୍ବରୁ ଓଡ଼ିଆ ସଂସ୍କୃତିରେ ଅବଦାନ ପାଇଁ କମ୍ପାନୀ ସମ୍ବଲପୁରୀ ଲୋକକଣ୍ଠଶିଳ୍ପୀ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଜିତେନ୍ଦ୍ର ହରିପାଲଙ୍କୁ ମଧ୍ୟ ସମ୍ମାନିତ କରିଥିଲା ।

## ସର୍ଗିଫୁଲ ଉତ୍ସବ ୨୦୨୪ ଶୁଭାରମ୍ଭ କଲେ ମନ୍ତ୍ରୀ

# କିଶୋର ସୃଜନଶକ୍ତିକୁ ଅଧିକ ଋଦ୍ଧିମନ୍ତ କରିବ ସର୍ଗିଫୁଲ

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଆରମ୍ଭ ହୋଇଯାଇଛି ବହୁ ପ୍ରତୀକ୍ଷିତ ସର୍ଗିଫୁଲ ଉତ୍ସବ ୨୦୨୪ । ତିନିଦିନବ୍ୟାପୀ ହେବାକୁ ଥିବା ଏହି ଉତ୍ସବର ଶୁଭାରମ୍ଭ କରିଛନ୍ତି ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଶ୍ରୀଯୁକ୍ତ ରବି ନାରାୟଣ ନାଏକ । ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯୋଗ ଦେଇ ମନ୍ତ୍ରୀ ଏସସି/ଏସଟି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରିଛନ୍ତି । ସେହିପରି ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଡ. ପୋମା ଟୁଡୁ, ଅନୁସୂଚିତ ଜାତି ନିର୍ଦ୍ଦେଶକ ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ମଲ୍ଲିକ, ବିଭାଗୀୟ ଅତିରିକ୍ତ ଶାସନସଚିବ ତଥା ବିତ୍ତ ପରାମର୍ଶଦାତା ଶ୍ରୀମତୀ ବନିତା ଦାଶ, ଅତିରିକ୍ତ ଶାସନସଚିବ ଶ୍ରୀଯୁକ୍ତ ନାରାୟଣ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।



ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ନାଏକ ସର୍ଗିଫୁଲର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରି କହିଛନ୍ତି, ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ଉପାସକ । ସମୟାନୁକ୍ରମେ ଜନଜାତି ସମ୍ପ୍ରଦାୟ ସର୍ଗିଫୁଲ ବା ଶାଳ ଫୁଲକୁ ଖାଦ୍ୟ ଭାବେ ଗ୍ରହଣ କରିଆସୁଥିଲେ । ପରେ ଏହାକୁ ଜାହିରା ଭାବେ ପୂଜା କରିବା ଆରମ୍ଭ କରିଥିଲେ ତେଣୁ ସର୍ଗିଫୁଲ ହେଉଛି ପ୍ରେରଣାର ଉତ୍ସ । ସେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଏହା ମଧ୍ୟ କହିଛନ୍ତି ଯେ କିଶୋର ସୃଜନଶକ୍ତିକୁ ଅଧିକ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ସର୍ଗିଫୁଲ ଉତ୍ସବ ଆରମ୍ଭ । ଆମ ପିଲାମାନେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ଭଳି ଦକ୍ଷତା ଓ ସାମର୍ଥ୍ୟ ରଖିଛନ୍ତି। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଗୁଣାବଳୀ ଦେଖାଇବା ହେଉଛି ଏହି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ।

ସୂଚନାଯୋଗ୍ୟ, ଉଦଯାପନୀ ଅବସରରେ ୨୦୨୪ ଦଶମ ବୋର୍ଡ଼ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ୧୦ ଜଣ ଏସସି ଏସଟି ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ଶ୍ରୀ ନାଏକ ୫୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିବା ସହ ମାନପତ୍ର ଓ ଜନଜାତି ସମ୍ପର୍କିତ ପୁସ୍ତକ ପ୍ରଦାନ କରାଯାଇଥିଲା। ଜଗତସିଂହପୁରରୁ ମିଲି ଟୁଡୁ, କଳାହାଣ୍ଡିରୁ ସୁପ୍ରଭା ନାଏକ, ମହେଶ ମହାର, ନନ୍ଦିନୀ ନାଏକ, ଚୁମକି ନାଏକ, ଲଭଲି ନାଏକ, ଖୋର୍ଦ୍ଧାରୁ କ୍ରିଷ୍ଟା ଟୁଡୁ, ସମ୍ବଲପୁରରୁ ସୁନେଲି ପ୍ରଧାନ, ନବରଙ୍ଗପୁରରୁ ରଶ୍ମିତା ଭତ୍ରା, ଗଜପତିରୁ କବିତା ଗମାଙ୍ଗ ଏହି ଅବସରରେ ସମ୍ମାନିତ ହୋଇଛନ୍ତି । ଏଥିସହିତ ଏସସି/ଏସଟି ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ଉଦଘାଟନ କରିଛନ୍ତି ମନ୍ତ୍ରୀ ଶ୍ରୀ ନାଏକ ।

ତିନିଦିନବ୍ୟାପୀ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାର ଆୟୋଜନ କରାଯାଇଛି । ୪୦ ଟି ଷ୍ଟଲରେ ୮୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ୪୦ ଗାଇଡ୍ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି । ସାମୁଦ୍ରିକ ପରିମଣ୍ଡଳର ସଂରକ୍ଷଣ, ପରିବେଶ ଅନୁକୂଳ ବାତାବରଣ, କୃତିମ ବୁଦ୍ଧିମତ୍ତା, ଭାରତୀୟ ଅନ୍ତରୀକ୍ଷ ଗବେଷଣା, ସ୍ମାର୍ଟ କ୍ଲାସ ରୁମ୍ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ୫ ଟି ଡୋମ୍ ରେ ତିନିଦିନ ଧରି ବିଭିନ୍ନ କର୍ମଶାଳାର ଆୟୋଜନ କରାଯିବ ।

# ବାଲି ମାଫିଆଙ୍କ ଆକ୍ରମଣରେ ଆଇଆଇସି ଆହତ

**ଉଦଳା/ବାରିପଦା, ୧୮।୧୨ (ସଂଚାର ବ୍ୟୁରୋ):** ଥମୁନି ବାଲି ମାଫିଆଙ୍କୁ ଗୁଣ୍ଡାରାଜ। ଚଢ଼ାଉ ପାଇଁ ଯାଇଥିବା ବେଳେ ଆଇଆଇସିଙ୍କୁ ମାଡ଼ ମାରିଲେ, ପୁଲିସ ଗାଡ଼ି ଭାଙ୍ଗିଲେ ମାଫିଆ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଧିକାରୀ ପ୍ରକାଶ ରଥଙ୍କୁ ବାଲି ମାଫିଆ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଆଇଆଇସିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରଯାଇଛି। ତାଙ୍କ ବେକ ଓ ପିଠିରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କପ୍ତିପଦା ଥାନା ଅଧିକାରୀ ପ୍ରକାଶ ରଥ ବୁଧବାର ସକାଳେ ଡାହିସାହି ଅଞ୍ଚଳରେ ଗୋଟିଏ ଜାଗାରେ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ବାଲି ଜବତ କରିବାକୁ ଯାଇଥିଲେ। ଏହି ସମୟରେ ଆଇଆଇସି ସେଠାରେ ପହଞ୍ଚି ବାଲି କାହାର ଏବଂ କିଏ ଗଚ୍ଛିତ ରଖିଛି ବୋଲି ପଚାରିବା କ୍ଷଣି ମାଫିଆ ଏବଂ ତାଙ୍କ ସ୍ତ୍ରୀଙ୍କ ସମେତ ୫ରୁ ଅଧିକ ମହିଳା ମିଶି ଥାନା ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ଥାନା ଅଧିକାରୀଙ୍କୁ ପଥର ମାଡ଼ କରିବା ସହିତ ପୁଲିସ ଗାଡ଼ିକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ପଥର ମାଡ଼ରେ ପୁଲିସ ଗାଡ଼ି ଭାଙ୍ଗି ଯାଇଛି। କପ୍ତିପଦା ତହସିଲଦାର, ଖଣି ଅଧିକାରୀଙ୍କ ସହିତ କପ୍ତିପଦା ପୁଲିସ ମିଳିତ ଭାବେ ଚଢ଼ାଉ କରିଛନ୍ତି । ପୁରା ଡାହିସାହି ଗାଁ ପୋଲିସ ଛାଉଣୀରେ ପରିଣତ ହୋଇଛି। ବେଆଇନ ଭାବେ ରଖାଯାଇଥିବା ବାଲିକୁ ରାଜସ୍ୱ ବିଭାଗ ଉପସ୍ଥିତିରେ ଜବତ କରିଛି ପୋଲିସ। ଏହା ସହିତ ଏକ ବାଡ଼ିର ତାଲା ଭାଙ୍ଗି ଅଧିକାରୀମାନେ ପଶି ବ୍ୟାପକ ପରିମାଣର ଗଚ୍ଛିତ ବାଲି ଜବତ କରିଛନ୍ତି। ଥାନା ଅଧିକାରୀ ଏତଲା ଦେବା ପରେ ମାଫିଆଙ୍କୁ ଖୋଜୁଛି ପୋଲିସ।





# ଆଜିଠୁ ୫ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ୫ ଦିନିଆ ଗସ୍ତରେ ଦିଲ୍ଲୀ ଓ ରାଜସ୍ଥାନ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝି। ତେବେ କାଲିଠୁ ୨୧ ଯାଏ ରାଜସ୍ଥାନରେ ରହିବେ। ପରେ ଦିଲ୍ଲୀରେ ୫୫ତମ ଜିଏସଟି ପରିଷଦ ବୈଠକରେ ଯୋଗ ଦେବେ। ମୁଖ୍ୟମନ୍ତ୍ରୀ ୨୦ ତାରିଖରେ ରାଜସ୍ଥାନର ଜୈସଲମାରରେ ହେବାକୁ ଥିବା ଅର୍ଥମନ୍ତ୍ରୀଙ୍କ ପ୍ରାକ ବଜେଟ୍ ଆଲୋଚନାରେ ଯୋଗ ଦେବେ । ୨୧ତାରିଖ ରେ ଜିଏସଟି ପରିଷଦ ବୈଠକରେ ଯୋଗ ଦେବେ। ଦୁଇଟି ଯାକ ବୈଠକ ରାଜସ୍ଥାନର ହୋଟେଲ ମେରିଓଟରେ ହେବ। ତା ପରେ ଦିଲ୍ଲୀ ପହଞ୍ଚି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ ୨୩ ତାରିଖ ସନ୍ଧ୍ୟାରେ ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ରହିଛି।



### ଏକ ଦେଶ, ଏକ ନିର୍ବାଚନ

# ଜେପିସିରେ ଦୁଇ ଓଡ଼ିଆ ସାଂସଦ





**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଏକ ଦେଶ, ଏକ ନିର୍ବାଚନ ବିଲ୍ ଏବେ ଜେପିସିକୁ ପଠାଯାଇଛି। ଏହି କମିଟି ବିଲ୍ ଉପରେ ତମାମ ଆଲୋଚନା କରିବା ପରେ, ଏହାର ଏକ ରିପୋର୍ଟ ସରକାରକୁ ପ୍ରଦାନ କରିବ। ତେବେ ଏହି କମିଟିରେ କିଏ କିଏ ସଦସ୍ୟ ରହିବେ, ସେନେଇ ଆସିଛି ବଡ଼ ଅପଡେଟ୍ । ମିଳିଥିବା ସୂଚନା ମୁତାବକ, ୩୧ ଜଣିଆ ଏହି କମିଟିରେ ଓଡ଼ିଶାରୁ ଦୁଇ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଏବଂ ସମ୍ବିତ ପାତ୍ର ସ୍ଥାନ ପାଇଛନ୍ତି । ୩୧ ଜଣିଆ ଏହି କମିଟିରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସହିତ ଏନସିପି ନେତ୍ରୀ ସୁପ୍ରିୟା ସୁଲେ, କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ସହିତ ରାଜ୍ୟସଭାର ୧୦ ଜଣ ସାଂସଦ ରହିଛନ୍ତି । ଏହାସହ ବିଜେପି ସାଂସଦ ବାଂଶୁରୀ ସ୍ୱରାଜ ମଧ୍ୟ ଜେପିସିରେ ସ୍ଥାନ ପାଇଛନ୍ତି । ଜାଣିରଖିବା ଉଚିତ୍ ଯେ, ଲୋକସଭାରେ ଆଗତ ହେବା ପରେ, ଏବେ ଏହାକୁ ଜେପିସିକୁ ପଠାଯାଇଛି ।

### 'ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୋଗ'ର ୨୦ତମ ପ୍ରତିଷ୍ଠା ଦିବସ

# ପ୍ରତ୍ୟେକ ଭାରତୀୟଙ୍କ ପ୍ରଚେଷ୍ଟାରେ 'ବିକଶିତ ଭାରତ'ର ସ୍ୱପ୍ନ ହେବ ସାକାର

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଏକବିଂଶ ଶତାବ୍ଦୀରେ ଭାରତ ଜ୍ଞାନ ଭିତ୍ତିକ ଅର୍ଥନୀତିର ନେତୃତ୍ୱ ନେବ। ଯେତେବେଳେ 'ବିକଶିତ ଭାରତ'ର ସ୍ୱପ୍ନ ସାକାର ହେବ, ଏହା କୌଣସି ଗୋଟିଏ ଜାତି କିମ୍ବା ଧର୍ମ ଆଧାରରେ ନୁହେଁ ବରଂ ପ୍ରତ୍ୟେକ ଭାରତୀୟଙ୍କ ପ୍ରଚେଷ୍ଟା ଦ୍ୱାରା ସମ୍ଭବ ହେବ ବୋଲି ବୁଧବାର ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୋଗ (ଏନସିଏମ୍‌ଇଆଇ)ର ୨୦ତମ ପ୍ରତିଷ୍ଠା ଦିବସ ଓ ସଂଖ୍ୟାଲଘୁ ଅଧିକାର ଦିବସ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ଆମ ଦେଶର ସମ୍ବିଧାନର ଗୌରବମୟ ୭୫ ବର୍ଷ ପୂର୍ତ୍ତି ହୋଇଛି । ସମ୍ବିଧାନ ହିଁ ଦେଶର ସଂଖ୍ୟାଲଘୁମାନଙ୍କୁ ସମ୍ମାନର ସହ ଜୀବନ ଯାପନ କରିବାର ଅଧିକାର ଦେଇଛି। ଶିକ୍ଷା ମାଧ୍ୟମରେ ସଂଖ୍ୟାଲଘୁମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୋଗ ଗଠନ କରାଯାଇଥିଲା। ସାଢ଼େ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ବିନା କୌଣସି ଭେଦଭାବରେ 'ସବକା ସାଥ-ସବକା ବିକାଶ'ର ମନ୍ତ୍ରରେ ପ୍ରତ୍ୟେକ ବଞ୍ଚିତଙ୍କୁ ଆବାସ, ବ୍ୟାଙ୍କ ଆକାଉଣ୍ଟ, ଗ୍ୟାସ ସିଲିଣ୍ଡର, ମାଗଣା ରାସନ ଭଳି ମୌଳିକ ସୁବିଧା ପ୍ରଦାନ କରୁଛନ୍ତି। ଆମ ପାଇଁ କୌଣସି ଜାତି କିମ୍ବା ଧର୍ମ ନୁହେଁ ଗରିବ, କୃଷକ, ମହିଳା ଓ ଯୁବକ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ସମୁଚିତ ବିକାଶ ହିଁ ଆମର ଲକ୍ଷ୍ୟ। ଜାତୀୟ ଶିକ୍ଷା ନୀତିକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ସାଂପ୍ରତିକ ସମୟର ଆବଶ୍ୟକତା। ଜାତୀୟ ଶିକ୍ଷା ନୀତିର ଦ୍ରୁତ କ୍ରିୟାନ୍ୱୟନ ଦ୍ୱାରା ଏନସିଆରଏଫ୍ ଭଳି ଆଧୁନିକ ବିଷୟବସ୍ତୁକୁ ଲାଗୁ କରିବା ପାଇଁ ସଂଖ୍ୟାଲଘୁ ଅନୁଷ୍ଠାନଗୁଡିକୁ ଅଧିକ ସହଯୋଗ କରିବାକୁ ହେବ। ଯେତେବେଳେ ଆମେ ପ୍ରତିଭାକୁ ଏକାଡେମିକ୍ କ୍ରେଡିଟରେ ପରିଣତ କରିବୁ, ସେତେବେଳେ ସମସ୍ତଙ୍କ ବିକାଶର ମାର୍ଗ ଫିଟିବ। ଜାତୀୟ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆୟୋଗଙ୍କୁ ସେମାନଙ୍କ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ସେମାନଙ୍କ ସାଙ୍ଗରେ ଅଛନ୍ତି ବୋଲି କହିଛନ୍ତି।



# ସ୍ୱାଧୀନତା ସଂଗ୍ରାମକୁ ସରକାର ଲୋକାଭିମୁଖୀ କରନ୍ତୁ

**ଯାଜପୁର, ୧୮।୧୨ (ସଂଚାର ବ୍ୟୁରୋ):** ଯାହାଙ୍କ ପାଇଁ ଦେଶ ସ୍ୱାଧୀନ ହେଲା ସେମାନଙ୍କ ଜୀବନୀ ଓ ସଂଗ୍ରାମକୁ ଅଧିକରୁ ଅଧିକ ଲୋକେ ଜାଣିଲେ ପରପିଢ଼ୀ ମଧ୍ୟରେ ଦେଶପ୍ରେମ ଜାଗ୍ରତ ହେବ । ଏଥିପାଇଁ ସ୍ୱାଧୀନତା ସଂଗ୍ରାମୀ ଓ ସଂଗ୍ରାମକୁ ସରକାର ଅଧିକ ଲୋକାଭିମୁଖୀ କରନ୍ତୁ ବୋଲି ବରିଷ୍ଠ ସ୍ତମ୍ଭକାର ତଥା ଯୁବନେତା ସତୀଶ ବିଶ୍ୱାଳ ଆହ୍ୱାନ ଦେଇଛନ୍ତି ।

ଢେଙ୍କାନାଳ ଜିଲ୍ଲାର ପ୍ରଜା ଆନ୍ଦୋଳନର ମହାନ ନେତା ତଥା ରାଜ୍ୟର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶ୍ରୀଧର ସାହୁଙ୍କ ୧୦୯ ତମ ଜୟନ୍ତି ଯାଜପୁର ଜିଲ୍ଲା ଗଁଦିଆ ବ୍ଲକର ନିହଲପ୍ରସାଦରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସତୀଶ କହିଥିଲେ ଯେ, ଶ୍ରୀଧର ସାହୁ ଏକାଧାରାରେ ଜଣେ ସଂଗ୍ରାମୀ, ସମାଜ ସଂସ୍କାରକ ଏବଂ ସମାଜରେ ପଛରେ ପଡି ଯାଇଥିବା ଦୁଃଖୀ ମଣିଷଙ୍କ ବନ୍ଧୁ ଥିଲେ। ଏଭଳି ଜଣେ ମହାନ ଦେଶପ୍ରେମୀଙ୍କ ନୀତି,ଆଦର୍ଶ ଓ ସ୍ମୃତିକୁ ଅଧିକ ବ୍ୟାପକ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ । ସେ କହିଥିଲେ ଯେ, ତତ୍କାଳୀନ ଅତ୍ୟାଚାରୀ ଢେଙ୍କାନାଳ ରାଜା ଶଙ୍କର ପ୍ରସାଦ ମହେନ୍ଦ୍ର ବାହାଦୁର ଏବଂ ଇଂରେଜଙ୍କ ମିଳିତ ଅତ୍ୟାଚାରରେ ପ୍ରଜାମାନେ ଢେଙ୍କାନାଳ ଛାଡି ପଳାଇଥିଲେ । ସେ ସମୟରେ ନିହଲପ୍ରସାଦ ଗ୍ରାମର ମାତ୍ର ୧୬ ବର୍ଷର ବାଳକ ଉଭୟ ରାଜା ଓ ଇଂରେଜଙ୍କ ବିରୋଧରେ ସ୍ୱର ଉଠାଇ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଢେଙ୍କାନାଳ ରାଜ୍ୟ ବାହାରେ ଯାଜପୁରର ଧର୍ମଶାଳା ବ୍ଲକ ଅନ୍ତର୍ଗତ କଲାଣ୍ଡରେ କ୍ୟାମ୍ପ କରି ସଂଗ୍ରାମକୁ ଉଜ୍ଜିବିତ କରିଥିଲେ। ମହାତ୍ମାଗାନ୍ଧୀଙ୍କ ଭାରତ ଛାଡ ଆନ୍ଦୋଳନରେ କାରାବରଣ କରି ଜେଲରେ ମାଟି ଖପରାରେ କଏଦୀଙ୍କୁ ଦୟନୀୟ ଭାବେ ଖାଦ୍ୟ ଦିଆଯିବା, ଗୋଟିଏ ପାଇଖାନାରେ ସମସ୍ତ କଏଦୀଙ୍କୁ ଶୌଚ କରାଯିବା, କଏଦୀଙ୍କୁ ଖବର କାଗଜ ଏବଂ ପତ୍ରପତ୍ରିକା ପଢ଼ିବାକୁ ଦିଆ ନଯିବା ପ୍ରତିବାଦରେ ସେ ୨୧ ଦିନ ଜେଲରେ ଅନଶନ କରିଥିଲେ। ଏଥିପାଇଁ ତାଙ୍କୁ ଅତି ମାରାତ୍ମକ 'ଟଙ୍ଗାହାତ କଡାଦଣ୍ଡ' ଭୋଗିବାକୁ ପଡିଥିଲା । ଏହି ଦଣ୍ଡରେ ଛାତରେ ଥିବା ଲୁହା ସିକୁଳିରେ କଏଦୀଙ୍କ ଦୁଇଟି ଗୋଡ ବାନ୍ଧି ଦିଆଯାଇ ମୁଣ୍ଡ ଏବଂ ହାତ ତଳକୁ କରି ଟାଙ୍ଗି ଦିଆଯାଏ। ଏହାପରେ ତାଙ୍କୁ ରକ୍ତ ଜୁଡୁବୁଡୁ ହେବା ପର୍ଯ୍ୟନ୍ତ ନିର୍ଦ୍ଧୁମ ଚାବୁକରେ ପିଟାଯାଏ । ଏହାପରେ ବି ଶ୍ରୀଧର ଅନଶନରୁ ବିରତ ନହେବାରୁ ଶେଷରେ ଜେଲ ବ୍ୟବସ୍ଥାରେ ସଂସ୍କାର ଅଣାଯାଇ କଏଦୀଙ୍କୁ ପିତଳ ପାତ୍ରରେ ଖାଦ୍ୟ ଦିଆଗଲା । ପୂର୍ବତନ ଜିଲ୍ଲା ଜିଲ୍ଲା ପରିଷଦ ସଭ୍ୟ ତାପସ କୁମାର ସାହୁ (ଟୁଟୁ) ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଲେଖକ ତଥା ନାଟ୍ୟକାର ଗାକୁଳାନନ୍ଦ ସାହୁ ସ୍ୱାଗତ ଭାଷଣ ଏବଂ କବି ନୀରଂଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅଭିନେତା ସଂଗ୍ରାମ ଶତପଥୀ, ସାମ୍ବାଦିକ ତାରାକାନ୍ତ ଯକ, ପ୍ରଦୀପ୍ତ କୁମାର ଦାସ, ଉମ୍ବରୁଧର ଓଝା, ଭ୍ରମରବର ବାରିକ, ବିନୋଦ ବିହାରୀ ପଣ୍ଡା, ଶିକ୍ଷକ ଟଙ୍କଧର ବାରିକ ଦୁର୍ବାଦଳ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୀଧରଙ୍କୁ ଗଁଦିଆର ଗୌରବ ବୋଲି କହିଥିଲେ । ଶେଷରେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ସତୀଶ ବିଶ୍ୱାଳ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଧର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ସ୍ଥାନୀୟ ଅଂଚଳର ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ ।



## ଜୀବନ ଅମୃତ ଅନୁଚିନ୍ତା

ମିତ୍ରତାର ମୂଲ୍ୟ-ମିତ୍ରତା ଈଶ୍ୱରଙ୍କ ଆଶୀର୍ବାଦ। ଜଣେ ଭଲ ମିତ୍ର ପାଇବା ସୌଭାଗ୍ୟର କଥା। କିନ୍ତୁ ସଂଖ୍ୟାରେ ନୁହେଁ, ମିତ୍ରଙ୍କର ତୁମ ପ୍ରତି ଭଲ ପାଇବାର ମୂଲ୍ୟାୟନ ହେବା ଉଚିତ। ଯଦି ଜଣେ ମାତ୍ର ଭଲ ମିତ୍ର ପାଇବ ତେବେ ତୁମ ଜୀବନ ସାର୍ଥକ ହେବ।

SANCHAR
ସଂଚାର
୪
ଗୁରୁବାର ୧୯ ଡିସେମ୍ବର ୨୦୨୪, ଭୁବନେଶ୍ୱର
Thursday 19 December 2024 Bhubaneswar

# ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ କିଲିଂ

ମଣିପୁରରେ ୨ଜଣ ପ୍ରବାସୀ ଶ୍ରମିକ ଅଜଣା ବ୍ୟକ୍ତିଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି। ଏହି ଦୁଇଜଣ ଶ୍ରମିକ ବିହାରରୁ ଯାଇ ସେଠାରେ କାମ କରୁଥିଲେ। ଉଭୟଙ୍କ ବୟସ ପାଖାପାଖି ୧୮ ବର୍ଷ। ଏହା ଅତ୍ୟନ୍ତ ଦୁଃଖଦାୟକ ଏବଂ ନିନ୍ଦନୀୟ। ପେଟ ପୋଷିବା ପାଇଁ ସେମାନେ ନିଜ ଗର ଛାଡ଼ି ଏତେ ଦୂରରେ ଅତି ଦୁର୍ଗମ ଏବଂ ବିପଜ୍ଜନକ ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ଯଦି ସେମାନଙ୍କୁ ନିଜ ଘର ପାକରେ କାମ ମିଳୁଥାଆନ୍ତା ତେବେ ସେମାନେ ବିହାର ଛାଡ଼ି ମଣିପୁର ଯାଇନଥାନ୍ତେ। ମଣିପୁରରେ ଜାତିଗତ ହିଂସା ଲାଗି ରହିଥିବା ଜାଣି ସୁଦ୍ଧା ସେମାନେ ସେଠାକୁ କାମ କରିବାକୁ ଯିବା ନିହାତି ଚିନ୍ତାର ବିଷୟ। ଏଥିରୁ ଭାରତରେ ଶ୍ରମିକ ବର୍ଗର ଅସହାୟତା ସ୍ପଷ୍ଟ ବାରି ହୋଇପଡୁଛି। କେବଳ ମଣିପୁର ନୁହେଁ, ସବୁ ରାଜ୍ୟରେ ସମାନ ଅବସ୍ଥା। ଜାମ୍ମୁ-କାଶ୍ମୀରରେ ମଧ୍ୟ ଆତଙ୍କବାଦୀମାନେ ପ୍ରବାସୀ ଶ୍ରମିକମାନଙ୍କୁ ନିୟମିତ ଟାର୍ଗେଟ କରି ଆସୁଛନ୍ତି। ବିଶେଷ କରି ଜାମ୍ମୁରେ ଅନେକ ବାହାର ରାଜ୍ୟର ଶ୍ରମିକ କାର୍ଯ୍ୟ କରନ୍ତି। ସେମାନେ ଆତଙ୍କବାଦୀଙ୍କ ଟାର୍ଗେଟ କିଲିଂର ଶିକାର ହେଉଛନ୍ତି। କିଛି ମାସ ତଳେ କାଶ୍ମୀରର ଗନ୍ଦରବାହାଲରେ ଆତଙ୍କବାଦୀଙ୍କ ଗୁଳିର ୬ଜଣ ପ୍ରବାସୀ ଶ୍ରମିକ ପ୍ରାଣ ହରାଇଥିଲେ। ଏବେ ମଣିପୁରର ପାଳି। କିଛିଦିନର ବ୍ୟବଧାନରେ ମଣିପୁରରେ ପୁଣି ହିଂସାତେଜିଛି। ସୁରକ୍ଷା ବାହିନୀର ଗୁଳିରେ ୧୧ଜଣ ସନ୍ଦିଗ୍ଧ କୁକି ଉଗ୍ରବାଦୀ ନିହତ ହୋଇଛନ୍ତି। ଏହା ପରେ କୁକି ସମ୍ପ୍ରଦାୟ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ରାଜ୍ୟରେ ପୁଣି କର୍ଫ୍ୟୁ ଜାରି କରାଯାଇଛି। ଏହା ଫଳରେ ରାଜ୍ୟରେ ପୁଣି ଭୟ, ଆତଙ୍କ ଏବଂ ଅସ୍ଥିରତାର ବାତାବରଣ ସୃଷ୍ଟି ହୋଇଛି। ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ। ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି। ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ। ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି। କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ। ଆର୍ôଥକ ଦୃଷ୍ଟିରୁ ମଧ୍ୟ ଏସବୁ ରାଜ୍ୟ ଅନଗ୍ରସର। ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍ôଥକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧ୍ୟମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁଁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି। ରାଜ୍ୟରେ ବୀରେନ ସିଂହଙ୍କ ନେତୃତ୍ୱାଧିନ ସରକାର ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ରାଜ୍ୟରେ ୫୦ ହଜାର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଯବାନ ମୁତୟନ ଥିଲେ ମଧ୍ୟ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ସଫଳ ହୋଇ ପାରୁନାହାଁନ୍ତି। ମଣିପୁର ରାଇଫଲସ ବାରାକ ଉପରେ ଚଢ଼ାଉ କରି କେତେକ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରିଛନ୍ତି। ପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି। ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧ୍ୟମରେ ପାଟ୍ରୋଲିଂ କରାଯାଉଛି। ଆଣ୍ଟିଡ୍ରୋନ ସିଷ୍ଟମ ବ୍ୟବହାର କରାଯାଉଛି। ଏଥିରୁ ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ। ଉଗ୍ରବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରକେଟ ଏବଂ ଡ୍ରୋନ ସବୁ ବିଦେଶରୁ ଆସୁଛି ଏବଂ ଏଥିରୁ ଅଧିକାଂଶ ହେଉଛି ଚୀନ ନିର୍ମିତ। ତେଣୁ ହିଂସା ଓ ଅଶାନ୍ତି ପଛରେ କାହାର ହାତ ରହିଛି ତାହା ସହଜରେ ଅନୁମେୟ। ଏହାକୁ ବିଦେଶୀ ଷଡ଼ଯନ୍ତ୍ରର ପ୍ରତିଫଳନ। ମଣିପୁର ପରିସ୍ଥିତି ଏବେ କାଶ୍ମୀରକୁ ବଳିଗଲାଣି। ଏଭଳି ପରିସ୍ଥିତିରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜରୁରୀ। ରାଜ୍ୟରେ ରାଜନୈତିକ ପ୍ରକ୍ରିୟା କୌଣସି ପରିସ୍ଥିତିରେ ବାଧାପ୍ରାପ୍ତ ହେବା ଅନୁଚିତ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। ଅତି କମରେ ୩ ମାସ ପାଇଁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇ ଜଣେ ଦକ୍ଷ ପ୍ରଶାସକ ବା ରାଜ୍ୟପାଳଙ୍କୁ ନିଯୁକ୍ତ କରାଯିବା ଉଚିତ। ଉଗ୍ରବାଦୀ ଏବଂ ହିଂସା ସୃଷ୍ଟିକାରୀଙ୍କୁ କଠୋର ହସ୍ତରେ ଦମନ କରାଯିବା ଉଚିତ। ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। କୁକି ଓ ମୈତେଇ ସମ୍ପ୍ରଦାୟ ମଧ୍ୟରେ ଭୁଲ ବୁଝାମଣା ଦୂର କରିବାକୁ ଉଦ୍ୟମ କରାଯିବା ଉଚିତ। ଅନ୍ତତଃପକ୍ଷେ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ଗରିବ ଶ୍ରମିକ ଶ୍ରେଣୀର ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ସରକାରଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ। ନଚେତ ବାହାର ରାଜ୍ୟର ଶ୍ରମିକଙ୍କୁ ମଣିପୁରକୁ ଯିବା ଉପରେ କଟକଣା ଲାଗିବା ଉଚିତ। ଓଡ଼ିଶାରୁ ଅନେକ ବ୍ୟକ୍ତି କାମ ଧନ୍ଦା ନପାଇ ପେଟ ପୋଷିବା ପାଇଁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଶୋଷଣ ଏବଂ ନର୍ଯ୍ୟାତନାର ଶିକାର ହୋଇ ପ୍ରାଣ ହରାଉଛନ୍ତି। ଦୁର୍ଘଟଣାରେ ପଡ଼ି କେହି ହାତ ଗୋଡ଼ ହରାଇଲେ ମଧ୍ୟ ସେମାନଙ୍କୁ ସହାୟତା ବା କ୍ଷତିପୂରଣ ମିଳୁନି। ଏହା ଏକ ଜାତୀୟ ସମସ୍ୟା ହୋଇଗଲାଣି। ଏହାର ସମାଧାନ ନିମନ୍ତେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରେ ଏକ ମିଳିତ ଯୋଜନା ପ୍ରସ୍ତୁତ କରିବା ଉଚିତ। କିଏ କେଉଁ ରାଜ୍ୟକୁ ଶ୍ରମିକ ଭାବେ ଯାଉଛନ୍ତି, ସେମାନେ ସେଠାରେ କ'ଣ କରୁଛନ୍ତି, କେତେ ପାରିଶ୍ରମିକ ମିଳୁଛି, ସେମାନଙ୍କର ବୀମା ଅଛି କି ନାହିଁ, କେତେକ ସମୟ ସେମାନଙ୍କୁ କଟିବକୁ ପଡୁଛି, କାମ କରିବା ବେଳେ ଅସୁସ୍ଥ ବା ଆହତ ହେଲେ ସମ୍ପୃକ୍ତ ଠିକା ସଂସ୍ଥା ସେମାନଙ୍କୁ ଉଚିତ ସହାୟତା ଦେଉଛି କି ନାହିଁ, କ'ଣ ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ସରକାରଙ୍କ ପାଖରେ ସଠିକ ତଥ୍ୟ ରହିବା ଉଚିତ। ଏଥିଲାଗି ସାରା ଦେଶରେ ଗୋଟିଏ ନିୟମ ଲାଗୁ ହେବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଟଙ୍କା ନୁହେଁ, ଲୋକଙ୍କୁ କାମ ଦିଅ

**ମହାଶୟ,**

ଗତ କିଛି ବର୍ଷ ହେବ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଯେଉଁ ଦଳ ସରକାରକୁ ଆସୁନା କାହିଁକି ଭୋଟ ବ୍ୟାଙ୍କ ପାଇଁ ଅତି ଶସ୍ତା କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି। କୋଭିଡ ବେଳେ କେନ୍ଦ୍ର ସରକାର ଲୋକଙ୍କୁ ମାଗଣା ରାସନ ଦେଲେ। ତାହା ସ୍ୱାଗତ ଯୋଗ୍ୟ। କିନ୍ତୁ ପରବର୍ତ୍ତୀ ସମୟରେ ମଧ୍ୟ ଏହା ଚାଲୁ ରହିଛି। ଦେଶର ୮୦ କୋଟି ଲୋକଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେବା କିଛି କମ କଥା ନୁହେଁ। ଏହା ଦ୍ୱାରା ସରକାରଙ୍କ ଉପରେ ପ୍ରବଳ ଆର୍ଥିକ ଚାପ ପଡୁଛି। ସେହିପରି ସବୁ ରାଜ୍ୟରେ ମହିଳାଙ୍କୁ ମାଗଣା ଟଙ୍କା ବଣ୍ଟାଯାଉଛି। ଓଡ଼ିଶାରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେଉଛି। ଅନେକ ଅଯୋଗ୍ୟ ଏଥିରେ ହିତାଧିକାରୀ ହୋଇଛି। ମହାରାଷ୍ଟ୍ର ଓ ହରିୟାନାରେ ବିଜେପି ସରକାର ମହିଳାଙ୍କୁ ମାସିକ ୨୧ଶହ ଟଙ୍କା ଦେବାକୁ ଘୋଷଣା କରିଛି। ଅର୍ଥନୀତି ପାଇଁ ଏହା ଆଦୌ ସ୍ୱାଗତଯୋଗ୍ୟ ନୁହେଁ। ଦିଲ୍ଲୀରେ ଅରବିନ୍ଦ କେଜରିୱାଲ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଉଛନ୍ତି। ଏସବୁ କଲ୍ୟାଣକାରୀ ଯୋଜନା ନୁହେଁ, ଭୋଟ ରାଜନୀତି। ଏହିସବୁ ଯୋଜନାରେ ଯେତିକି ଟଙ୍କା ଖର୍ଚ୍ଚ ହେଉଛି ସେତିକିରେ ଅନେକ ବେକାରଙ୍କୁ ନିଯୁକ୍ତି ଦିଆଯାଇପାରିବ। ଲୋକଙ୍କ କ୍ରୟ ଶକ୍ତି ବଢ଼ିବ।

**ଅରବିନ୍ଦ ପଟ୍ଟନାୟକ, ସାଲେପୁର**

# ପ୍ରତିଶ୍ରୁତି ରକ୍ଷା କରିବା ପାଇଁ ଉଦ୍ୟମ



## କିଶୋର ଚନ୍ଦ୍ର ବେହେରା

ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରିୟାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ଏକତା ଓ ରାଷ୍ଟ୍ରର ସାର୍ବଭୌମତ୍ୱକୁ ରକ୍ଷା କରିବା ପାଇଁ ଉତ୍ତମ ସରକାର ଓ ନିର୍ମଳ ଶାସନର ଆବଶ୍ୟକତା ପଡ଼ିଥାଏ। ଚଳିତ ବର୍ଷ ଅଷ୍ଟାଦଶ ସାଧାରଣ ନିର୍ବାଚନ ଓ ଓଡ଼ିଶାର ସପ୍ତଦଶ ରାଜ୍ୟ ବିଧାନ ସଭା ନିର୍ବାଚନ ଥିଲା ଭିନ୍ନ ତରିକା। ବିଜେପି ଓ କଂଗ୍ରେସ ରାଜ୍ୟରେ "ଓଡ଼ିଆ ଅସ୍ମିତା"କୁ ମୁଖ୍ୟ ପ୍ରସଙ୍ଗ କରି ଲୋକଙ୍କ ଭାବାବେଗ ସହ ରହିବାକୁ ରଣନୀତି ପ୍ରସ୍ତୁତ କରିଥିଲା ବେଳେ ବିଜୁ ଜନତା ଦଳ ୨୪ ବର୍ଷ ଶାସନର ଜନ କଲ୍ୟାଣ କାର୍ଯ୍ୟକ୍ରମ ସଂପର୍କରେ ସାଧାରଣ ଜନତାଙ୍କୁ ଅବଗତ କରୁଥିଲେ। ବିଜେପି କେନ୍ଦ୍ରୀୟ ନେତାମାନେ ଓଡ଼ିଶା ଗସ୍ତରେ ଆସି "ଓଡ଼ିଆ ଅସ୍ମିତା" କାର୍ଡ ଓ "ମା,ମାଟି, ମାତୃଭାଷାର ସୁରକ୍ଷାକୁ ମୁଖ୍ୟ ପ୍ରସଙ୍ଗ କରିଥିଲେ। ପ୍ରତି ରାଜ୍ୟର ଗର୍ବ ହେଉଛି ତାହାର ଭାଷା, ସଂସ୍କୃତି ଓ ସମ୍ପୃକ୍ତ ରାଜ୍ୟର ଜନତା। କିନ୍ତୁ ଆଜି ଓଡ଼ିଆ ଭାଷା ଏବଂ ଅସ୍ମିତା କଥା କହୁଥିବା ବିଜେପି ଗତ ୧୦ ବର୍ଷ ଭିତରେ ଏହି ତିନି ବର୍ଗଙ୍କ ପାଇଁ କ'ଣ କରିଛି? ଓଡ଼ିଶା ଭାଷାର ପ୍ରଚାର, ପ୍ରସାର ଓ ସୁରକ୍ଷା ପାଇଁ ବିଜେପିର ଅବଦାନ କ'ଣ ତାହା ବିଜେପି ନେତାମାନେ କୁହନ୍ତୁ ବୋଲି ବିଜୁ ଜନତା ଦଳ ଉପସ୍ଥାପନ କରିଥିଲେ ରାଜ୍ୟର ସଚେତନ ନାଗରିକଙ୍କ ନିକଟରେ। ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଯିଏ ଓଡ଼ିଆ ଭାଷା ପାଇଁ ଦିଲ୍ଲୀ ଦରବାରରେ ଲଢ଼େଇ କଲେ ଓ ୨୦୧୪ ଫେବୃଆରୀ ମାସରେ ୟୁପିଏ ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ। ଇତିମଧ୍ୟରେ ୧୦ ବର୍ଷ ଅତିବାହିତ ହୋଇଯାଇଛି। ସମସ୍ତେ ଜାଣିଛନ୍ତି ଏହି ୧୦ ବର୍ଷ ଭିତରେ ଓଡ଼ିଆ ଭାଷା ପାଇଁ କେନ୍ଦ୍ର ସରକାର ଟଙ୍କାଟିଏ ବି ଦେଇ ନାହାନ୍ତି କିମ୍ବା ଗୋଟିଏ ପଦକ୍ଷେପ ନେଇ ନାହାନ୍ତି। ଶାସ୍ତ୍ରୀୟ ମାନ୍ୟତା ପାଇଥିବା ସଂସ୍କୃତ, ତେଲୁଗୁ, ତାମିଲ, ମରାଠୀ ଭଳି ଭାଷାର ବିକାଶ ପାଇଁ କେନ୍ଦ୍ର ସରକାର ସହାୟତା ଦେଇଛନ୍ତି। ଏହା ହେଉଛି ଓଡ଼ିଆ ଭାଷା ପ୍ରତି କେନ୍ଦ୍ର ସରକାରଙ୍କ ଦରଦ। ଓଡ଼ିଆ ଅସ୍ମିତାର କଥା ଯେଉଁମାନେ କହୁଛନ୍ତି, ସେମାନେ ମୋ ସହିତ ଏହି ବିଷୟରେ ତର୍କକୁ ଆସନ୍ତୁ। ମୁଁ କହିବି ଓଡ଼ିଶାର ଗର୍ବ ଓ ଓଡ଼ିଆ ଅସ୍ମିତା କ'ଣ। ଓଡ଼ିଆ ଅସ୍ମିତା କଥା କହୁଥିବା ଓଡ଼ିଶା ବିଜେପି ନେତା ତର୍କ ପାଇଁ ମଞ୍ଚକୁ ଆସନ୍ତୁ, ଆମ ସହିତ ତର୍କ କରନ୍ତୁ ବୋଲି ବିଜୁ ଜନତା ଦଳ ବରିଷ୍ଠ ନେତାମାନେ ଆହ୍ୱାନ ଦେଇଥିଲେ। ଆମେ ଓଡ଼ିଆ ଅସ୍ମିତା କଥା ଚିନ୍ତା କରିବା ପୂର୍ବରୁ ପ୍ରଥମେ ଓଡ଼ିଆ କିଏ ଚିନ୍ତା କରିବାର ଆବଶ୍ୟକତା ରହିଛି। ଓଡ଼ିଶାର ଭୂଇଁ, ଓଡ଼ିଶାର ଭାଷା , ଓଡ଼ିଶାର ମଣିଷ ତଥା ସାହିତ୍ୟ ସଂସ୍କୃତିର କଥା କହୁଥିବା, ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ସଶକ୍ତୀକରଣର ସ୍ୱପ୍ନ ଦେଖୁଥିବା ଯୁଗସ୍ରଷ୍ଟାଙ୍କୁ ସଂକୀର୍ଣ୍ଣ ଆଞ୍ଚଳିକତାବାଦର ଅନ୍ଧାରି ଭାବାବେଗ ତିଳେ ହେଲେ ସ୍ପର୍ଶ କରିପାରିନି ଆମର ସ୍ୱାଭିମାନ ଓ ଐତିହ୍ୟକୁ। ଆମେ ଯେଉଁ ଓଡ଼ିଶା ଭୂଖଣ୍ଡଟି ପାଇଛୁ ସେଇଟି ହିଁ ଥିଲା ସେହି ପ୍ରାଚୀନ ଭୂଖଣ୍ଡ, ଯାହା ଦିନେ ଜଣା ଥିଲା କଳିଙ୍ଗ, ଉତ୍କଳ, ଉଡ୍ର ବା କୋଶଳ ରୂପେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିବା ଭକ୍ତକବି ମଧୁସୂଦନ ରାଓ, କବିବର ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ନାରୀକବି କୁନ୍ତଳା କୁମାରୀ ସାବତ ଓ କର୍ମବୀର ଗୌରୀଶଙ୍କର ରାୟଙ୍କ ପରି ସାହିତ୍ୟ ମହାରଥୀମାନଙ୍କ ଆମ ସମାଜ ପାଇଁ ସଦାସର୍ବଦା ଚିରସ୍ମରଣୀୟ ଓ ବନ୍ଦନୀୟ। ଏ ମାଟିର ସ୍ୱାଭିମାନର ସୁରକ୍ଷା ପାଇଁ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଶହୀଦ ବାଜି ରାଉତ, ଶହୀଦ ଲକ୍ଷ୍ମଣ ନାଏକଙ୍କ ପରି ବୀର ସଂଗ୍ରାମୀମାନଙ୍କର ଦେଶ ପ୍ରିତୀ ଅବଦାନ ଅତୁଳନୀୟ। ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇଛି। ଓଡ଼ିଶାର କଳା ଓ ସଂସ୍କୃତି ଦେଶବିଦେଶରେ ଆମ ପରିଚୟକୁ



ଆହୁରି ଉଜ୍ଜ୍ୱଳ କରୁଛି। ଦେଶବିଦେଶରେ ରହୁଥିବା ଓଡ଼ିଆ ଭାଇ ଓ ଭଉଣୀମାନେ ସେମାନଙ୍କ ଦକ୍ଷତା ଦ୍ୱାରା ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି। ଏ ପବିତ୍ର ଭୂମି ଯୁଗେ ଯୁଗେ ସାରା ବିଶ୍ୱକୁ ଶାନ୍ତି, ପ୍ରେମ, ଅହିଂସା ଓ ସଦ୍‌ଭାବନାର ବାର୍ତ୍ତା ଦେଇଆସିଛି। ଆମର ଗୌରବମୟ ଇତିହାସ, ଉତ୍କୃଷ୍ଟ କଳା-ଭାସ୍କର୍ଯ୍ୟ, ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ନଦୀ-ପର୍ବତବେଷ୍ଟିତ ଭୂଗୋଳ, ସମୃଦ୍ଧ ଭାଷା, ସାହିତ୍ୟ, ସଂସ୍କୃତି , ଓ ପରମ୍ପରା, ବିପୁଳ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି ଓ ପର୍ଯ୍ୟଟନ ବିଭବ ଓଡ଼ିଶାକୁ ଭାରତବର୍ଷରେ ଏକ ଅନନ୍ୟ ଓ ଅନବଦ୍ୟ ରାଜ୍ୟ ଭାବେ ପ୍ରତିପାଦିତ କରିଛି। ଆମର ବୌଦ୍ଧିକଓ ଆଧ୍ୟାତ୍ମିକ ଚେତନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣରେ ପରିପୁଷ୍ଟ ହୋଇ ଆମକୁ ବିଶ୍ୱର ଏକ ଶ୍ରେଷ୍ଠ ଜାତିରେ ପରିଣତ କରିଛି। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି, ଶ୍ରମିକଙ୍କ ଜୀବନ ଜୀବିକାର ଉନ୍ନତି ଏବଂ ମୌଳିକ ଶିକ୍ଷାର ଗୁଣାତ୍ମକ ମାନର ବିକାଶ ପାଇଁ ଅନେକ ସମସ୍ତଙ୍କର ପ୍ରଚେଷ୍ଟା ରହିବାର ଆବଶ୍ୟକତା ରହିଛି। ଏ ଜାତିର ବିକାଶ ନିମନ୍ତେ ସରକାରୀ ସ୍ତରରୁ ଆରମ୍ଭ କରି ସମସ୍ତ ଜନପ୍ରତିନିଧି ପର୍ଯ୍ୟନ୍ତ ସତ୍ୟନିଷ୍ଠ ଓ ସାଧୁତାର ସହ ଯଦି କାର୍ଯ୍ୟ କରିବେ ତେବେ ରାଜ୍ୟର ପ୍ରଗତି ଓ ସମୃଦ୍ଧି ହୋଇପାରିବ।

ଭାରତୀୟ ଜନତା ପାର୍ଟି ରାଜ୍ୟ ଶାଖାର ନିର୍ବାଚନୀ ଇସ୍ତାହାରରେ ଓଡ଼ିଆ ଅସ୍ମିତାର ସମୂହ ଧ୍ୱନି ଓଡ଼ିଶାବାସୀଙ୍କ ମନକୁ ବି ଛୁଇଁଗଲା। ଯାହାର ଫଳ ହେଲା ବିଜେପି ରାଜ୍ୟରେ ଶାସନ କ୍ଷମତାକୁ ଆସିଲା। ସରକାର ଗଠନର କିଛି ସମୟ ଅନ୍ତରରେ ସ୍ୱତନ୍ତ୍ର କ୍ୟାବିନେଟ୍ ବୈଠକ ଡାକି ପରଦିନ ଓଡ଼ିଆ ଜାତିର ସାଢ଼େ ଚାରିକୋଟି ପ୍ରାଣର ଦେବତା ଜଗନ୍ନାଥଙ୍କ ଶ୍ରୀମନ୍ଦିରର ଚାରି ଦ୍ୱାରା ଖୋଲା ଯିବାରୁ ଜଗନ୍ନାଥ ପ୍ରେମୀଙ୍କ ମନରେ ଆନନ୍ଦ ଖେଳି ଯାଇଥିଲା। ଯେଉଁ "ଓଡ଼ିଆ ଅସ୍ମିତା" ଶବ୍ଦ ଭାରତୀୟ ଜନତା ପାର୍ଟି ପାଇଁ ନିର୍ବାଚନ ସମୟରେ ରାଜନୈତିକ ପରିଭାଷା ଥିଲା, ଉକ୍ତ ଶବ୍ଦକୁ ଜାତୀୟ ସ୍ତରରେ ନିଜର ସ୍ୱାଭିମାନକୁ ବଜାଇ ରଖିବା ପାଇଁ ସରକାର ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ସଂପ୍ରତି ଗ୍ରାମାଞ୍ଚଳରୁ ଆରମ୍ଭ କରି ରାଜ୍ୟସ୍ତରରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରିବା ସହ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଜାତୀୟ ସେବା ଯୋଜନା ପକ୍ଷରୁ ଓଡ଼ିଆ ଅସ୍ମିତା ଶିବିର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଠାରେ ନଭେମ୍ବର ୩୦ ତାରିଖ ଠାରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ୧୯ଟି ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ୨୦୦ ଛାତ୍ରଛାତ୍ରୀ ଯୋଗ ଦେଇ ଓଡ଼ିଶାର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟକୁ ନେଇ ଆଲୋଚନା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇସାରିଛି। ପୁନଶ୍ଚ "ଓଡ଼ିଆ ଅସ୍ମିତା" ବାସ୍ତବତରେ ପରିଣତ ହୋଇପାରିବ ପ୍ରତ୍ୟକ ଓଡ଼ିଆ ନିଜେ ହୃଦୟଙ୍ଗମ କରି ଗର୍ବରେ କହିବାକୁ ପଡିବ ଓଡ଼ିଆ କହୁଥିବା ଶେଷ ବ୍ୟକ୍ତି ଜଣକ ମୁଁ। ଆମେ ଏଠି ଗଳା ଫଟାଇ ଚିତ୍କାର କରି କହୁଛି ମାତୃଭାଷାର ସୁରକ୍ଷା କିନ୍ତୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଅନେକ ସଚେତନତା ଶୋଭାଯାତ୍ରା ଓ ପ୍ରଚାର ପ୍ରସାର କରୁଥିଲେ ମଧ୍ୟ ସେ ସରକାରୀ ଦପ୍ତର ହେଉ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ଓଡ଼ିଆ ଫଳକ ଲେଖା ପ୍ରତିବଦଳରେ ଦେଖିବାକୁ ମିଳୁଛି ଇଂରାଜୀର ଲେଖା। ପଚାରିଲେ ଉତ୍ତର ଆସେ ଇଂରେଜୀ ଲେଖା ଦ୍ୱାରା ଯୋଗାଯୋଗର ପ୍ରକ୍ରିୟା ସହଜ ହୋଇଥାଏ। ଦକ୍ଷିଣ ଭାରତର ରାଜ୍ୟମାନେ ନିଜ ମାତୃଭାଷାର ସୁରକ୍ଷା ପ୍ରତି ଯେତେ ସଚେତନ , ଆମମାନଙ୍କ ଭିତରେ ସେତିକି ଭଲପାଇବା ଦେଖିବାକୁ ମିଳୁନାହିଁ। ସାଧାରଣ ଅର୍ଥରେ ଅସ୍ମିତା କହିଲେ ଯାହାକୁ ନେଇ ଆମର ପରିଚୟ ଓ ଅସ୍ତିତ୍ୱ ଗଢି ଉଠିଛି ତାହାହିଁ ଅସ୍ମିତା। ଏହି ଅସ୍ମିତା ଗୋଟିଏ ଜାତିର ପରିଚୟ ଓ ସ୍ୱାଭିମାନର ମୂଳଉସ୍।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# କଲେ ହେଲା ବୁଡ଼ିବ ଭେଲା



## ଶ୍ୟାମ ସୁନ୍ଦର ସାମଲ

ଜୀବନରେ ନିଜର ପାରିବାରିକ କ୍ଷେତ୍ର ହେଉ ବା ସ୍ୱାସ୍ଥ୍ୟ କ୍ଷେତ୍ର, କର୍ମ ସଂସ୍ଥାନର କ୍ଷେତ୍ର ହେଉ ବା ଆଧ୍ୟାତ୍ମିକର କ୍ଷେତ୍ର। ସତରେ 'କଲେ ହେଲା ବୁଡ଼ିବ ଭେଲା'। ହେଳାରୁ ଭେଲା ବୁଡ଼ିବାର ନଜିର ଆମ ସାମ୍ନାରେ ପ୍ରତିଦିନ ଆମେ ଦେଖିଥାଉ। ଆଶ୍ଚର୍ଯ୍ୟର କଥା ହେଉଛି ଆମେ ଜାଣିପାରି ମଧ୍ୟ ଅନେକ ସମୟରେ ନିଜର ଭେଲା ବୁଡ଼ାଇ ନିଜେ ହଇରାଣ ହେବା ସହ ଅନ୍ୟମାନଙ୍କୁ ଅସୁବିଧାରେ ବି ପକାଇଥାଉ। ଦେଖାଯାଏ କେତେକ କ୍ଷେତ୍ରରେ ନିଜ ହେଳା ସମ୍ପର୍କରେ ବୁଝିଲା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥାଏ। ସେତବେଳକୁ ଆଉ ନିଜ ନିୟନ୍ତ୍ରଣରେ କିଛି ବି ନଥାଏ। ପୃଥିବୀରେ ମଣିଷ ହେଉଛି ସବୁଠାରୁ ବୁଦ୍ଧିମାନ ପ୍ରାଣୀ କିନ୍ତୁ ନିଜେ ନିଜ ଦୁର୍ବୁଦ୍ଧି ପାଇଁ ଓ କେତେକ କ୍ଷେତ୍ରରେ ପରବୁଦ୍ଧି ଓ କେତେକ କ୍ଷେତ୍ରରେ ବୁଦ୍ଧିହୀନ ପାଇଁ ଅସୁବିଧାକୁ ଆମନ୍ତ୍ରଣ କରିଥାଏ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜ ପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତକୁ ନେଇ ତାର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀ ସେବା କରୁଛନ୍ତି। ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟ ଦକ୍ଷତା ଶୁଣିବା ପରେ ସେ ବଡ଼ ବିଶାଦ ଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେ ଦିନ ଅନୁରାଗ ବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହା ସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି କିନ୍ତୁ ଦୀର୍ଘ ଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁଥାଇ ମଧ୍ୟ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତାର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତ ଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି। ଲେନ୍ସରେ ଦୀର୍ଘ ଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲି ଦେବା ସହ ଦୃଷ୍ଟିଶକ୍ତି ମଧ୍ୟ କମାଇ ଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ୍ୟ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ ଜ୍ଞାନୀ ଓ ସଚେତନ ମଧ୍ୟ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ୍ୟ ସ୍ୱଚ୍ଛଳ।



କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥାନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା? ବ୍ୟସ୍ତତା, ଭାବପ୍ରବଣତା ନାଁ ଆଉ କିଛି? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗ ବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜ ସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁ ରୋଗ ବିଶେଷଜ୍ଞ। ୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେ ସବୁ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜ ସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚ କରି ଗରିବ ଲୋକମାନଙ୍କ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲା। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସିନଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁ ରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମ ସଂସ୍ଥାନର ଦାୟିତ୍ୱ ଅନୁରାଗ ବାବୁଙ୍କ ଉପରେ। ବଡ଼କଥା ହେଉଛି ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସସ୍ମିତା ମୁଖୀ, କ୍ରୀଷ୍ଟାପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଓ ସେବାକାରୀଙ୍କ ଉତ୍ସର୍ଗୀକୃତ ସେବାମନୋଭାବ ଓ ବ୍ୟବହାର। ରୋଗୀଟିଏ ଯନ୍ତ୍ରଣାସିକ୍ତ ଭାବରେ ଆସିଥାଏ ଉପଶମ ପାଇବା ପାଇଁ। ଡାକ୍ତର ତ ଦ୍ୱିତୀୟ ଭଗବାନ କିନ୍ତୁ ଡାକ୍ତରଙ୍କୁ ସାକ୍ଷାତ ପୂର୍ବରୁ ଓ ସାକ୍ଷାତ ପରେ ଏହି ବ୍ୟକ୍ତିତ୍ୱଙ୍କ ସେବା, ସ୍ନେହ, ମମତା, ଭଲପାଇବାର ପରଶମଣି ସେମାନଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଲୋପ କରିଦେଇଥାଏ। ଏମାନେ କିନ୍ତୁ ସୁଶାନ୍ତର ଚକ୍ଷୁ ଅବହେଳା ପରି ରୋଗୀକୁ ସ୍ନେହ ଶ୍ରଦ୍ଧା ଦେବାରେ ହେଳା କରିନଥାନ୍ତି। ଅନୁରାଗ ବାବୁ ତାଙ୍କ ଜୀବନରେ ହେଳା ତ ପ୍ରଶ୍ନ ଉଠୁନି ବରଂ ଯେଉଁ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା ଓ ସମ୍ମାନ ଆଶୀର୍ବାଦ ଅନେକଙ୍କ ଠାରୁ ପ୍ରାପ୍ତ ହେଉଛନ୍ତି ତାହା ତାଙ୍କ ପାଇଁ ମୂଲ୍ୟବାନ। କୋଟି କୋଟି ମୁମୂର୍ଷୁ ନୂଆ ଜୀବନ ପାଇ ଚକ୍ଷୁ ଦ୍ୱାରା ସମାଜ ଓ ସଂସାରକୁ ଦେଖିବାର ଯେଉଁ ଆଲୋକ ପାଇଥାନ୍ତି ତାର ନେପଥ୍ୟ ଏହି ମହନୀୟ ଡାକ୍ତର ବାବୁଙ୍କର। ଆସନ୍ତୁ ନିଜ ନିଜ ଜୀବନରେ ହେଳା କରି ଭେଲା ବୁଡ଼ାଇବା ନାହିଁ। କାରଣ ଅନେକ ସମୟରେ ନିଜ ହେଳା ସହ ଅନ୍ୟମାନଙ୍କର ବି ଭେଲା ବୁଡ଼ିଯାଏ। ଏହାକୁ ମନେରଖି ଜୀବନକୁ ଆଗେଇ ନେବା ଉଚିତ।

**ବିଡ଼ାନାସୀ ବନ୍ଧଛକ, କଟକ**
**ମୋବାଇଲ୍: ୯୭୭୮୬୩୫୯୨୬**

# ବୟସର ପରିଭାଷା



## ପ୍ରଦେଶ ପ୍ରତ୍ୟୁଷ

ସୁସ୍ଥ ରହିବା, ଫିଟ୍ ରହିବା ଓ ନିଜ ବୟସ ଠାରୁ କମ୍ ଦେଖା ଯିବା ପାଇଁ ମଣିଷ ଅନେକ ପ୍ରୟାସ କରିଥାଏ। ଜିମ୍ ଯିବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଖାଦ୍ୟ ଖାଇଥାଏ। ଶରୀରକୁ ସୁସ୍ଥ ସୁନ୍ଦର ଓ ଯବାନ ରଖିବାକୁ ଅନେକ କଷ୍ଟକର କାମ କରିବାକୁ ପଡ଼ିଥାଏ। ସତରେ କଣ ସେମିତି କିଛି କରିସ୍ମା ଅଛି କି , ଯାହା ଦ୍ୱାରା ପ୍ରକୃତ ବୟସ ଠାରୁ ମଣିଷର ବୟସ କମିଯିବ ? ନିଜକୁ ସ୍ୱାସ୍ଥ୍ୟବାନ ଓ ସୁନ୍ଦର ରଖି ପାରିଲେ ,ଏଥିରେ ଅଳ୍ପ ବୟସ ପରି ଲାଗେ। ହେଲେ ବାସ୍ତବିକତା ହେଲା ବୟସର ଗାଡ଼ି କେବେ ପଛକୁ ଫେରି ନଥାଏ। ସମୟ ସହ ତାଳଦେଇ ଏହାର ଗତି ଆଗକୁ ଆଗକୁ ମାଡ଼ି ଚାଲିଥାଏ।

ବୟସ ହେଉଛି କେବଳ ଗୋଟିଏ ସଂଖ୍ୟା। କେମିତି ତମେ ଦେଖା ଯାଉଛ ଓ ଅନୁଭବ କରୁଛ ଏହା ହିଁ ତାର ପରିଭାଷା। କେତେକ ଲୋକ ଅଛନ୍ତି ଯେଉଁମାନେ ସେହି ନିୟମକୁ ଭାଙ୍ଗି ବୟସର ରାଜପଥରେ ପାଚେରୀ ଗଢି ଦେଇଛନ୍ତି। ତାଙ୍କର ପ୍ରକୃତ ବୟସ ଠାରୁ ଯେମିତି ଦେଖା ଯାଆନ୍ତି କଲେଜ ଯାଉଥିବା ୧୮ ବର୍ଷର ଯୁବକ ଭଳି। ବୟସ ଏତେ କମିଯିବାର ରହସ୍ୟଟି କଣ ହୋଇପାରେ। ଏହା କୌଣସି ଦାମୀ କ୍ରିମ୍ କି କସମେଟିକ୍ ସର୍ଜରୀ ଯୋଗୁଁ ନୁହେଁ। ପ୍ରକୃତ କଥାଟି ହେଲା ଏହା ଦୈନିକ ଜୀବନଚର୍ଯ୍ୟାରେ ଏକ ରୋଟିନଯୁକ୍ତ ଜୀବନଶୈଳୀର ଅଭ୍ୟାସ। କିଛି ଉପଯୁକ୍ତ ଅଭ୍ୟାସ ହିଁ ଶରୀର ମନରେ ଯୁବ ସୁଲଭ ଫୁର୍ତ୍ତି ଆଣି ଦେଇଥାଏ। ମୁଖ ମଣ୍ଡଳରେ ଉଜ୍ଜ୍ୱଳତା ଭରିଥାଏ।

ଏବେ ଆମେ ପ୍ରକୃତ ବିଷୟକୁ ଆସିବା। କେମିତି ତାହେଲେ ବୟସକୁ କମାଇବା। ବିଶେଷଜ୍ଞଙ୍କ କହିବାନୁସାରେ ପ୍ରତିଦିନି କିଛି ଅଭ୍ୟାସକୁ ଦିନଚର୍ଯ୍ୟାରେ ସାମିଲ କଲେ ତାହା ହିଁ ବୟସ କମାଇବାର ସୂତ୍ର ଓ ମହୋଷଧି। ପ୍ରଥମ କଥା ହେଲା ଜଳ। ଆମ ଶରୀର ଜଳରେ ଗଠିତ। ଜଳ ହିଁ ମୁଖ୍ୟ ଜିନିଷ ଶରୀରରେ। ଶରୀରରେ ସମତୁଲତା ଓ ଆର୍ଦ୍ରତା ରଖିବାରେ ଜଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ କୁହାଯାଏ ଜଳ ହିଁ ଜୀବନ। ଏଣୁ ଯଥା ସମ୍ଭବ ଜଳ ପାନ କରିବା ଏବଂ ଏହାସହ ଆମର ଡାଏଟରେ ଜଳୀୟ ଅଂଶ ଥିବା ଫଳ , ପନିପରିବା , ସୁପ୍ ଆଦି ଖାଇ ପାରିବା। ଏହା କେବଳ ଶାରୀରିକ କାର୍ଯ୍ୟ ପାଇଁ ଭଲ ନୁହେଁ , ଏହା ମଧ୍ୟ ଚର୍ମର ନମନୀୟତା ଓ କୋମଳତାକୁ ବଜାୟ ରଖିବାରେ ମୁଖ୍ୟ ଭୂମିକା ତୁଲାଇ ଥାଏ।

ଦ୍ୱିତୀୟ କଥାଟି ହେଲା ପ୍ରତିଦିନ ବ୍ୟାୟାମ କରିବା। ସକାଳୁ ସଅଳ ଶେଯ ତ୍ୟାଗ କରି ବ୍ୟାୟାମ ଆଦି କରିବା ଉଚିତ୍। ଏଥିରେ ଆପଣ ଚାଲି ପାରିବେ , ଜିମ୍ ଯାଇ ପାରିବେ , ଯୋଗ ପ୍ରାଣାୟାମ କରିପାରିବେ। ଯାହାକି ଆପଣଙ୍କ ଶରୀରରେ ସ୍ଫୂର୍ତ୍ତି ଜାତ କରାଇବ। ଶରୀରକୁ ପୃଥୁଳାକାର ହେବାରେ ରୋକିବ। ତୃତୀୟ କଥାଟି ହେଲା ଠିକ୍ ସମୟରେ ଏବଂ ଉପଯୁକ୍ତ ଭାବେ ଶୋଇବା। ଶରୀର ପାଇଁ ଖାଦ୍ୟ ଯେମିତି ଆବଶ୍ୟକ ଶୋବା ମଧ୍ୟ ସେମିତି ନିହାତି ଦରକାର, ନୁହେଁତ ଶରୀର ଅବଶ ଲାଗିବ ଏଂବଂ କ୍ଲାନ୍ତ ଅନୁଭବ ହେବ, ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖାଦେବ।

ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ଶୋଇବାରେ କୋଷିକାର ମରାମତି ହୁଏ ଓ ନୂଆ ନୂଆ ସେଲ୍ ବା କୋଷିକା ଗଠନ ହେବାରେ ସାହାଯ୍ୟ କରେ। ଏଣୁ ନିତି ୭-୮ ଘଣ୍ଟା ନିହାତି ଶୋଇବା ଦରକାର। ୪ର୍ଥ କଥା ହେଲା ଉପଯୁକ୍ତ ଭୋଜନ। ବିଶେଷକରି ଭୋଜନ ହିଁ ଆମ ବୟସ ଉପରେ ପ୍ରଭାବ ପକାଇଥାଏ। ଯେମିତି କହନ୍ତି ଯେପରି ଅନ୍ନ ସେପରି ମନ। ଅନ୍ନ ବା ଉତ୍ତମ ଖାଦ୍ୟ ସୁସ୍ଥ ରଖେ। ୫ମରେ ଆମେ ସର୍ବଦା ଚିନ୍ତାଶୂନ୍ୟ ରହିବା। ମନରେ କୌମଣି ଚିନ୍ତା କରିବା ନାହିଁ। ଯେମିତି କୁହନ୍ତି ଲୁଣଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି। ଏଣୁ ଚିନ୍ତା ହିଁ ଶରୀର ଓ ମନରେ ପ୍ରତିକୂଳ ପ୍ରଭାବ ପକାଇ ଥାଏ। ୬ଷ୍ଠ କଥା ହେଲା ସକାରାତ୍ମକ ମନୋବୃତ୍ତି। ବନ୍ଧୁ ସଂପର୍କୀୟଙ୍କ ସହ ଉତ୍ତମ ସମ୍ବନ୍ଧ ରଖିବା। ୭ମ ଜିନିଷଟି ହେଲା ସୂର୍ଯ୍ୟଙ୍କ ପ୍ରଖର କିରଣରୁ ଚର୍ମକୁ ରକ୍ଷା କରିବା। ସୂର୍ଯ୍ୟଙ୍କର ଅତିବାଇଗିଣୀ ରଶ୍ମି ଚର୍ମକୁ ଖରାପ କରିଥାଏ। ଚର୍ମରେ କୁଞ୍ଚନ ସୃଷ୍ଟି କରିବା ସହ ବୟସର ଦାଗ ସୃଷ୍ଟି କରିଥାଏ। ଏଣୁ ଖରାରୁ ନିଜକୁ ସୁରକ୍ଷିତ ରଖିବା। ୮ମରେ ଆସକ୍ତି ରହିତ ଜୀବନ ବିତାଇବା। ଜୀବନରେ ଯେତେବେଳେ ଯେକୌଣସି ଜିନିଷ ମିଳିଲା ସେଥିରେ ସନ୍ତୁଷ୍ଟ ହେବା। ଯଦ୍ୱାରା ଜୀବନ ଖୁସି ଓ ଶାନ୍ତିର ବିତିବ। ମନରେ କୌମସି ଦ୍ୱନ୍ଦ୍ୱ କି ହିଂସା ବାଦ ରହିବ ନାହିଁ। ୯ମ କଥା ହେଲା ଚର୍ମର ଯତ୍ନ ନେବା। ପରିଚ୍ଛନ୍ନତା ପରେ ଧ୍ୟାନ ଦେବା। ଉପଯୁକ୍ତ ଭାବେ ସ୍ନାନ କରିବା ଇତ୍ୟାଦି ଆମକୁ ନିରୋଗୀ ରଖିବ। ୧୦ମ କଥା ହେଲା ନିଜର ବିବେକାନୁମୋଦିତ କାର୍ଯ୍ୟ କରିବା। ମସ୍ତିଷ୍କକୁ ସୁସ୍ଥ ଓ ସକ୍ରିୟ ରଖିବାକୁ ଉଚିତ ଭାବନା ମନରେ ରଖିବା। ସବୁଠୁ ବଡ଼ କଥା ହେଲା ନିଜକୁ ଯୁବ ସୁଲଭ ବା କମ୍ ବୟସର ମନେକରିବା ପାଇଁ ମନରେ ସେଭଳି ଭାବନା ଆଣିବା। ଯଥାର୍ଥରେ କହିବାକୁ ଗଲେ ଜୀବନକୁ ଭଲ ଭାବେ ବୁଝି ଥିବା ଲୋକ ହିଁ ଉତ୍ତମ ଜୀବନ ବିତାଇବ। ବାର୍ଦ୍ଧକରେ ବି ସେ ନିଜକୁ ବୟସାଧିକ ମନେକରିବ ନାହିଁ। ଏଣୁ ଏକ ହସ ଖୁସି ସ୍ୱାସ୍ଥ୍ୟକର ଜୀବନ ଭିତରେ ହିଁ ନିହିତ ଥାଏ ଜୀବନ ଜିଇବାର କଳା (ଆର୍ଟ ଅଫ୍ ଲିଭିଂ)। ଯାହାକି ଆମର ଦେହ ମନ ଓ ପ୍ରାଣରେ ନୂତନତା ଭରିଥାଏ।

**କୁରୁମଟାଙ୍ଗର, ମହୁଲପଡ଼ା , ଢେଙ୍କାନାଳ**
**ମୋବାଇଲ: ୭୦୦୮୪୩୧୨୫୭**

# ଶାହଙ୍କ ଆମ୍ବେଦକର ମନ୍ତବ୍ୟକୁ ନେଇ ଝଡ଼

## ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ ● ରାହୁଲ ଓ ଖାର୍ଗେଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୧୮।୧୨:** ଗୃହମନ୍ତ୍ରୀ ଅମିତ ଶାହଙ୍କ ଆମ୍ବେଦକର ମନ୍ତବ୍ୟକୁ ନେଇ ସଂସଦରେ ଆଜି ଝଡ଼ ସୃଷ୍ଟି ହୋଇଛି। ଗତ କାଲି ରାଜ୍ୟସଭାରେ ସମ୍ବିଧାନ ଉପରେ ସ୍ୱତନ୍ତ୍ର ଆଲୋଚନାର ଉତ୍ତର ଦେଇ ଶାହ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ, ଆଜିକାଲି ଆମ୍ବେଦକରଙ୍କ ନାମ ନେବା ନେବା ଏକ ଫେସନ ହୋଇଗଲାଣି। ଯେତେବେଳେ ଶୁଣିବ ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର। ଯଦି ଏତିକି ଥର ଭଗବାନଙ୍କ ନାମ ନେବ ତେବେ ସ୍ୱର୍ଗରେ ସ୍ଥାନ ମିଳିଯିବ ବୋଲି ଶାହ କହିଥିଲେ। ଏହା ଉପରେ ବିରୋଧୀ ଆପତ୍ତି ଉଠାଇବା ସହିତ ଶାହ ଏଥିଲାଗି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ନଚେତ ଇସ୍ତଫା ଦିଅନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି। ବୁଧବାର ସଂସଦର ଉଭୟ ଗୃହରେ ଏଥିଲାଗି ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ସଭ୍ୟମାନେ ଶାହାଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ପ୍ରଦର୍ଶନ କରିଛନ୍ତି। ଫଳରେ ଉଭୟ ଗୃହ ମୁଲତବି ହୋଇଛି।

ବୁଧବାର ସଂସଦର ଉଭୟ ଗୃହର ଅଧିବେଶନ ଆରମ୍ଭରୁ ବିରୋଧୀ ସଭ୍ୟମାନେ ଏହି ପ୍ରସଙ୍ଗ ଉଠାଇ ଶାହଙ୍କ ଇସ୍ତଫା ଦାବି କରିଥିଲେ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ବିଜେପିକୁ ଆଟାକ କରି କହିଛନ୍ତି ଯେ, ଯେଉଁମାନେ ମନୁସ୍ମୃତି ଉପରେ ବିଶ୍ୱାସ ରଖନ୍ତି ସେମାନେ ଆମ୍ବେଦକରଙ୍କ ନାମକୁ ପସନ୍ଦ କରିପାରିବେ ନାହିଁ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି ଯେ, ଗୃହମନ୍ତ୍ରୀ ଅମିତ ଶାହ ସମ୍ବିଧାନ ପ୍ରଣେତା ବି ଆର ଆମ୍ବେଦକରଙ୍କୁ ଅପମାନିତ କରିଛନ୍ତି। ତାଙ୍କ ବୟାନ ପ୍ରମାଣିତ କରୁଛି ଯେ, ଆରଏସଏସ ତ୍ରିରଙ୍ଗା ଏବଂ ଅଶୋକ ଚକ୍ରର ବିରୋଧୀ। ସେମାନେ ବି ଆର ଆମ୍ବେଦକରଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ପରିବର୍ତ୍ତେ ଦେଶରେ ମନୁସ୍ମୃତି କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି ବୋଲି ଖାର୍ଗେ କହିଛନ୍ତି। ଏହି ପ୍ରସଙ୍ଗ ଉପରେ ଲୋକସଭାରେ ଏକ ମୁଲତବି ନୋଟିସ ଆଗତ କରିବାକୁ କଂଗ୍ରେସ ଯୋଜନା କରୁଥିବା ସାଂସଦ ମାଣିକରାମ ଟାଗୋର କହିଛନ୍ତି।

ତେବେ ବିଜେପି କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରି କହିଛି ଯେ, ଗୃହମନ୍ତ୍ରୀଙ୍କ ବୟାନକୁ କଦର୍ଥ କରାଯାଇଛି। ଏହାର ଅଡିଟ ହୋଇଥିବା ଭିଡିଓ ଛଡ଼ାଯାଇଛି। ଶାହ କହିଥିଲେ ଯେ, ପଣ୍ଡିତ ନେହରୁଙ୍କ ନେତୃତ୍ୱାଧିନ କଂଗ୍ରେସ ସରକାରର ଦଳିତ, ଆଦିବାସୀଙ୍କ ପ୍ରତି ଆଭିମୁଖ୍ୟକୁ ନାପସନ୍ଦ କରିଥିଲେ। ସରକାରଙ୍କ ଆଭିମୁଖ୍ୟରେ ଅସନ୍ତୁଷ୍ଟ ହୋଇ ସେ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ। କଂଗ୍ରେସ କେବେ ବି ଦଳିତ ଆଦିବାସୀଙ୍କ ସାମାଜିକ ଏବଂ ଆର୍ଥିକ ବିକାଶକୁ ଗୁରୁତ୍ୱ ଦେଇ ନାହିଁ ବୋଲି ଶାହ କହିଥିଲେ।

କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ ଶାହଙ୍କ ଅଭିଭାଷଣର ଭିଡିଓ ସେୟାର କରି କହିଛନ୍ତି ଯେ, ସଂଘ ପରିବାର ବାବା ସାହେବ ଆମ୍ବେଦକରଙ୍କୁ ଘୃଣା କରନ୍ତି। ତେଣୁ ସେମାନେ ଦେଶର ସମ୍ବିଧାନ ପ୍ରତି ଅବମାନନା କରୁଛନ୍ତି। ଅନ୍ୟ ପକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏକ୍ସରେ ତାଙ୍କ ମନ୍ତବ୍ୟ ପୋଷ୍ଟ କରି କହିଛନ୍ତି ଯେ, କଂଗ୍ରେସ ସବୁ ବେଳେ ଆମ୍ବେଦକରଙ୍କ ନାମରୁ ରାଜନୈତିକ ଫାଇଦା ଉଠାଇବାକୁ ପ୍ରୟାସ କରିଛି। କିନ୍ତୁ ତାଙ୍କୁ ବାରମ୍ବାର ଦଳ ଅପମାନିତ କରିଛି। ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି ଯେ, ଗୃହମନ୍ତ୍ରୀ ଅମିତ ଶାହ ଦଳିତ ଆଦିବାସୀଙ୍କ ପ୍ରତି କଂଗ୍ରେସ ଆଭିମୁଖ୍ୟକୁ ଖୋଲି ଦେଇଛନ୍ତି। ଏଥିପାଇଁ କଂଗ୍ରେସ ତାଙ୍କ ବିରୋଧରେ ମିଥ୍ୟା ପ୍ରଚାର କରୁଛି। ଆରଜେଡି ନେତା ତେଜସ୍ୱୀ ଯାଦବ ଓ ଆପ ନେତା ଅରବିନ୍ଦ କେଜରିୱାଲ ମଧ୍ୟ ଗୃହମନ୍ତ୍ରୀଙ୍କ ବୟାନକୁ ନିନ୍ଦା କରି ଏହା ବିଜେପିର ଅସଲ ସ୍ୱରୂପକୁ ପଦାରେ ପକାଇ ଦେଇଛି ବୋଲି କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସଂସଦରେ ହଟ୍ଟଗୋଳ ସୃଷ୍ଟି ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟି ଗୃହ କିପରି ସ୍ୱାଭାବିକ ଢଙ୍ଗରେ ଚାଲିବ ସେଥିରେ ସେମାନଙ୍କ ସହଯୋଗ କାମନା କରିଛନ୍ତି। ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ରାହୁଲ ଓ ଖାର୍ଗେଙ୍କୁ ଭେଟି ସେମାନଙ୍କର ସହଯୋଗ କାମାନା କରିଛନ୍ତି। ଅନ୍ୟ ପଟରେ ଏହି ପ୍ରସଙ୍ଗ ନେଇ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ପରସ୍ପରର ମୁହାଁମୁହିଁ ହୋଇଛନ୍ତି।

### ଶାହଙ୍କ ବିରୋଧରେ ଟିଏମସି ସାଂସଦଙ୍କ ସ୍ୱାଧିକାର ନୋଟିସ

**ନୂଆଦିଲ୍ଲୀ, ୧୮।୧୨:** ରାଜ୍ୟସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସମ୍ବିଧାନ ପ୍ରଣୟନ ବିଆର ଆମ୍ବେଦକରଙ୍କ ସମ୍ପର୍କରେ ଦେଇଥିବା ବୟାନକୁ ନେଇ ରାଜନୀତି ଜୋର ଧରିଛି। ତାଙ୍କ ବୟାନକୁ ବିରୋଧୀ ଜୋରଦାର ବିରୋଧ କରିଛନ୍ତି। ଏଥିପାଇଁ ଆଜି ଅମିତ ଶାହଙ୍କ ବିରୋଧରେ ଟିଏମସି ସାଂସଦ ଡେରେକ ଓବ୍ରାଏନ ସ୍ୱାଧିକାର ଭଙ୍ଗ ନୋଟିସ ଆଗତ କରିଛନ୍ତି। ଡେରେକଙ୍କ କହିବା କଥା ଯେ ଅମିତ ଶାହଙ୍କ ବୟାନ ଡ ବିଆର ଆମ୍ବେଦକର ଛାଡ଼ି ଯାଇଥିବା ଛାପକୁ ଅପମାନିତ କରିଛି। ଏପରି ବୟାନ ଗୃହର ମର୍ଯ୍ୟାଦାକୁ ମଧ୍ୟ କ୍ଷତି ପହଞ୍ଚାଇଛି। ଅମିତ ଶାହଙ୍କ ବୟାନ ସଂସଦର ଗାରିମାକୁ ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଅମିତ ଶାହଙ୍କ ବୟାନ ବିରୋଧରେ ଆଜି ଅନେକ ବିରୋଧୀ ଦଳର ସାଂସଦ ଉଭୟ ସଂସଦ ଭିତରେ ଓ ବାହାରେ ବିକ୍ଷୋଭ କରିଛନ୍ତି। କଂଗ୍ରେସ ପକ୍ଷରୁ ଅମିତ ଶାହ କ୍ଷମା ମାଗିବା ସହ ଇସ୍ତଫା ଦିଅନ୍ତୁ ବୋଲି ଦାବି କରାଯାଇଛି। ବିରୋଧୀ ଦଳର ସାଂସଦମାନେ ଆଜି ହାତରେ ବିଆର ଆମ୍ବେଦକରଙ୍କ ଫଟୋ ଧରିବା ସହ ଜୟ ଭୀମ ନାରା ଦେଇଛନ୍ତି। ସେହିପରି ଅମିତ ଶାହ କ୍ଷମା ମାଗ ବୋଲି ମଧ୍ୟ ସେମାନେ ସଂସଦ କମ୍ପ୍ଲେକ୍ସ ମଧ୍ୟରେ ଦାବି କରିଛନ୍ତି। ରାଜ୍ୟସଭାରେ ମଙ୍ଗଳବାର ସମ୍ବିଧାନ ଉପରେ ବିତର୍କ ଚାଲିଥିଲା। ଏହି ସମୟରେ କଂଗ୍ରେସକୁ ଟାର୍ଗେଟ କରି ଅମିତ ଶାହ କହିଥିଲେ ଯେ "ଏବେ ଗୋଟିଏ ଫ୍ୟାଶନ ହୋଇଗଲାଣି। ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର ସେମାନେ କହିବାରେ ଲାଗିଛନ୍ତି। ଯଦି ଏତିକି ଥର ଭଗବାନଙ୍କ ନାଁ ନେଇଥାଆନ୍ତ, ତା'ହେଲେ ସାତ ଜନ୍ମ ଯାଏ ସ୍ୱର୍ଗ ମିଳି ସାରନ୍ତାଣି।" ଶାହ ଏପରି ବୟାନ ଦେଇ ଆମ୍ବେଦକରଙ୍କୁ ଅପମାନିତ କରିଥିବା କଂଗ୍ରେସ ଅଭିଯୋଗ କରିଛି। ଏଥିପାଇଁ ଦଳ ତାଙ୍କର ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଛି।

## ଆମ୍ବେଦକରଙ୍କ ବିରୋଧରେ କଂଗ୍ରେସ ପାପର ତାଲିକା ଦେଲେ ମୋଦି



**ନୂଆଦିଲ୍ଲୀ, ୧୮।୧୨:** କଂଗ୍ରେସ ଓ ଏହାର ପ୍ରଚାର ବ୍ୟବସ୍ଥା ଅନେକ ବର୍ଷ ଧରି ସମ୍ବିଧାନର ପ୍ରତିଷ୍ଠାତା ବିଆର ଆମ୍ବେଦକରଙ୍କୁ ଅପମାନିତ କରି ଚାଲିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଯୋଗ କରିଛନ୍ତି। ବିଆର ଆମ୍ବେଦକରଙ୍କ ବିରୋଧରେ କଂଗ୍ରେସ କରିଥିବା 'ପାପ'ର ତାଲିକା ମଧ୍ୟ ମୋଦି ଜାରି କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ରାଜ୍ୟସଭାରେ ଆମ୍ବେଦକରଙ୍କ ସମ୍ପର୍କରେ ଦେଇଥିବା ବୟାନକୁ ଆଧାର କରି କଂଗ୍ରେସ ତାଙ୍କ ଇସ୍ତଫା ଦାବିରେ ବିକ୍ଷୋଭ କରିଚାଲିଛି। ଏହାରି ଭିତରେ ଆଜି ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ ଆମ୍ବେଦକର ପ୍ରସଙ୍ଗରେ ଧୋଇଛନ୍ତି। କଂଗ୍ରେସ କେମିତି ତଥାକଥିତ ଭାବେ ସମସ୍ତ ପ୍ରକାରର ଖରାପ ତରିକା ଆପଣାଇ ଡ ବିଆର ଆମ୍ବେଦକରଙ୍କ ଚିହ୍ନବର୍ଣ୍ଣ ଲିଭାଇ ଦେବା ପାଇଁ ଚେଷ୍ଟା କରିଥିଲା ଓ କେମିତି ଦଳ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ହଇରାଣ କରିଥିଲା, ସେକଥା ମୋଦି ବିସ୍ତୃତ ଭାବେ ନିଜ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ମୋଦି କହିଛନ୍ତି, "ଯଦି କଂଗ୍ରେସ ଓ ଏହାର ପ୍ରଚାର ବ୍ୟବସ୍ଥା ଭାବୁଛନ୍ତି ଯେ ସେମାନଙ୍କର ବିଦ୍ୱେଷପୂର୍ଣ୍ଣ ମିଛ ଦୀର୍ଘ ବର୍ଷ ଧରି ସେମାନେ କରିଥିବା ପାପ ଓ ବିଶେଷ କରି ଡ ଆମ୍ବେଦକରଙ୍କ ପ୍ରତି ସେମାନେ କରିଥିବା ଅପମାନକୁ ଲୁଚାଇ ଦେବ, ତା'ହେଲେ ଏହା ସେମାନଙ୍କର ଭୁଲ ଧାରଣା।" ଆମ୍ବେଦକରଙ୍କ ପ୍ରତି କଂଗ୍ରେସ କରିଥିବା "ପାପ"ର ତାଲିକା ଜାରି କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ "କଂଗ୍ରେସ କେବଳ ଆମ୍ବେଦକରଙ୍କୁ ଭାରତ ରତ୍ନ ଦେବାକୁ ମନା କରି ନଥିଲା, ବରଂ ତାଙ୍କୁ ୨ ଥର ନିର୍ବାଚନରେ ପରାସ୍ତ କରିଥିଲା। ପଣ୍ଡିତ ନେହରୁ ତାଙ୍କ ବିରୋଧରେ ପ୍ରଚାର କରିଥିଲେ। ତାଙ୍କ ପରାଜୟକୁ ଗୋଟିଏ ସମ୍ମାନସ୍ପଦ ପ୍ରସଙ୍ଗରେ ପରିଣତ କରିଥିଲେ। ଆମ୍ବେଦକରଙ୍କୁ ଭାରତ ରତ୍ନ ଦେବାକୁ ମନା କରି ଦେଇଥିଲେ। ସଂସଦର ସେଣ୍ଟ୍ରାଲ ହଲ୍‌ରେ ତାଙ୍କ ସମ୍ମାନରେ ଛବିକୁ ସ୍ଥାନ ଦେଇ ନଥିଲେ।"

୧୯୫୨ ମସିହା ଲୋକସଭା ନିର୍ବାଚନରେ ଆମ୍ବେଦକର କଂଗ୍ରେସ ପ୍ରାର୍ଥୀ ନାରାୟଣ ସାଡୋବା କାଜ୍ରୋଲକରଙ୍କ ଠାରୁ ବମ୍ବେ(ଉତ୍ତର)ରୁ ପରାସ୍ତ ହୋଇଥିଲେ। ୧୯୫୪ ଉପ ନିର୍ବାଚନରେ ଆମ୍ବେଦକର ଭଣ୍ଡାରା ଠାରୁ ସେ ଲଢ଼ିଥିଲେ ହେଁ ତାଙ୍କୁ କଂଗ୍ରେସର ଭାଉରାଓ ବୋରକର ହରାଇ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଅଭିଯୋଗ କରିଛନ୍ତି ଯେ ଅନୁସୂଚିତ ଜାତି/ଜନଜାତି ବିରୋଧରେ ହୋଇଥିବା ସବୁଠାରୁ ଭୟଙ୍କର ନରସଂହାର କଂଗ୍ରେସ ଅମଳରେ ଘଟିଥିଲା। ସେମାନେ ଦୀର୍ଘ ବର୍ଷ ଧରି କ୍ଷମତାରେ ରହିଥିଲା। କିନ୍ତୁ ଅନୁସୂଚିତ ଜାତି/ଜନଜାତିଙ୍କ ସଶକ୍ତୀକରଣ ପାଇଁ କୌଣସି ପଦକ୍ଷେପ ନେଇ ନାହାନ୍ତି। ଆମ୍ବେଦକର ରଖିଥିବା ଲକ୍ଷ୍ୟକୁ ପୂରଣ କରିବା ପାଇଁ ବିଜେପି ସରକାର ନେଇଥିବା ଅନେକ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ମଧ୍ୟ ମୋଦି ସମସ୍ତଙ୍କୁ ଜଣାଇଛନ୍ତି।

## ଘରେ ଶୋଇଥିବା ବେଳେ ଲାଗିଲା ନିଆଁ, ୬ ମୃତ

**ଶ୍ରୀନଗର, ୧୮।୧୨:** ଜମ୍ମୁ କଶ୍ମୀରର କଠୁଆ ଜିଲ୍ଲା ଶିବାନଗରରେ ଗତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଜଣଙ୍କ ଘରେ ନିଆଁ ଲାଗିବା ଫଳରେ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଛି ଓ ୪ ଜଣ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ମହିଳା, ଶିଶୁ ଥିବା ବେଳେ ସେମାନେ ଏକ ପରିବାରର ସଦସ୍ୟ ବୋଲି ଜଣାଯାଇଛି। ଶିବାନଗରରେ ଭଡ଼ାରେ ରହୁଥିବା ଜଣଙ୍କ ଘରେ ଏହି ଅଗ୍ନିକାଣ୍ଡ ଘଟିଛି। ଗତ ରାତିରେ ପରିବାରର ପ୍ରାୟ ୧୦ ସଦସ୍ୟ ଖାଇବା ସାରି ଶୋଇଥିଲେ। ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗିବାରୁ ସେମାନେ ଉଠି ପଡ଼ିଥିଲେ। ମାତ୍ର ଚାରିଆଡ଼େ ଧୂଆଁମୟ ହୋଇ ଯାଇଥିବାରୁ ଅଣନିଶ୍ୱାସୀ ହୋଇ ୬ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ତୁରନ୍ତ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଏହାପରେ ସେମାନେ ଭିତରେ ପଶି ଅଚେତ ହୋଇ ପଡ଼ିଥିବା ୪ ଜଣଙ୍କୁ ଉଦ୍ଧାର କରି ତୁରନ୍ତ କାଠୁଆରେ ଥିବା ଏଚଏମସି ମେଡିକାଲରେ ଭର୍ତ୍ତି କରିଛନ୍ତି। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ସର୍ଟସର୍କିଟରୁ ଏହି ନିଆଁ ବ୍ୟାପିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ଶିକ୍ଷକଙ୍କ ନିର୍ଯାତନାରୁ ଫିନାଇଲ ପିଇଦେଲେ ନବମ ଛାତ୍ର

**ଭୋପାଳ, ୧୮।୧୨:** ସ୍କୁଲରେ ଅସହ୍ୟ ହେଲା ଦୁଇ ଶିକ୍ଷକଙ୍କ ନିର୍ଯାତନା। ଏପରି ନିର୍ଯାତନା ସହି ନ ପାରି କୋମଳ ଛାତ୍ରଜଣକ ଭାଙ୍ଗି ପଡ଼ିଥିବା ବେଳେ ନେଇଥିଲେ ଚରମ ପଦକ୍ଷେପ । ଏପରିକି ଜୀବନ ହାରିବାକୁ ନିଷ୍ପତ୍ତି ନେଇ ନବମ ଶ୍ରେଣୀ ଛାତ୍ରଜଣକ ଫିନାଇଲ ପିଇ ଦେଇଥିଲେ। ଏପରି ଏକ ଘଟଣା ମଧ୍ୟପ୍ରଦେଶର ଗୋୱାଲିଅର ସହରରେ ଘଟିଛି। ଏହି ମାମଲାରେ ପୁଲିସ୍ ଦୁଇ ଅଭିଯୁକ୍ତ ଶିକ୍ଷକଙ୍କୁ ବାନ୍ଧିଛି। ପୁଲିସ୍ ଅଧିକାରୀଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ମହାରାଜପୁରା ଥାନା ଅଞ୍ଚଳରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ୁଥିବା ଜଣେ ୧୪ ବର୍ଷୀୟ ନାବାଳକ ଏପରି ଚରମ ପଦକ୍ଷେପ ଉଠାଇଛନ୍ତି। ସେ ଉକ୍ତ ସ୍କୁଲରେ ନବମ ଶ୍ରେଣୀରେ ପଢ଼ୁଥିଲେ। ଶିକ୍ଷକଦ୍ୱୟଙ୍କ ନିର୍ଯାତନାରେ ଅତିଷ୍ଠ ଛାତ୍ର ଫିନାଇଲ ପିଇବା ପୂର୍ବରୁ ସୁଇସାଇଡ ନୋଟ୍ ଲେଖିଥିଲେ। ଉକ୍ତ ନୋଟ୍‌ରେ ସେ ନିଜ ଦୁଇ ଶିକ୍ଷକଙ୍କ ନାମ ଉଲ୍ଲେଖ କରିଥିଲେ। ଏହାପରେ ସେ ଫିନାଇଲ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ଏବେ ସୁସ୍ଥ ଥିବା ଜଣାଯାଇଛି। ପୁଲିସ୍ ଏହି ଘଟଣାର ଛାନଭିନ ଆରମ୍ଭ କରି ନାବାଳକଙ୍କ ସୁଇସାଇଡ ନୋଟ୍ ଜବତ କରିଥିବା ବେଳେ ତାଙ୍କ ବୟାନ ବି ରେକର୍ଡ କରିଛି। ଏହା ଆଧାରରେ ପୁଲିସ୍ ଦୁଇ ଅଭିଯୁକ୍ତ ଶିକ୍ଷକଙ୍କୁ ବାନ୍ଧିଛି।

## ପ୍ଲେ ସ୍କୁଲ ବାଥ୍‌ରୁମ୍‌ରେ ସ୍ପାଏ କ୍ୟାମେରା, ବନ୍ଧା ହେଲେ ନିର୍ଦ୍ଦେଶକ

**ଲକ୍ଷ୍ନୌ, ୧୮।୧୨:** ଉତ୍ତରପ୍ରଦେଶର ନୋଏଡାରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଏକ ପ୍ଲେ ସ୍କୁଲ ବାଥ୍‌ରୁମ୍‌ରୁ ଜବତ ହୋଇଛି ସ୍ପାଏ କ୍ୟାମେରା। ଏହି ଘଟଣାରେ ପୁଲିସ୍ ଉକ୍ତ ସ୍କୁଲର ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ସ୍କୁଲର ଜଣେ ଶିକ୍ଷକ ଏନେଇ ପୁଲିସ୍‌କୁ ଅବଗତ କରିବା ପରେ ପୁଲିସ୍ ତତ୍ପର ହୋଇ ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ପୁଲିସ୍ ଯାହା ଦେଖିଲା ଚକିତ ହୋଇ ଯାଇଥିଲା। ସ୍କୁଲ ବାଥ୍‌ରୁମ୍‌ରେ ଥିବା ଏକ ବଲ୍ ହୋଲଡରରେ ଲାଗିଥିଲା ସ୍ପାଏ କ୍ୟାମେରା। ଏନେଇ ପଚରାଉଚରା କରିବା ପରେ ସ୍କୁଲର ସିକ୍ୟୁରିଟି ଗାର୍ଡ କରିଥିଲେ ବଡ଼ ଖୁଲାସା। ସେ କହିଥିଲେ, ନିର୍ଦ୍ଦେଶକଙ୍କ କହିବାନୁଯାୟୀ, ଉକ୍ତ କ୍ୟାମେରାକୁ ଲଗା ଯାଇଥିଲା। ଏହାପରେ ପୁଲିସ ତୁରନ୍ତ ସ୍କୁଲର ନିର୍ଦ୍ଦେଶକଙ୍କୁ ବାନ୍ଧିଛି। ଯାଞ୍ଚ ସମୟରେ ପୁଲିସ୍ ଜାଣିବାକୁ ପାଇଛି, ଉକ୍ତ କ୍ୟାମେରାକୁ ଅନଲାଇନ୍‌ରେ ଅର୍ଡର କରାଯାଇଥିଲା। ନିର୍ଦ୍ଦେଶକଙ୍କ କହିବାନୁଯାୟୀ, ଏହି ଅର୍ଡର କରିଥିବା ସ୍କୁଲ କର୍ମଚାରୀଙ୍କୁମଧ୍ୟ ଗିରଫ କରାଯାଇଛି। ଏହା ପୂର୍ବରୁ ବି ଉକ୍ତ ସ୍କୁଲ ବାଥରୁମ୍‌ରେ ଏକ ସ୍ପାଏ କ୍ୟାମେରା ଲାଗିଥିବା ଶିକ୍ଷକଜଣକ ଅଭିଯୋଗ କରିଛନ୍ତି। ଗତ ନଭେମ୍ବର ମାସରେ ବି ଉତ୍ତରପ୍ରଦେଶର ସୋନଭଦ୍ର ଅଞ୍ଚଳରେ ଏପରି ଏକ ଘଟଣା ଘଟିଥିଲା। ଏକ ସ୍କୁଲ ବାଥ୍‌ରୁମ୍‌ରେ ଏକ ସ୍ପାଏ କ୍ୟାମେରା ଲାଗିଥିବା ଜଣାପଡ଼ିବା ପରେ ପୁଲିସ୍ ତୁରନ୍ତ ଅଭିଯୁକ୍ତକୁ ବାନ୍ଧିଥିଲା।

## ହ୍ୱିପ୍ ସତ୍ତ୍ୱେ ଆସିଲେନି ୨୦ରୁ ଅଧିକ ସାଂସଦ

**ନୂଆଦିଲ୍ଲୀ, ୧୮।୧୨:** ଦେଶରେ ଏକକ ନିର୍ବାଚନ ପାଇଁ ଆଉ ପାଦେ ଆଗେଇଛନ୍ତି ମୋଦି ସରକାର। ମଙ୍ଗଳବାର ଲୋକସଭାରେ 'ଓ୍ୱାନ ନେସନ୍ ଓ୍ୱାନ୍ ଇଲେକ୍‌ସନ୍' ବିଲ୍ ଆଗତ ହୋଇଛି। ତେବେ ଏହି ଅବସରରେ ଅଧିକାଂଶ ସାଂସଦ ଗୃହରେ ଉପସ୍ଥିତ ନଥିଲେ। ହ୍ୱିପ୍ ପରେ ବି ପାଖାପାଖି ୨୦ରୁ ଅଧିକ ସାଂସଦ ସଂସଦକୁ ଆସିନଥିଲେ। ଏହାକୁ ନେଇ ଏବେ ଆକ୍ସନ ମୁଡ୍‌କୁ ଆସିଛି ବିଜେପି। ସାଂସଦମାନଙ୍କୁ ଦଳ ନୋଟିସ୍ ଜାରି କରିଛି।

'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ପାଇଁ ସରକାର ମଙ୍ଗଳବାର ସଂସଦରେ 'ସମ୍ବିଧାନ (୧୨୯ତମ ସଂଶୋଧନ) ବିଲ୍ ୨୦୨୪' ଏବଂ ୟୁନିଅନ୍ ଟେରିଟୋରୀ ଆଇନ (ସଂଶୋଧନ) ବିଲ୍ ୨୦୨୪ ଆଣିଥିଲେ। ବିଜେପି ସାଂସଦମାନଙ୍କୁ ପୂର୍ବରୁ ଲୋକସଭାରେ ଉପସ୍ଥିତ ରହିବା ପାଇଁ ତିନି ଲାଇନ୍‌ର ହ୍ୱିପ୍ ଜାରି କରିଥିଲା। ତେବେ ଏହା ସତ୍ତ୍ୱେ ବି 'ଓ୍ୱାନ ନେସନ୍ ଓ୍ୱାନ୍ ଇଲେକ୍‌ସନ୍' ବିଲ୍ ଆଗତ ପାଇଁ ଭୋଟିଂ ବେଳେ ୨୦ରୁ ଅଧିକ ସାଂସଦ ଉପସ୍ଥିତ ନଥିଲେ। ମୋଦି କ୍ୟାବିନେଟ୍‌ରେ

### ନୋଟିସ୍ ପଠାଇଲା ବିଜେପି

ସାମିଲ ତିନି ଜଣ ବଡ଼ ମନ୍ତ୍ରୀ ନୀତିନ ଗଡକରୀ, ଗିରିରାଜ ସିଂହ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ମଧ୍ୟ ଦେଖା ନଥିଲା। ତେବେ ଅନୁପସ୍ଥିତ ଥିବା ସମସ୍ତ ସାଂସଦଙ୍କୁ ନିର୍ଦ୍ଦେଶ ଅବହେଳା କରିବା ଅଭିଯୋଗରେ ବିଜେପି ନୋଟିସ୍ ଜାରି କରିଛି। ତେବେ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଅନେକ ସାଂସଦ ପୂର୍ବରୁ ଗୃହକୁ ଆସିପାରିବେ ନାହିଁ ବୋଲି ଦଳକୁ ସୂଚିତ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ମଙ୍ଗଳବାର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଲୋକସଭାରେ ଏହି ବିଲ୍ ଉପସ୍ଥାପନ କରିଥିଲେ। ଲୋକସଭାରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ମାମଲା ଡିଭିଜନରେ ପହଞ୍ଚିଥିଲା ଏବଂ ଏହା ପରେ ଗୃହରେ ବିଲ୍ ଆଗତ ହୋଇଥିଲା। ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ବିଲ୍ ଗୃହରେ ଉପସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ। ବିଲ ନେଇ ମୋସନ ଆସିବା ପରେ ସଂସଦରେ ପ୍ରଥମଥର ପାଇଁ ଇଲେକ୍‌ଟ୍ରୋନିକ ଭୋଟିଂ ମେସିନରେ ଭୋଟ୍ ଦେଇଥିଲେ ସଦସ୍ୟ। ତେବେ ସପକ୍ଷରେ ୨୬୯ ଓ ବିପକ୍ଷରେ ୧୯୮ ଭୋଟ୍ ପଡ଼ିବାରୁ ବିଲ୍ ଆଗତ ପାଇଁ ବାଟ ଫିଟିଛି। ଏବେ ବିଲକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯିବ। ଜେପିସି ରିପୋର୍ଟ ଦେବା ପରେ ବିଲ ପୁଣି ସଂସଦରେ ଆଗତ ହେବ।

## ବିହାରରେ ଆସନ ବୁଝାମଣା ଆଲୋଚନା ଶୀଘ୍ର

**ପାଟନା, ୧୮।୧୨:** ଆସନ୍ତା ବର୍ଷ ବିହାର ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି। ଏଥିଲାଗି ଆସନ୍ତା ମାସରେ ଶାସକ ମେଣ୍ଟ ଏନଡିଏର ଅଂଶୀଦାର ଦଳ ମଧ୍ୟରେ ଆଲୋଚନା ଆରମ୍ଭ ହେବ। ବିଧାନସଭା ନିର୍ବାଚନର ଯଥେଷ୍ଟ ପୂର୍ବରୁ ଆସନ ବୁଝାମଣା ଚୂଡ଼ାନ୍ତ କରିବାକୁ ଏହି ନିଷ୍ପତ୍ତି ନିଆଯାଇଛି। ଏନଡିଏର ପ୍ରମୁକ ଅଂଶୀଦାର ଦଳ ବିଜେଡି, ଜେଡିୟୁ, ଚିରାଗ ପାଶ୍ୱାନଙ୍କ ଏଲଜେପି ଏବଂ ଜିତନ ରାମ ମାଂଝୀଙ୍କ ଏଚଏଏମ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଆସନ ବୁଝାମଣା ହେବ। ପରେ ଅନ୍ୟ କେତେକ ଛୋଟ ଛୋଟ ଦଳ ସହ ମଧ୍ୟ ଆସନ ବୁଝାମଣା ନେଇ ଆଲୋଚନା ହେବ। ଗତ ଥର ଚିରାଗ ପାଶ୍ୱାନଙ୍କ ଏଲଜେପି ବୁଝାମଣାରୁ ଓହରି ଜେଡିୟୁ ବିରୋଧରେ ପ୍ରାର୍ଥୀ ଦେଇଥିଲା। ଫଳରେ ଜେଡିୟୁ ୨୦ରୁ ୨୫ ଆସନ ହରାଇଥିଲା। ଏଥର ଯେପରି ଏହାର ପୁନରାବୃତ୍ତି ନହେବ ସେଥିଲାଗି ମୂଳରୁ ବୁଝାମଣା ହେବ ଏବଂ ସବୁ ଦଳ ମିଳିତ ଭାବେ ଲଢ଼ିବେ ବୋଲି ଜିତନ ରାମ ମାଂଝୀ କହିଛନ୍ତି।

## ଏମ୍‌ଏସ୍‌ପିକୁ ଆଇନଗତ ସ୍ୱୀକୃତି ଦାବିରେ ଚାଷୀଙ୍କ ରେଳରୋକ

**ନୂଆଦିଲ୍ଲୀ, ୧୮।୧୨:** ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)କୁ ଆଇନଗତ ସ୍ୱୀକୃତି ଦାବି କରି ଆନ୍ଦୋଳନ ଚଳାଉଥିବା କୃଷକମାନେ ଆଜି ବିଭିନ୍ନ ସ୍ଥାନରେ ରେଳରୋକ ଆନ୍ଦୋଳନ କରିଛନ୍ତି। ବିଭିନ୍ନ ସ୍ଥାନରେ ଚାଷୀମାନେ ରେଳ ଧାରଣା ଉପରେ ବସି ରହି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ଫଳରେ ରେଳ ଚଳାଚଳ ଗୁରୁତର ପ୍ରଭାବିତ ହୋଇଛି। ଅନେକ ଟ୍ରେନ ବିଭିନ୍ନ ଷ୍ଟେସନରେ ଅଟକି ରହିଛି ଏବଂ ଅଧିକାଂଶ ଟ୍ରେନ ୨ରୁ ୮ ଘଣ୍ଟା ବିଳମ୍ବରେ ଚାଲିଛି। ହରିୟାନା, ପଞ୍ଜାବ, ପଶ୍ଚିମ ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ଚାଷୀଙ୍କ ରେଳ ରୋଗ ଆନ୍ଦୋଳନର ଅଧିକ ପ୍ରଭାବ ଅନୁଭୂତ ହୋଇଛି। ପଞ୍ଜାବରେ କେତେକ ଟ୍ରେନକୁ ବାତିଲ କରାଯାଇଛି। କୃଷକଙ୍କ ସହ ଆଲୋଚନା ନିମନ୍ତେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କମିଟିକୁ ଭେଟିବାକୁ କୃଷକ ସଙ୍ଗଠନ ମନା କରି ଦେଇଛନ୍ତି। ପୂର୍ବରୁ କୃଷକ ମାନେ ଦିଲ୍ଲୀ ଚଲୋ ଡାକରା ଦେଇ ଦିଲ୍ଲୀ ଅଭିମୁଖେ ପଦଯାତ୍ରା କରୁଥିବା ବେଳେ ବାଟରେ ସେମାନଙ୍କୁ ପୋଲିସ ଅଟକାଇବା ସହ ଲୁହବୁହା ଗ୍ୟାସ ଏବଂ ପାଣିମାଡ଼ କରିଥିଲା। ଚାଷୀମାନେ ଦିଲ୍ଲୀର ଶମ୍ଭୁ ସୀମାରେ ଅଟକି ରହି ରାଜପଥରେ ଧାରଣା ଦେଇଛନ୍ତି।

## ମଙ୍ଝି ନଦୀରେ ବୁଡ଼ିଲା ଡଙ୍ଗା, ୨୫ ମୃତ

**କଙ୍ଗୋ, ୧୮।୧୨:** ମଙ୍ଝି ନଦୀରେ ଓଲଟି ପଡ଼ିଲା ଯାତ୍ରୀବାହୀ ଡଙ୍ଗା। ଚାଲିଗଲା ୨୫ ଜଣଙ୍କ ଜୀବନ। ସେହିପରି ୧୨ରୁ ଅଧିକ ଯାତ୍ରୀ ନିଖୋଜ ଅଛନ୍ତି। ଆଫ୍ରିକାର କଙ୍ଗୋରେ ଘଟିଛି ଏଭଳି କିଛି ଦୁର୍ଘଟଣା। ସୂଚନା ମୁତାବକ, ମଧ୍ୟ କଙ୍ଗୋର ଫିମି ନଦୀ କୂଳରେ ୧୦୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବୁଡ଼ି ଯାଇଛି। ଏଥିରେ ୨୫ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଛୋଟ ପିଲା ଓ ମହିଳା ଅଛନ୍ତି। ସେହିପରି ୧୨ ଜଣ ଏବେବି ନିଖୋଜ ଅଛନ୍ତି। ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ଏହି ସୂଚନା ଦେଇଛନ୍ତି। କିନ୍ସାସାର ରାଜଧାନୀ ଉତ୍ତର-ପୂର୍ବରେ



ଥିବା ଇନୋଙ୍ଗୋ ସହରରୁ ବାହାରିବା ପରେ ୧୦୦ରୁ ଅଧିକ ଯାତ୍ରୀ ଜାହାଜରେ ଚଢ଼ିଥିଲେ ବୋଲି ଜଣାପଡିଛି। ଅଧିକାରୀଙ୍କ କହିବା ମୁତାବକ ଓଭରଲୋଡିଂ ଯୋଗୁ ଏହି ଯାତ୍ରୀବାହୀ ଡଙ୍ଗାଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଡଙ୍ଗାରେ ଯାତ୍ରୀଙ୍କ ସମେତ ଜିନିଷ ପତ୍ର ମଧ୍ୟ ଲଦା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୨୫ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଅନ୍ୟମାନଙ୍କୁ ଖୋଜାଖୋଜି ଚାଲିଛି। ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅଶଙ୍କା ରହିଛି। ଚଳିତ ବର୍ଷ କଙ୍ଗୋରେ ଏହା ହେଉଛି ଚତୁର୍ଥ ଡଙ୍ଗା ବୁଡ଼ି ଘଟଣା। କଙ୍ଗୋର ମାଇ-ଏନ୍‌ଡୋମ୍ବେ ଅଞ୍ଚଳ ଚାରିପଟେ ନଦୀ ଘେରି ରହିଛି। ଏଠାକାର ଲୋକ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଡଙ୍ଗା ଉପରେ ନିର୍ଭର କରନ୍ତି। ଡଙ୍ଗାରେ ଓଭରଲୋଡିଂକୁ ନେଇ ବାରମ୍ବାର କଙ୍ଗୋ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି ଏବଂ ଜଳ ପରିବହନ ପାଇଁ ସୁରକ୍ଷା ବ୍ୟବସ୍ଥା ଉଲ୍ଲଂଘନ କରୁଥିବା ଲୋକଙ୍କୁ ଦଣ୍ଡ ଦେବାକୁ ମଧ୍ୟ କହିଛନ୍ତି।

**ସୀମାରେ ସ୍ଥିତି ହେବ ସ୍ୱାଭାବିକ**

## ଚୀନ୍ ବୈଦେଶିକ ମନ୍ତ୍ରୀଙ୍କ ସହ କଥା ହେଲେ ଡୋଭାଲ୍

**ଶ୍ରୀନଗର, ୧୮।୧୨:** ପୂର୍ବ ଲଦାଖରେ ଚୀନ ପଟୁ ଭାରତ ସହ ସାମରିକ ବିବାଦ ରହିଛି। ଦୀର୍ଘ ୪ ବର୍ଷ ଧରି ଏହି ବିବାଦ ସହ ବିପଦ ମଧ୍ୟ ରହିଛି। ଏହାରି ଭିତରେ କିନ୍ତୁ ଚୀନ ଓ ଭାରତ ମଧ୍ୟରେ ବୈଠକ ହୋଇଛି। ବୈଠକରେ ଦୁଇ ଦେଶ ମଧ୍ୟରେ କିଭଳି ପୁନଃ ସମ୍ପର୍କ ଗଢ଼ି ଉଠିବ ଏବଂ ବିବାଦ କିଭଳି ସମାଧାନ ହେବ ସେ ନେଇ ଆଲୋଚନା ହୋଇଛି। ଏଲ୍‌ଏସିରେ ଶାନ୍ତି ଶୃଙ୍ଖଳା ବଜାୟ ରହିବା ସହିତ ସୀମା ବିବାଦ ଉପରେ ଆଲୋଚନା କରିଛନ୍ତି, ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି। ଆଗକୁ ୨୩ତମ ପର୍ଯ୍ୟାୟ ସ୍ୱତନ୍ତ୍ର ପ୍ରତିନିଧି ଆଲୋଚନା ହେବ। ଦୁଇ ଦେଶର ପ୍ରତିନିଧି ଏହି ବୈଠକରେ ଯୋଗଦେବେ। ଏହି ବୈଠକ ପୂର୍ବରୁ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ଡୋଭାଲ ମଙ୍ଗଳବାର ବେଜିଂରେ ପହଞ୍ଚିଛନ୍ତି। ଶେଷ ବୈଠକ ୨୦୧୯ରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା।

ସ୍ୱତନ୍ତ୍ର ପ୍ରତିନିଧି (ଏସଆର) ଆଲୋଚନା ସମ୍ପର୍କରେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ କହିଛନ୍ତି ଯେ ଚୀନ୍ ଆନ୍ତରିକତାର ସହ ମତଭେଦ ଦୂର କରିବାକୁ ପ୍ରସ୍ତୁତ। ଦୁଇ ଦେଶର ନେତାଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ନେଇ କାର୍ଯ୍ୟକାରୀ କରିବା, ପରସ୍ପରର ମୂଳ ସ୍ୱାର୍ଥ ଏବଂ ପ୍ରମୁଖ ଚିନ୍ତାକୁ ସମ୍ମାନ ଦେବା, ଆଲୋଚନା ମାଧ୍ୟମରେ ପାରସ୍ପରିକ ବିଶ୍ୱାସକୁ ସୁଦୃଢ଼ କରିବାକୁ ଆନ୍ତରିକତା ଦେଖାଇବା। ସଦ୍ଭାବନା ସହିତ ମତଭେଦକୁ ଠିକ୍ ଭାବରେ ଦୂର କରିବା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ଯଥାଶୀଘ୍ର ପୁନଃ ସ୍ଥାପିତ କରିବା ଦିଗରେ ଆଲୋଚନା ହୋଇଛି। ଚୀନ୍ ଭାରତ ସହିତ କାମ କରିବାକୁ ଇଚ୍ଛୁକ ବୋଲି ଚୀନର ଏହି ମନ୍ତ୍ରୀ କହିଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୋମବାର କହିଥିଲା ଯେ ଦୁଇ ଏସଆର ସୀମାନ୍ତ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ପରିଚାଳନା ଉପରେ ଆଲୋଚନା କରିବେ। ସୀମା ବିବାଦର ନିରପେକ୍ଷ, ଯୁକ୍ତିଯୁକ୍ତ ଏବଂ ପାରସ୍ପରିକ ଗ୍ରହଣୀୟ ସମାଧାନ ଖୋଜିବେ। ଏସଆର



ବୈଠକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ କାରଣ ସମ୍ପର୍କ ପୁନରୁଦ୍ଧାର ପାଇଁ ଏହା ଦୁଇ ଦେଶ ମଧ୍ୟରେ ଦୀର୍ଘ ବର୍ଷ ପରେ ପ୍ରଥମ ଆଲୋଚନା। ଭାରତ-ଚୀନ୍ ସୀମାର ବ୍ୟାପକ ସମାଧାନ ପାଇଁ ୨୦୦୩ରେ ଗଠିତ ସ୍ୱତନ୍ତ୍ର ପ୍ରତିନିଧି କମିଟି ଗତ କିଛି ବର୍ଷ ମଧ୍ୟରେ ଏଯାବତ ୨୨ ଥର ବୈଠକ କରିଛନ୍ତି। ଯଦିଓ ସୀମା ବିବାଦର ସମାଧାନ କରିବାରେ ଏହା ସଫଳ ହୋଇନଥିଲା, ତଥାପି ଦୁଇ ଦେଶ ମଧ୍ୟରେ ବାରମ୍ବାର ଲାଗି ରହିଥିବା ଉତ୍ତେଜନାର ସମାଧାନ ପାଇଁ ଉଭୟ ପକ୍ଷର ଅଧିକାରୀମାନେ ଏହାକୁ ଏକ ଅତ୍ୟନ୍ତ ଆଶାଜନକ ଭାବେ ବିବେଚନା କରିଛନ୍ତି। ପୂର୍ବ ଲଦାଖର ବାସ୍ତବ ନିୟନ୍ତ୍ରଣ ରେଖା ବା ଏଲଏସିରେ ସାମରିକ ବିବାଦ ୨୦୨୦ ମେ' ମାସରେ ଆରମ୍ଭ ହୋଇଥିଲା। ଏହା ପରେ ସେହି ବର୍ଷ ଜୁନ୍ ମାସରେ ଗଲୱାନ ଉପତ୍ୟକାରେ ଭୟଙ୍କର ସଂଘର୍ଷ ହୋଇଥିଲା। ଯାହାଫଳରେ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ସମ୍ପର୍କରେ ଗମ୍ଭୀର ତିକ୍ତତା ଦେଖାଦେଇଥିଲା। ବାଣିଜ୍ୟ ବ୍ୟତୀତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପ୍ରାୟତଃ ଠପ୍ ରହିଥିଲା।

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ୟାସ ନେଲେ ଅଶ୍ୱିନ



**ନୂଆଦିଲ୍ଲୀ, ୧୮।୧୨:** ଅନ୍ତର୍ଜାତୀୟ କ୍ରିକେଟ୍‌କୁ ବାଏ ବାଏ କହିଲେ ସ୍ପିନ୍ ଲିଜେଣ୍ଡ ଆର୍ ଅଶ୍ୱିନ୍। ଗାବା ଟେଷ୍ଟ ପରେ ସେ ଅବସର ଘୋଷଣା କରିଛନ୍ତି। ଏହି ଷ୍ଟାର୍ କ୍ରିକେଟର୍‌ଙ୍କୁ ଏବେ ଆଉ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଦେଖିବାକୁ ମିଳିବ ନାହିଁ। ୩୮ ବର୍ଷ ବୟସରେ ରବିଚନ୍ଦ୍ରନ୍ କ୍ରିକେଟରୁ ଅବସର ନେଇ ଘୋଷଣା କରିଛନ୍ତି। ଅଶ୍ୱିନଙ୍କ ଏପର୍ଯ୍ୟନ୍ତ ଏକ ଦୃଢ଼ ରେକର୍ଡ ରହିଛି। ବୋଲିଂ ସହିତ ସେ ବ୍ୟାଟିଂରେ ମଧ୍ୟ ଉତ୍କର୍ଷ ପ୍ରଦର୍ଶନ କରିଛନ୍ତି। ସେ ନିଜ ଟେଷ୍ଟ କ୍ୟାରିଅରରେ ୫୦୦ରୁ ଅଧିକ ୱିକେଟ ନେଇଛନ୍ତି। ବ୍ରିସବେନରେ ତୃତୀୟ ଟେଷ୍ଟ ପରେ ସେ ଖବରଦାତା ସମ୍ମିଳନୀରେ ଅବସର ଘୋଷଣା କରିଛନ୍ତି। ଗାବା ଟେଷ୍ଟର ଡ୍ର ପରେ ରବିଚନ୍ଦ୍ରନ ଅଶ୍ୱିନ୍ ଅବସର ଘୋଷଣା କରି କହିଛନ୍ତି ଯେ ଭାରତ ପାଇଁ କ୍ରିକେଟର ଭାବରେ ଏହା ତାଙ୍କର ଥିଲା ଶେଷ ଦିନ। ଏହାପୂର୍ବରୁ ଯେତେବେଳେ ପଞ୍ଚମ ଦିନରେ ମ୍ୟାଚ୍ ବନ୍ଦ ହୋଇଥିଲା ସେତେବେଳେ ଟିମ୍ ଇଣ୍ଡିଆର ସଦସ୍ୟମାନେ ଡ୍ରେସିଂ ରୁମରେ ଉପସ୍ଥିତ ଥିଲେ, ଏହି ସମୟରେ ରବିଚନ୍ଦ୍ରନ ଅଶ୍ୱିନ ବିରାଟ କୋହଲିଙ୍କୁ ଆଲିଙ୍ଗନ କରିଥିଲେ। ୩୮ ବର୍ଷୀୟ କ୍ରିକେଟର ଆର୍ ଅଶ୍ୱିନ୍‌ଙ୍କ ନାଁରେ ଅନେକ ରେକର୍ଡ ରହିଛି। ସେ ଭାରତୀୟ ଟେଷ୍ଟ କ୍ରିକେଟର ଦ୍ୱିତୀୟ ସର୍ବାଧିକ ୱିକେଟ୍ ନେଇଥିବା ଖେଳାଳି। ବିଶ୍ୱ ଟେଷ୍ଟ କ୍ରିକେଟରେ ସର୍ବାଧିକ ୱିକେଟ ନେଇଥିବା ତାଲିକାର ୭ମ ସ୍ଥାନରେ ସେ ରହିଛନ୍ତି। ଟେଷ୍ଟ କ୍ରିକେଟରେ ଅଶ୍ୱିନ ୧୦୬ଟି ମ୍ୟାଚ ଖେଳି ମୋଟ ୫୩୭ଟି ନେଇଛନ୍ତି। ସେହିପରି ଓଡିଆଇରେ ୧୫୬ଟି ୱିକେଟ୍ ଓ ଟି-୨୦ରେ ୭୨ ୱିକେଟ୍ ତାଙ୍କ ନାଁରେ ରହିଛି। ଏହାର ଅର୍ଥ ଅନ୍ତର୍ଜାତୀୟ କ୍ରିକେଟରେ ସେ ୭୬୫ ୱିକେଟ୍ ନେଇଛନ୍ତି। ଏଥିସହିତ ସେ ସର୍ବାଧିକ ସଂଖ୍ୟକ ପ୍ଲେୟାର ଅଫ୍ ଦି ସିରିଜ୍ ପୁରସ୍କାର ଜିତିଛନ୍ତି (୧୧ ଥର), ଯାହା ଶ୍ରୀଲଙ୍କାର କିମ୍ବଦନ୍ତୀ କ୍ରିକେଟର ମୁଥିଆ ମୁରଲୀଧରନ୍‌ଙ୍କ ରେକର୍ଡ ସହ ସମାନ। କେବଳ ସ୍ପିନର୍ ନୁହନ୍ତି ଜଣେ ଭଲ ବ୍ୟାଟର ଭାବେ ମଧ୍ୟ ଅଶ୍ୱିନ୍ ନିଜର ଛାପ ଛାଡ଼ିଛନ୍ତି। ସେ ଟେଷ୍ଟ କ୍ରିକେଟରେ ୩୫୦୩ ରନ୍ ସଂଗ୍ରହ କରି ମୋଟ ୬ ଶତକ ହାସଲ କରିଛନ୍ତି । ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ତାଙ୍କର ମୋଟ ୮ଟି ଶତକ ରହିଛି।

## ଅଶ୍ୱିନଙ୍କ ୧୪ ବର୍ଷ କ୍ରିକେଟ୍ କ୍ୟାରିୟର୍

# ୭୬୫ ଉଇକେଟ୍, ୪୩୯୪ ରନ୍

**ନୂଆଦିଲ୍ଲୀ,୧୮।୧୨:** ଭାରତର କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ବର୍ଷା ଯୋଗୁ ଭାରତ ବନାମ ଅଷ୍ଟ୍ରେଲିଆ ବ୍ରିସବେନ ଟେଷ୍ଟକୁ ଡ୍ର ଘୋଷଣା କରାଯାଇଛି। ମ୍ୟାଚ ଡ୍ର ଘୋଷିତ ହେବା ପରେ ଅଶ୍ୱିନ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଉଛନ୍ତି। ସେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୭୦୦ ରୁ ଅଧିକ ଉଇକେଟ ନେଇଥିଲେ। ଗାବା ପରୀକ୍ଷା ବାତିଲ ହେବା ପୂର୍ବରୁ ସେ ବିରାଟ କୋହଲିଙ୍କ ସହ ଦୀର୍ଘ ସମୟ କଥାବାର୍ତ୍ତା କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା।

ଅବସର ଘୋଷଣା କରି ଅଶ୍ୱିନ କହିଛନ୍ତି, ଅନ୍ତର୍ଜାତୀୟ କ୍ରିକେଟର ତିନୋଟି ଫର୍ମାଟରେ ଭାରତୀୟ କ୍ରିକେଟ ଖେଳାଳି ଭାବରେ ଏହା ମୋର ଶେଷ ଦିନ। ମୁଁ ଅନୁଭବ କରୁଛି ଯେ, ମୋ ଭିତରେ ଏବେ ଜଣେ କ୍ରିକେଟରଙ୍କ ଚିହ୍ନ ରହିଛି, କିନ୍ତୁ ମୋର ଦକ୍ଷତା ବର୍ତ୍ତମାନ କ୍ଲବ ସ୍ତରୀୟ କ୍ରିକେଟରେ ହିଁ ଦେଖିବାକୁ ମିଳିବ। ରୋହିତ ଶର୍ମା ଏବଂ ଅନ୍ୟ ସମସ୍ତ ସାଥୀମାନଙ୍କ ସହିତ ଏହି ଦୀର୍ଘ ଯାତ୍ରା ଉପଭୋଗ କଲି। ୨୦୧୦ରେ ଜିମ୍ବାୱେ ବିପକ୍ଷରେ ଟି -୨୦ ମ୍ୟାଚ ଖେଳୁଥିବାବେଳେ ଆର ଅଶ୍ୱିନ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ଜଣେ ମହାନ ବୋଲର ଭାବରେ ଜଣାଶୁଣା। ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟରରେ ସେ ୨୮୭ଟି ମ୍ୟାଚରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଜଣେ ବୋଲର ଭାବରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ୭୬୫ ଉଇକେଟ ନେଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ଅନିଲ କୁମ୍ବଲେଙ୍କ ପରେ ସେ ସର୍ବାଧିକ ଉଇକେଟ ନେଇଥିବା ଭାରତୀୟ ବୋଲର ଥିଲେ। କୁମ୍ବଲେ ନିଜ କ୍ୟାରିୟରରେ ତିନୋଟି ଫର୍ମାଟରେ ୯୫୬ ଉଇକେଟ ନେଇଥିଲେ। ଅଶ୍ୱିନ ମଧ୍ୟ ଅଲରାଉଣ୍ଡର ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ସେ ଟେଷ୍ଟ କ୍ରିକେଟରେ ୩,୫୦୩ ରନ ସଂଗ୍ରହ କରି ୬ ଶତକ ଏବଂ ୧୪ ଅର୍ଦ୍ଧଶତକ କରିଥିଲେ। ତାଙ୍କୁ ବିଶେଷ ଭାବରେ ଟେଷ୍ଟ କିମ୍ବଦନ୍ତୀ ଭାବରେ ମାନ୍ୟତା ଦିଆଯାଏ। ଅଶ୍ୱିନଙ୍କ ଐତିହାସିକ କ୍ୟାରିୟର ୧୪ ବର୍ଷ ଧରି ଚାଲିଥିଲା, ଯେଉଁଥିରେ ୭୬୫ ଉଇକେଟ ନେବା ବ୍ୟତୀତ ସେ ୪୩୯୪ ରନ ମଧ୍ୟ କରିଥିଲେ। ଅଶ୍ୱିନଙ୍କ କ୍ୟାରିୟରର ଶେଷ ମ୍ୟାଚ ଅଷ୍ଟ୍ରେଲିଆରେ ଥିଲା। ସେ ଆଡିଲେଡ ପିଙ୍କ୍ ବଲ ଟେଷ୍ଟରେ ୨୯ ରନ ସଂଗ୍ରହ କରି ବୋଲିଂରେ ଗୋଟିଏ ଉଇକେଟ ନେଇଥିଲେ।

# ରୋହନ ଜେଟଲୀ ତୃତୀୟ ଥର ଡିଡିସିଏ ଅଧ୍ୟକ୍ଷ



**ନୂଆଦିଲ୍ଲୀ, ୧୭/୧୨:** ଦିଲ୍ଲୀ ଜିଲ୍ଲା କ୍ରିକେଟ ସଂଘ ଡିଡିସିଏର ନିର୍ବାଚନରେ ରୋହନ ଜେଟଲୀ ବଡ଼ ବିଜୟ ହାସଲ କରିଛନ୍ତି। ସେ ବାରମ୍ବାର ତୃତୀୟ ଥର ଲାଗି ଡିଡିସିଏର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସେ ନିର୍ବାଚନରେ ପୂର୍ବତନ କ୍ରିକେଟର କୀର୍ତ୍ତି ଆଜାଦଙ୍କୁ ହରାଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିବଙ୍ଗତ ଅରୁଣ ଜେଟଲୀଙ୍କ ପୁଅ ୩୫ବର୍ଷିୟ ରୋହନଙ୍କୁ ୧୫୭୭ଭୋଟ ମିଳିଛି। ସେହିଭଳି କୀର୍ତ୍ତି ଆଜାଦଙ୍କୁ ୭୭୭ଭୋଟ ମିଳିଛି। ନିର୍ବାଚନରେ ପ୍ରାୟ ୨୪୧୩ଭୋଟ ପଡ଼ିଥିଲା ଏବଂ ଜିତିବାକୁ ୧୨୦୭ଭୋଟ ଆବଶ୍ୟକ ଥିଲା। ରୋହନ ୨୦୨୦ରେ ନିର୍ବିରୋଧ ନିର୍ବାଚିତ ହୋଇଥିଲେ ଯେତେବେଳେ ରଜତ ଶର୍ମା ମଝିରେ ପଦ ଛାଡ଼ିଥିଲେ। ଗୋଟିଏ ବର୍ଷ ପରେ ସେ ଆଡ଼ଭୋକେଟ ବିକାଶ ସିଂହଙ୍କୁ ହରାଇଥିଲେ। ଦିବଙ୍ଗତ ଅରୁଣ ଜେଟଲୀ ୧୪ବର୍ଷ ପର୍ଯ୍ୟନ୍ତ ଡିଡିସିଏର ଅଧ୍ୟକ୍ଷ ଥିଲେ। ରୋହନଙ୍କୁ ବିସିସିଆଇର ପୂର୍ବତନ କାର୍ଯ୍ୟକାରୀ ସଭାପତି ସିକେ ଖାନ୍ନାଙ୍କ ସମର୍ଥନ ଥିଲା ଯାହାଙ୍କ ଦିଲ୍ଲୀ କ୍ରିକେଟରେ ବହୁ ଦବଦବା ଥିଲା। ସିକେ ଖନ୍ନାଙ୍କ ପୁଅ ଶିଖା କୁମାର ଉପାଧ୍ୟକ୍ଷ ପଦ ନିର୍ବାଚନରେ ରାକେଶ କୁମାର ବଂସଲ ଏବଂ ସୁଧୀର କୁମାର ଅଗ୍ରଓ୍ୱାଲଙ୍କୁ ହରାଇଥିଲେ। ୩ଜଣଙ୍କୁ କ୍ରମଶଃ ୧୨୪୬, ୫୩୬ ଏବଂ ୪୯୮ ଭୋଟ ମିଳିଛି।

**କୀର୍ତ୍ତି ଆଜାଦଙ୍କୁ ଦେଲେ ଟକ୍କର**

# ଡ୍ର’ ହେଲା ଗାବା ଟେଷ୍ଟ, ବର୍ଷା ସାଜିଲା ବାଧକ




**ବ୍ରିସବେନ୍, ୧୮।୧୨:** ଡ୍ର’ ହୋଇଛି ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍ ତଥା ଗାବା ଟେଷ୍ଟ। ବର୍ଷା ସାଜିଲା ଭିଲେନ୍। ପଞ୍ଚ ଦିନରେ ମ୍ୟାଚ୍‌ରେ ରୋମାଞ୍ଚକର ସ୍ଥିତି ଦେଖିବାକୁ ମିଳିଥିଲା। ତେବେ ଖରାପ ଲାଇଟ୍ ଓ ବର୍ଷା ଏଥିରେ ବାଧକ ସାଜିଛି। ଫଳରେ ଅମ୍ପାୟର ମ୍ୟାଚ୍‌କୁ ଡ୍ର’ ଘୋଷଣା କରିଛନ୍ତି।

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍ ଡ୍ର’ରେ ଶେଷ ହୋଇଛି। ଆଜି ବ୍ରିସବେନର ଗାବା ଠାରେ ମ୍ୟାଚର ଶେଷ ଏବଂ ପଞ୍ଚମ ଦିନ ଥିଲା। ଘଡଘଡି ଓ ବଜ୍ରପାତ ଏବଂ ପରେ ବର୍ଷା ଯୋଗୁଁ ମ୍ୟାଚ୍ ପ୍ରଥମେ ବନ୍ଦ ହୋଇଯାଇଥିଲା। ଶେଷ ଦିନରେ ଟିମ୍ ଇଣ୍ଡିଆ ସାମ୍ନାରେ ୫୪ ଓଭରରେ ୨୭୫ ରନର ଟାର୍ଗେଟ୍ ପୂରଣ କରିବାକୁ ଲକ୍ଷ୍ୟ ରହିଥିଲା। ତେବେ ଭାରତୀୟ ଦଳ ଦ୍ୱିତୀୟ ଇନିଂସରେ କୌଣସି ଓ୍ୱିକେଟ୍ ନହରାଇ ମାତ୍ର ୮ ରନ୍ କରିଥିଲା। ମାତ୍ର ଖେଳରେ ବାଧକ ସାଜିଥିଲା ଖରାପ ଲାଇଟ୍ ଓ ଘଡ଼ଘଡ଼ି। ପରେ ବର୍ଷା ଜାରି ରହିବାକୁ ବ୍ରିସବେନ୍ ଟେଷ୍ଟ ଡ୍ର’ ଘୋଷଣା କରାଯାଇଛି। ଉଭୟ ଦଳର ଅଧିନାୟକଙ୍କ ସହମତିରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଇନିଂସରେ ଶତକୀୟ ପାଳି ଖେଳିଥିବା ଟ୍ରାଭିସ୍ ହେଡ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। ଏହାପୂର୍ବରୁ ଅଷ୍ଟ୍ରେଲିଆ ୮୯/୭ରେ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଭାରତ ଆଗରେ ୨୭୫ ରନର ଟାର୍ଗେଟ୍ ରଖିଥିଲା, ଯାହାକୁ ୫୪ ଓଭରରେ ପୂରଣ କରିବାର ଥିଲା। କିନ୍ତୁ ଭାରତୀୟ ଟିମ୍ ପ୍ରଥମ ଇନିଂସରେ ୨୬୦ ରନ୍ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

## ଆଇସିସି ରାଙ୍କିଙ୍ଗ୍

# ଦିନିକିଆ ଓ ଟି୨୦ ବ୍ୟାଟିଂ ର୍‍ୟାଙ୍କ୍ ଟପ୍-୩ରେ ସ୍ମୃତି ମନ୍ଧାନା

## ସବୁଠାରୁ ଅଧିକ ଅର୍ଦ୍ଧଶତକ କରିଥିବା ଖେଳାଳି




**ନୂଆଦିଲ୍ଲୀ, ୧୮।୧୨:** ଭାରତୀୟ ମହିଳା ଦଳର ଉପ ଅଧିନାୟକ ସ୍ମୃତି ମନ୍ଧାନା ଜବରଦସ୍ତ ଫର୍ମରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜରେ ଦମଦାର ବ୍ୟାଟିଂ କରି ଆଇସିସି ଉଭୟ ଦିନିକିଆ ଓ ଟି-୨୦ ବ୍ୟାଟିଂ ରାଙ୍କିଂର ଟପ୍ ୩ରେ ରହିଛନ୍ତି। ଆଇସିସି ମହିଳା ଦିନିକିଆ ବ୍ୟାଟିଂ ରାଙ୍କିଂରେ ମନ୍ଧାନା ୩ଟି ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେହିପରି ଟି-୨୦ ବ୍ୟାଟିଂ ରାଙ୍କିଂରେ ସେ ଗୋଟିଏ ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନ ଦଖଲ କରିଛନ୍ତି। ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦମଦାର ପ୍ରଦର୍ଶନ ପାଇଁ ତାଙ୍କୁ ରାଙ୍କିଂରେ ଏପରି ଫାଇଦା ମିଳିଛି।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜର ଶେଷ ମ୍ୟାଚ୍ ପର୍ଥରେ ଖେଳା ଯାଉଥିବା ବେଳେ ମନ୍ଧାନା ୧୦୫ ରନର ଇନିଂସ ଖେଳିଥିଲେ। ସେହିପରି ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜର ପ୍ରଥମ ଟି-୨୦ରେ ସ୍ମୃତି ମନ୍ଧାନାଙ୍କ ୫୪ ରନ କରିଥିଲେ। ମହିଳା ଦିନିକିଆ ବ୍ୟାଟିଂ ରାଙ୍କିଂର ଟପ୍ ୧୦ରେ ମନ୍ଧାନା ଏକମାତ୍ର ଭାରତୀୟ। ଅଧିନାୟକ ହରମନପ୍ରୀତ କୌର ୨ଟି ସ୍ଥାନ ତଳକୁ ଖସି ୧୩ରେ ପହଞ୍ଚିଥିବା ବେଳେ ଜେମିମା ରୋଡ୍ରିଗସ ୬ଟି ସ୍ଥାନ ଉପରକୁ ଉଠି ରାଙ୍କିଂର ୧୫ତମ ସ୍ଥାନ ଦଖଲ କରିଛନ୍ତି। ପୂର୍ବ ଭଳି ଦକ୍ଷିଣ ଆଫ୍ରିକାର ଲାଉରା ୱଲଭାର୍ଡଟ ୧ନଂ ସ୍ଥାନରେ ରହିଛନ୍ତି। ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ କୌର ୬୪୧ ପଏଣ୍ଟ ସହ ୧୦ନମ୍ବର ସ୍ଥାନରେ ଅଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚରେ ସ୍ମୃତି ମନ୍ଧାନା ହରମନପ୍ରୀତଙ୍କ ସ୍ଥାନରେ ଅଧିନାୟକ ପଦବୀ ସମ୍ଭାଳିଥିଲେ। ସେ ୪୧ ବଲରେ ୬୨ ରନ୍ କରିଥିଲେ। ଏଥିରେ ୯ଟି ଚଉକା ଏବଂ ଗୋଟିଏ ଛକା ସାମିଲ ରହିଛି। ମହିଳା ଟି୨୦ ଇଣ୍ଟରନ୍ୟାସନାଲ କ୍ରିକେଟରେ ୨୯ତମ ଅର୍ଦ୍ଧଶତକ ମାରିଥିଲେ। ଏହାସହିତ ଟି୨୦ଇଣ୍ଟରନ୍ୟାସନାଲ କ୍ରିକେଟରେ ସବୁଠାରୁ ଅଧିକ ଅର୍ଦ୍ଧଶତକ ମାରିଥିବା ଖେଳାଳି। ୨୮ ବର୍ଷୀୟ ସ୍ମୃତି ମନ୍ଧାନା ୨୦୧୩ରେ ଭାରତୀୟ ଟିମ ପାଇଁ ଟି୨୦ ଇଣ୍ଟରନ୍ୟାସନାଲରେ ଡେବ୍ୟୁ କରିଥିଲେ। ସେ ଏପର୍ଯ୍ୟନ୍ତ ୧୪୭ ଟି୨୦ ଖେଳିଥିବା ବେଳେ ୩୬୮୪ ରନ୍ କରିଛନ୍ତି। ମହିଳା ଟି ୨୦ ଇଣ୍ଟରନ୍ୟାସନାଲରେ ଦ୍ୱିତୀୟ ସବୁଠାରୁ ଅଧିକ ରନ କରିଥିବା ଖେଳାଳି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦୁଝରରେ...

ଏହି ମହୋତ୍ସବରେ ଯୋଡି ହୋଇ ରହିଛି ଓ ରହିବି। କେନ୍ଦୁଝରର ସଂସ୍କୃତି, ଏଠାକାର ଆଦିବାସୀ ସଂସ୍କୃତି ବିନା କଳ୍ପନା କରିବା ଅସମ୍ଭବ। ଜିଲ୍ଲାର ୪୫ ପ୍ରତିଶତରୁ ଅଧିକ ଅଧିବାସୀ ହେଉଛନ୍ତି ଆଦିବାସୀ ସଂପ୍ରଦାୟର। କେନ୍ଦୁଝରର ଗମନାଗମନ ବ୍ୟବସ୍ଥାକୁ ଆହୁରି ସୁଗମ କରିବା ପାଇଁ ବାଦାମପାହାଡରୁ କେନ୍ଦୁଝର ପର୍ଯ୍ୟନ୍ତ ନୂଆ ଟ୍ରେନ ଚାଲିବ ଏବଂ ବଡବିଲ୍‌ରୁ ଚମ୍ପିଖୋଲ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତିକରଣ କରାଯାଇ ୬-ଲେନ୍ ବିଶିଷ୍ଟ କରାଯିବ। ଏହାଦ୍ୱାରା ଗମନାଗମନ ସୁଗମ ହେବା ସହିତ ପର୍ଯ୍ୟଟନ ଓ ଶିଳ୍ପାୟନ ପାଇଁ ବିରାଟ ପଥ ଉନ୍ମୁକ୍ତ ହେବ । କେନ୍ଦୁଝରର ଖଣିଜ ସଂପଦର ସଦୁପଯୋଗ ପାଇଁ ଆଗାମୀ ଦିନରେ କେନ୍ଦୁଝରରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରାଯିବ। ଜିଲ୍ଲାର ହଜାର ହଜାର ଯୁବଗୋଷ୍ଠୀ ଏହା ମାଧ୍ୟମରେ ନିଯୁକ୍ତି ପାଇବେ। ଏଥିସହ ଆଗାମୀ ଜାନୁଆରୀ ମାସରେ ଭୁବନେଶ୍ୱରରେ ଆୟୋଜିତ ହେବ ଉତ୍କର୍ଷ ଓଡିଶା । ଏଥିରେ ରେକର୍ଡ ସଂଖ୍ୟକ ଶିଳ୍ପାନୁଷ୍ଠାନ ଅଂଶଗ୍ରହଣ କରିବେ। ଏହା ମାଧ୍ୟମରେ ରାଜ୍ୟର ଲକ୍ଷ ଲକ୍ଷ ଯୁବବର୍ଗ ରୋଜଗାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ମହିଳା ଓ କୃଷକଙ୍କ ସଶକ୍ତିକରଣ ପ୍ରତି ଆମ ସରକାର ପ୍ରାଧାନ୍ୟ ଦେଉଛନ୍ତି। ରାଜ୍ୟରେ ସୁଭଦ୍ରା ଯୋଜନାରେ ଏବେ ୮୦ ଲକ୍ଷରୁ ଅଧିକ ମହିଳା ଉପକୃତ ହେଉଛନ୍ତି । ଆଗାମୀ ଦିନରେ ୧ କୋଟିରୁ ଅଧିକ ମହିଳା ଏଥିରେ ସାମିଲ ହୋଇ ସଶକ୍ତ ହେବେ। ସେହିଭଳି ଆମ ସରକାରଙ୍କ ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ ହେଉଛି ଧାନ ବିକ୍ରୀ ବାବଦକୁ କ୍ୱିଣ୍ଟାଲ ପିଚ୍ଛା ୮୦୦ ଟଙ୍କା ଇନ୍‌ପୁଟ ସହାୟତା ପ୍ରଦାନ। ଏଥିରେ ରାଜ୍ୟର ୧୭ ଲକ୍ଷ ଚାଷୀ ଉପକୃତ ହେବେ ବୋଲି ସେ କହିଥିଲେ ।

ଉଦ୍‌ଘାଟନୀ ସମାରୋହକୁ ଜିଲାପାଳ ବିଶାଲ ସିଂହ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲାପରିଷଦ ସଭାପତି ସାଗରିକା ସାହୁ, ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ.ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୫ ଦିନବ୍ୟାପୀ ଏହି ମହୋତ୍ସବର ସଫଳତା କାମନା କରିଥିଲେ । ଏହି ଅବସରରେ ‘ପ୍ରଜାପତିର ହସ’ କବିତା ସଙ୍କଳନକୁ ମଞ୍ଚାସୀନ ଅତିଥିଗଣ ଉନ୍ମୋଚନ କରିଥିଲେ । ସୁବ୍ରତ ସ୍ୱାଇଁଙ୍କ ଦ୍ୱାରା ଲିଖିତ କେନ୍ଦୁଝର ଉପରେ ପର୍ଯ୍ୟବେସିତ ଥିମ ସଙ୍ଗ ଉଦଘାଟିତ ହୋଇଥିଲା । ଶେଷରେ ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ମହୋତ୍ସବ ପ୍ରଥମ ସନ୍ଧ୍ୟାରେ ଡ୍ରୋନ ଓ ଲେଜର ସୋ’ ମୁଖ୍ୟ ଆକର୍ଷଣ ସାଜିଥିବା ବେଳେ ଦାମାହୁଦାର ଲୋକକଳା ସାନ୍ତାଳି ନୃତ୍ୟ, କଟକର ଶାଶ୍ୱତ ଯୋଶୀଙ୍କ ଓଡିଶୀ ନୃତ୍ୟ, ଶଶାଙ୍କ ଓ ବର୍ଣ୍ଣାଳୀ ହୋତାଙ୍କ ଓଲହିଉଡ ନାଇଟ୍ ଏବଂ ସମ୍ବଲପୁରର ଦୁର୍ଗା ଦାସ ଓ ସାଥୀ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ସାଙ୍ଗକୁ ଡ୍ରୋନ ସୋ ଓ ଲେଜର ସୋ ପ୍ରବଳ ଶୀତ ସତ୍ତ୍ୱେ ଦର୍ଶକଙ୍କୁ ରୋମାଂଚିତ କରି ଶେଷ ଯାଏଁ ବାନ୍ଧି ରଖିଥିଲା ।

### ନବୀନଙ୍କ...

ଚ୍ୟାଉପଟ୍ଟନାୟକ ଓ ବିକ୍ରମ ପଣ୍ଡା ଭିତରେ ବି ଟଣାଝିଙ୍କା ଲାଗି ରହିଛି। ଏହି ଦୁଇ ନେତା ବ୍ରହ୍ମପୁର ନିର୍ବାଚନମଣ୍ଡଳୀର ଦାୟିତ୍ୱ ସମ୍ଭାଳିପାରିବେନି ବୋଲି ମେୟରଙ୍କ ସମର୍ଥକମାନେ କହି ବୁଲୁଛନ୍ତି। ସେମାନଙ୍କ ଯୁକ୍ତି ଯିଏ ନିଜେ ଜିତିପାରିଲେନି, ସେ କି ନେତୃତ୍ୱ ଦେବେ। ବିଏମ୍‌ସିରେ ଏବେ ୩୬ ବିଜେଡି କର୍ପୋରେଟର ଅଛନ୍ତି, କିନ୍ତୁ ବିଭିନ୍ନ କାରଣରୁ ସେମାନେ ବିଭାଜିତ ହୋଇଯାଇଛନ୍ତି। ଗୋଟିଏ ଗୋଷ୍ଠୀକୁ ମେୟର ଓ ଜିଲା ସଭାପତି ନିୟନ୍ତ୍ରଣ କରୁଥିବା ବେଳେ ଅନ୍ୟ ଗୋଷ୍ଠୀକୁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ସମର୍ଥନ କରୁଛନ୍ତି। ଦୁଇ ଗୋଷ୍ଠୀ ମଧ୍ୟରେ ଗତ ଅକ୍ଟୋବର ମାସରୁ ଛକାପଞ୍ଝା ଚାଲିଛି। ବିକ୍ରମ ଗୋଷ୍ଠୀ ଜଣେ ସ୍ୱାଧୀନ କର୍ପୋରେଟରଙ୍କୁ ଅସ୍ତ୍ର କରି ତାଙ୍କୁ ଡେପୁଟି ମେୟର କରିବା ଲୋଭ ଦେଖାଇଛନ୍ତି ଏବଂ ପ୍ରଥମେ ଡେପୁଟି ମେୟର ବିବେକ ରେଡ୍ଡିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରି ହଟାଇବାର ଷଡ଼ଯନ୍ତ୍ର ରଚିଥିବା ଚର୍ଚ୍ଚା ଦାଣ୍ଡରେ ପଡ଼ି ହାଟରେ ହେଉଛି।

ବିବାଦ ଚରମସୀମାରେ ପହଁଚିବାରୁ ଗତ ୯ ତାରିଖରେ ପ୍ରଥମେ ବରିଷ୍ଠ ନେତା ଦେବୀ ମିଶ୍ର ବ୍ରହ୍ମପୁର ଆସି ସମାଧାନ ଉଦ୍ୟମ କରି ଫେଲ ହୋଇଥିଲେ। ତେଣୁ ଗତ ୧୩ ତାରିଖରେ ନିଜେ ନବୀନ ପଟ୍ଟନାୟକ ମେୟର, ଡେପୁଟି ମେୟର ଓ ଜିଲା ସଭାପତିଙ୍କୁ ନବୀନ ନିବାସକୁ ଡକାଇ ଆଲୋଚନା କରିଥିଲେ। କିନ୍ତୁ ତାପରେ ବି ବିବାଦର ଅନ୍ତ ହେଲାନି। ଗତ ସୋମବାର ଡିଜିଟାଲ ସଭ୍ୟ ସଂଗ୍ରହ ବୈଠକରେ ଅର୍ଦ୍ଧାଧିକ କର୍ପୋରେଟର ଅନୁପସ୍ଥିତ ଥିଲେ। ପରେ ଜଣାପଡିଲା ଯେ, ବିକ୍ରମ ପଣ୍ଡାଙ୍କ ବାସଭବନ ପାଖରେ ଆଉ ଏକ ବୈଠକ ହୋଇଥିଲା। ତେଣୁ ଆଜି ପୁଣି ଥରେ ସମସ୍ତଙ୍କୁ ଡକାଇ ଦେବୀ ମିଶ୍ର ଆଲୋଚନା କଲେ। କିନ୍ତୁ ତାଙ୍କ କଥା କେହି ଶୁଣିବାକୁ ରାଜିନଥିବାରୁ ସମସ୍ତଙ୍କୁ ନେଇ ସେ ନବୀନଙ୍କ ପାଖକୁ ଗଲେ।

ମୁଖିଆଙ୍କ ପାଖରେ ହଁ ହାଁ ମାରି ଫେରି କର୍ପୋରେଟର ପୁଣି କୁହାକୁହି ହେଉଛନ୍ତି, ଦଳକୁ ନିଜ ସ୍ୱାର୍ଥରେ ବ୍ୟବହାର କରାଯାଉଛି। ଯେତେବେଳେ ମୁଖିଆ ଓ ତାଙ୍କ ଚେଲା ଯାହାକୁ ଚାହିଁବେ ତାକୁ ନେତା କରିବେ ଆଉ ଆମେ ତାଙ୍କୁ ମାନିବାକୁ ବାଧ୍ୟ। ଏମିତି ହେଲେ ଦଳ ଆଉ ଜିତିପାରିବ ନାହିଁ। ଆଉ ଆଜିର କର୍ପୋରେଟର ଯେଉଁମାନେ ଆଗାମୀ ଦିନରେ ବଡ ଲଢେଇ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି ସେମାନଙ୍କୁ କେବଳ ମୋହରା ବନାଯାଉଥିବା ଅଭିଯୋଗ କରିଛନ୍ତି କିଛି କର୍ପୋରେଟର।

### ବିଶ୍ୱ ସଂସ୍ଥା ...

ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାରୁ ଋଣ ଉଠାଣ ହୋଇଥିଲେ ବି ପରିଶୋଧ କରାଯାଇନାହିଁ। ଦିଲ୍ଲୀ ସମେତ ସମ୍ବଲପୁରର ୩ଟି ସ୍ଥାନରେ ଥିବା ସଂସ୍ଥାର କାର୍ଯ୍ୟାଳୟ ଓ କ୍ଷୀରୋଧଙ୍କ ଘରେ ଚଢ଼ାଉ ଜାରି ରଖିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ପ୍ରାଥମିକ ସୂଚନା ଅନୁସାରେ, ବିଶ୍ୱ ସଂସ୍ଥା ‘ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି) ଆଳରେ ଏହି ଋଣ ଉଠାଇଛି। ବୁଧବାର ସକାଳୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ତିନୋଟି ଟିମ୍ ସମ୍ବଲପୁର ସହରର ଗୋପାଳମାଳ ସ୍ଥିତ ବିଶ୍ୱର ପୁରୁଣା କାର୍ଯ୍ୟାଳୟ, ଉକ୍ତ ଅଞ୍ଚଳରେ ଥିବା ସଂସ୍ଥାର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ବାସଭବନ ଓ ଧନୁପାଲୀ ଅଞ୍ଚଳରେ ଥିବା ସଂସ୍ଥାର ଅଫିସରେ ଏକକାଳୀନ ଚଢ଼ାଉ କରାଯାଇଛି। ସେହିପରି ଏହି ଆର୍ଥିକ କାରବାର ଓ ସଂସ୍ଥାର ପରିଚାଳନା ସହ ସମ୍ପୃକ୍ତ ଥିବା ଦିଲ୍ଲୀରେ ଥିବା କ୍ଷୀରୋଦଙ୍କ ଘର ଓ ଅନ୍ୟ ସ୍ଥାନରେ ମଧ୍ୟ ଚଢ଼ାଉ ଜାରି ରଖିଛି କେନ୍ଦ୍ରୀୟ ସଂସ୍ଥା।

ଇଡି ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, ୨୮ଟି ବ୍ୟାଙ୍କରୁ ମୋଟ ୨୩୧ କୋଟି ଟଙ୍କା ଋଣ ଆକାରରେ ଉଠାଣ ହୋଇଛି। ପଞ୍ଜାବ ନାସନାଲ ବ୍ୟାଙ୍କରୁ ସର୍ବାଧିକ ୨୯ କୋଟି ଟଙ୍କା, କର୍ଣ୍ଣାଟକ ବ୍ୟାଙ୍କରୁ ୨୦ କୋଟି ଟଙ୍କା ଋଣ ଉଠାଣ ହୋଇଛି । ଏହି ତାଲିକାରେ ବିଦେଶୀ ବ୍ୟାଙ୍କ ମଧ୍ୟ ରହିଛି। ନେଦରଲ୍ୟାଣ୍ଡସ୍‌ର ଏସ୍‌ଏନ୍‌ଏସ୍ ୱାଟର ଫଣ୍ଡ, ଏସ୍‌ଏନ୍‌ଏସ୍ ଏମ୍‌ଆଏଫ୍ ଏବଂ ଆମେରିକାର ପାଲଭର୍ଟ ଫାଉଣ୍ଡେସନ୍‌ରୁ ବହୁ କୋଟି ଟଙ୍କାର ଋଣ ଉଠିଥିବା ସାମ୍ନାକୁ ଆସିଛି।

ପୂର୍ବରୁ ମଧ୍ୟ ବିଶ୍ୱ ଏନଜିଓରେ କ୍ରାଇମବ୍ରାଞ୍ଚ ଓ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ କରାଯାଇଥିଲା। ସେତେବେଳେ ବିଜେଡି ସରକାର ଥିବାରୁ କ୍ରାଇମବ୍ରାଞ୍ଚ ଓ ଇଡି ଚଢ଼ାଉ ସତ୍ତ୍ୱେ ସେପରି କିଛି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଆଜି ପୁଣି ବିଶ୍ୱ ଏନଜିଓରେ ଇଡି ଚଢ଼ାଉ କରାଯାଇଛି। ସୂଚନା ଥାଉକି, କିଛି ବର୍ଷ ବିଶ୍ୱ ଏନଜିଓ ସଂସ୍ଥା ବନ୍ଦ ରହିଛି। ଇଡି ଚଢ଼ାଉ ନେଇ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

### କଂଗ୍ରେସ...

ଭାବ ଯୋଗୁଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ, ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ‘ମିଥ୍ୟାର ଗନ୍ତାଘର’ ଭାବରେ ପରିଣତ ହୋଇଛି । କଂଗ୍ରେସ ଏବେ ନିଜ ହିସାବରେ ଭିଡିଓ ଏଡିଟ୍ କରି ଦେଶବାସୀଙ୍କୁ ଠକିବାର କାମ କରୁଛି।

ଦେଶର ଦଳିତ ଓ ପଛୁଆ ସମାଜ କଂଗ୍ରେସର ଏହି ଦଳିତ ଓ ପଛୁଆ ବିରୋଧୀ କାର୍ଯ୍ୟ ବିଷୟରେ ବେଶ୍ ଅବଗତ ଅଛନ୍ତି। ବାବାସାହେବ ଆମ୍ବେଦକରଙ୍କୁ ସଂସଦରେ ନ ପହଞ୍ଚାଇବା ପାଇଁ ଚେଷ୍ଟା କରିଥିବା, ଭାରତରତ୍ନ ନ ଦେବା ପାଇଁ ଷଡଯନ୍ତ୍ର କରିଥିବା ଏକ ପରିବାର ଓ କଂଗ୍ରେସ ନିଜର ଏହି ଅପରାଧକୁ କେବେ ବି ଲୁଚାଇପାରିବ ନାହିଁ। ସେମାନଙ୍କ ପ୍ରକୃତ ମୁଖା ଦେଶବାସୀଙ୍କ ସାମ୍ନାରେ ଖୋଲିସାରିଛି। ବାବାସାହେବଙ୍କ ପ୍ରତି ଘୃଣ୍ୟ ମାନସିକତା ପାଇଁ କଂଗ୍ରେସ ଦେଶବାସୀଙ୍କୁ କ୍ଷମା ମାଗିବା ଦରକାର ବୋଲି ସେ ମତପ୍ରକାଶ କରିଛନ୍ତି।

### ସୁଭଦ୍ରାକୁ...

ଅନ୍ୟ ପଟେ ମିଶନଶକ୍ତି ମହିଳା ୯ ମାସ ହେଲା ପାଉଣା ପାଉନାହାନ୍ତି । ଏଥିପାଇଁ ବିଜେଡି ସରକାର ଦାୟୀ ବୋଲି ସମସ୍ତେ ବୁଝିଗଲେଣି । କାରଣ ଏମାନଙ୍କ ନିଯୁକ୍ତି ନବୀକରଣକୁ ସନ୍ୟାସୀ ଓ ତାଙ୍କ ଟିମ୍ ହିଁ ଅଟକାଇଥିଲେ। ତେଣୁ ସ୍ଥିତି ବିଗଡିବା ପୂର୍ବରୁ ସୁଭଦ୍ରା ଯୋଜନାକୁ ବାଟମଣା କରି ନିଜ ପାଖରେ କିଛି ମହିଳାଙ୍କୁ ରଖିବାପାଇଁ ଏବେ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ ହୋଇଛି।

ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତରେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନାକୁ ରାଜ୍ୟ ସରକାର ଯେଭଳି ଗତି ଦେଉଛନ୍ତି ଓ ଅତିରିକ୍ତ ବଜେଟରେ ଏଥିପାଇଁ ଅର୍ଥ ବରାଦ କରିଛନ୍ତି, ସେଥିରେ ସନ୍ୟାସୀଙ୍କ ଇସାରା ଏହାକୁ କେତେଦୂର ରୋକିପାରିବ ତାହା ଉପରେ ଏବେ ସମସ୍ତଙ୍କ ନଜର ।

### ନୌସେନା...

ଏକ୍ସରେ ଶୋକ ବ୍ୟକ୍ତ କରିବା ସହିତ ମୃତକଙ୍କ ଆତ୍ମୀୟସ୍ୱଜନଙ୍କୁ ସମବେଦନା ଜଣାଇଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀଶ ଶୋକ ପ୍ରକାଶ କରିବା ସହିତ ମୃତକଙ୍କ ନିକଟ ସଂପର୍କୀୟଙ୍କ ପାଇଁ ରିଲିଫ୍ ଫଣ୍ଡରୁ ୫ ଲକ୍ଷ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହାସହିତ ଆହତମାନଙ୍କୁ ମାଗଣା ଚିକିତ୍ସା ଏବଂ ଅଧିକ ସଂଖ୍ୟକ ଉଦ୍ଧାରକାରୀ ଟିମ୍ ମୁତୟନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗେଟ୍‌ୱେ ଅଫ୍ ଇଣ୍ଡିଆର ପୂର୍ବରେ ଅବସ୍ଥିତ ଏଲିଫାଣ୍ଟା ଗୁମ୍ଫାକୁ ବୁଲିବା ପାଇଁ ଦୈନିକ ଶତାଧିକ ପର୍ଯ୍ୟଟକ ବେସରକାରୀ ଡଙ୍ଗାରେ ଯାଇଥାନ୍ତି।

### ପ୍ରଫେସର...

ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରି, ୨୦୦୪ ମସିହାରେ ‘ବିଶ୍ୱଭାରତୀ’ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଭାବରେ ସେବା ନିବୃତ୍ତ ହୋଇଛନ୍ତି।

ଓଡ଼ିଆ ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ୨୦୦୨ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୭ରେ ବିଷୁବ ପୁରସ୍କାର, ୨୦୧୪ରେ ତାଙ୍କୁ ସାରଳା ସମ୍ମାନ ମିଳିଥିଲା। ଏହାବାଦ ତାଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ ଓ ସମାଲୋଚନା ସମ୍ମାନ ଓ କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର ସମ୍ମାନ ମଧ୍ୟ ପ୍ରଦାନ କରାଯାଇଛି।

### ମୁଖ ଲଜ୍ଜା...

ଉପରେ ଖପ୍ପା ହେବାରେ ଲାଗିଛନ୍ତି । ଏପରିକି ବିଧାନସଭା ଅଧିବେଶନ ପରେ ଦଳୀୟ ନେତାଙ୍କ ପ୍ରଦର୍ଶନକୁ ଦେଖି ଅନେକ ବିଜେପି ସହିତ ଦଳର ଶୀର୍ଷ ନେତା ହାତ ମିଳାଇଥିବା ନେଇ କହିବାକୁ ପଛାଉ ନାହାନ୍ତି ।

କର୍ମୀଙ୍କ ଏଭଳି ରୋଷକୁ ଦେଖି ଗୋଟିଏ ଗୁଳିରେ ଦୁଇଟି ଶିକାର କରିବାପାଇଁ ବିଜେଡି ଏବେ ସ୍ଥିର କରିବା ସହିତ ଆନ୍ଦୋଳନ ପାଇଁ ସଜବାଜ ଆରମ୍ଭ କରିଛି । ତେବେ ଦଳ ଯେଭଳି ଭାବେ ଦିଲ୍ଲୀରେ ସମର୍ଥନ ଓ ଭୁବନେଶ୍ୱରରେ ବିରୋଧ ନୀତି ଆପଣେଇ ଦୁଇ ନାଆରେ ଗୋଡ ଦେଇଛି ତାହା ଦଳ ପାଇଁ କେତେ ହିତକର ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର ।

### ସହକାରୀ...

ମାସ ମଧ୍ୟରେ ଜଣେ ମହିଳା ତଦନ୍ତକାରୀ ଅଧିକାରୀ ଏବଂ ଜଣେ ମହିଳା ମାର୍ଶାଲିଂ ଅଧିକାରୀଙ୍କ ଜରିଆରେ ସମସ୍ତ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଶେଷ କରିବାକୁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ମହିଳା ସଶକ୍ତୀକରଣ ପାଇଁ ଆମ ସରକାର ବଦ୍ଧପରିକର ଏବଂ ମହିଳା ହିଂସା ଓ ନିର୍ଯାତନାକୁ ଆଦୌ ବରଦାସ୍ତ କରାଯିବ ନାହିଁ

# ମେସିନ ସିଷ୍ଟମ୍‌କୁ ବିରୋଧ

## ୩ ଘଣ୍ଟା ରାସ୍ତା ଅବରୋଧ କଲେ ଚାଷୀ



**ନବରଙ୍ଗପୁର/ରାଇଘର,୧୮।୧୨ (ସଂଚାର ବ୍ୟୁରୋ):** ମଣ୍ଡିରେ ମେସିନ ସିଷ୍ଟମ କୁ ବିରୋଧ କରି ରାଜରାସ୍ତା ଅବରୋଧ କଲେ ସହ ସହ ଚାଷୀ ସୂଚନା ଅନୁଯାୟୀ ବିଗତ ୧୦ ତାରିଖରୁ ନବରଙ୍ଗପୁର ଜିଲ୍ଲାରେ ଧାନ ମଣ୍ଡି ଖୋଲାଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ମଣ୍ଡିରୁ ପ୍ରଶାସନ ଧାନ କିଣିନାହିଁ। ସେହିଭଳି ରାଇଘର ବ୍ଲକ ଯୋଡିଙ୍ଗା ଠାରେ ଧାନ ମଣ୍ଡି ଆଜି ଆରମ୍ଭ ହୋଇଥିଲା । ପ୍ରଥମ ଦିନରେ ଧାନ କିଣା ଆରମ୍ଭରୁ ମାନ ପରୀକ୍ଷା କରାଯାଇଥିଲା କୌଣସି ଧାନ ଏଫଏକ୍ୟୁ ମାନର ବାହାରି ନ ଥିଲା ତେଣୁ ଚାଷୀଙ୍କ ଠାରୁ କୌଣସି ଧାନ କିଣା ଯାଇପାରିଲା ନାହିଁ, ଫଳରେ ଚାଷୀ ମାନେ ଉତ୍ତକ୍ତ ହୋଇ ମେସିନ ସିଷ୍ଟମ କୁ ବିରୋଧ କରିଥିଲେ ଏବଂ ରାଜ ରାସ୍ତା ରେ ଧାନ ବସ୍ତା ରଖି ପ୍ରତିବାଦ କରିଥିଲେ ଫଳରେ ରାସ୍ତା ର ଉଭୟ ପାର୍ଶ୍ୱ ରେ ଘଣ୍ଟା ଘଣ୍ଟା ଧରି ଗାଡି ମଟର ଅଟକି ରହିଥିଲା,ଚାଷୀ ଙ୍କ କହିବା କଥା ଆମ ଅଞ୍ଚଳରେ ଏଫଏକ୍ୟୁ ଧାନ ମିଳିବ ନାହିଁ ତେଣୁ କଟନି ଛଟନି କୁ ବନ୍ଦ କରି ପୂର୍ବରୁ ଯେମିତି ଧାନ କିଣା ଯାଉଥିଲା ସେମିତି ଧାନ କିଣାଯାଉ ବୋଲି ଚାଷୀ ଦାବି କରିଛନ୍ତି ଫଳରେ ରାସ୍ତା ର ଦୁଇ ପାର୍ଶ୍ୱରେ ଗାଡି ଅଟକ ରହିଥିଲା,ଘଟଣାସ୍ଥଳ ରେ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ଏବଂ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମିସାଗର ମାଝୀ ପହଂଚି ଚାଷୀ ଙ୍କୁ ବୁଝାସୁଝା କରିଥିଲେ ଏବଂ ଦୁଇଦିନ ଭିତରେ ମଣ୍ଡିରୁ ଧାନ ଉଠିବାର ପ୍ରତିଶୃତି ଦେଇଥିଲେ ପରେ ରାସ୍ତା ରୁ ଚାଷୀ ଧାରଣା ରୁ ଉଠିଥିଲେ।

## ପଞ୍ଚାୟତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା



**ନୟାଗଡ ,୧୮।୧୨ (ସଂଚାର ବ୍ୟୁରୋ):** ପଞ୍ଚାୟତ ସମିତି, ଓରମାସ, ନୟାଗଡ ଦ୍ୱାରା ଆୟୋଜିତ ୪ ଦିନ ବ୍ୟାପୀ ପଞ୍ଚାୟତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ରାଜପଟଣା ମିନି ଷ୍ଟାଡିଅମ ଠାରେ ଖୁବ ଧୁମଧାମରେ ଚାଲିଛି। ଉଦଘାଟନୀ ଉତ୍ସବରେ ନୟାଗଡ ବିଧାୟକ ମାନ୍ୟବର ଡଃ ଅରୁଣ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଶ୍ରୀଯୁକ୍ତ ସଦାଶିବ ନାୟକ, ଆଗାମୀ ଚଳଚ୍ଚିତ୍ର ବିଧାୟକର ନାୟକ ପ୍ରଦୀପ ଖୁଣ୍ଟିଆ (ଡୋରା), ସିନେ କଳାକାର ଦେବୁ ବ୍ରହ୍ମା, ସୁମନ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହି ମହୋତ୍ସବରେ ଖାଦ୍ୟ ଠୁ ଆରମ୍ଭ କରି ଘର ସଜାଇବା ଉପକରଣ ଭଳି ବିଭିନ୍ନ ସାମଗ୍ରୀର ଦୋକାନ ଖୋଲା ଯାଇଥିବାରୁ ନୟାଗଡ ସହର ତଥା ଆଖ ପାଖ ଅଞ୍ଚଳର ଲୋକଙ୍କର ଭିଡ଼ ଜମୁଛି । ଏହି ମେଳା ଦ୍ୱାରା ଅନେକ ଲୋକ ଛୋଟ ଛୋଟ ଦୋକାନ କରି ନିଜ ପରିବାର ପୋଷଣ କରିପାରୁଛନ୍ତି । ମେଳା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିଉଠେ ମେଳା ପରିସର। ଯାହା ଦ୍ୱାରା ଲୋକମାନେ ଆକର୍ଷିତ ହୋଇ ମେଳା ଦେଖିବାକୁ ଆସିଥାନ୍ତି । ୪ ଦିନ ବ୍ୟାପୀ ଓଲିଉଡ଼ର ସିନେମା, ଟେଲିଭିଜନ ଦୁନିଆର କଳାକାର ଆସି ତାଙ୍କର କଳା ପ୍ରଦର୍ଶନ କରିଥାନ୍ତି । ସଙ୍ଗୀତ ଜଗତର ନାମୀ କଣ୍ଠଶିଳ୍ପୀମାନେ ମଧ୍ୟ ଏହି ମେଳରେ ନିଜର ସଙ୍ଗୀତ ପରିବେଷଣ କରିଥାନ୍ତି । ଏହି ମେଳାର ମଞ୍ଚରେ ବିଭିନ୍ନ କ୍ଷେତ୍ରରେ ଅଞ୍ଚଳ ତଥା ଜିଲ୍ଲା ପାଇଁ ଆଣିଥିବା ଗର୍ବ ଗୌରବଙ୍କୁ ସମ୍ମାନିତ କରିବାର ପରମ୍ପରା ରହିଛି ।

## ଟ୍ରକ ଧକ୍କା ଦେବାରୁ ବ୍ୟାରିକେଡ୍‌ରେ ପିଟି ବାଇକ ଆରୋହୀ ଗୁରୁତର



**ବୈଶିଙ୍ଗା,୧୮।୧୨(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଆଗ୍ରିଆ ଛକ ନିକଟ ଓଭରବ୍ରିଜ ଉପରେ ଟ୍ରକ ସାଇଡ ମାରିବାରୁ ରାସ୍ତା ପାଶ୍ୱର୍ ବ୍ୟାରିକେଡରେ ପିଟି ହୋଇ ବାଇକ ଆରୋହୀ ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତ୍ତି । ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଗ୍ରାମର ରତ୍ନାକର ମୁର୍ମୁଙ୍କ ପୁତ୍ର କମଳାକାନ୍ତ ମୁର୍ମୁ ନିଜ ହୋଣ୍ଡା ସାଇନ ର ଓଡି୧୧-ଏଏଫ-୮୯୬୧ ବିଶିଷ୍ଟ ବାଇକ ଯୋଗେ ବୁଧବାର ଅପରାହ୍ନ ସମୟରେ ବେତନଟୀରୁ ବୈଶିଙ୍ଗା ଅଭିମୁଖେ ଯାଉଥିଲେ । ଆଗ୍ରିଆ ସ୍ଥିତ ଓଭରବ୍ରିଜ ଉପରେ ତାଙ୍କ ପଛ ପଟୁ ଏକ ଟ୍ରକ ସାଇଡରେ ଧକ୍କା ମାରିବାରୁ କମଳାକାନ୍ତ ଭାରସାମ୍ୟ ହରାଇ ରାଜପଥ ପାଶ୍ୱର୍ରେ ଥିବା ବ୍ୟାରିକେଡ଼ରେ ପିଟି ହୋଇଥିଲେ । ଫଳରେ ରାଜପଥ ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିଲେ । ସଙ୍ଗେ ସଙ୍ଗେ ଯୁବ ସମାଜସେବୀ ଜୀବନ ପରିଡା ସ୍ଥାନୀୟ ଲୋକ ମାନଙ୍କ ସହାୟତାରେ ଗୁରୁତର ଆହତ କମଳାକାନ୍ତ ଙ୍କୁ ବେତନଟୀ ଡାକ୍ତରଖାନାକୁ ପଠାଇ ଦେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ହେବା ପରେ ଆହତଙ୍କୁ ବାରିପଦା ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଦୁର୍ଘଟଣା ଗ୍ରସ୍ତ ବାଇକଟିକୁ ଜବତ କରିବା ସହ ତଦନ୍ତ ଚଳାଇଥିବା ଜଣାଯାଇଛି ।

## ପାନ ମସଲା ପାଇକାରି ଗୋଦାମରେ ଚଢ଼ାଉ



**ସତ୍ୟବାଦୀ,୧୮।୧୨ (ସଂଚାର ବ୍ୟୁରୋ):** ଆଜି ସକାଳ ୧୨ ଘଣ୍ଟିକା ସମୟରେ ସତ୍ୟବାଦୀ ଆଇ ଆଇ ସି ବିଜୟ କେତନ ବେହେରା ଙ୍କ ନିର୍ଦ୍ଦେଶ ରେ ଏକ ପୋଲିସ ଟିମ୍ ଓ ଦିଲ୍ଲୀ ରୁ ଆସିଥିବା ଡିଲକ୍ସ କମ୍ପାନୀ ର ଅଧିକାରୀ ମାନେ ସତ୍ୟବାଦୀ ବଜାର ର ବିଭିର୍ଣ୍ଣ ପାନ ମସଲା ହୋଲସେଲିଙ୍ଗ ଗୋଦାମ ଉପରେ ଚଢ଼ାଉ କରି ବିପୁଳ ପରିମାଣ ର ନକଲି ଜର୍ଦ୍ଦା କୁ ଜବତ କରିଛନ୍ତି। ଦିଲ୍ଲୀ ରୁ ଆସିଥିବା ଡିଲକ୍ସ କମ୍ପାନୀ ର ଅଧିକାରୀ ଶ୍ରୀ କୈଳାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି କି ଦୀର୍ଘଦିନ ହେବ ସତ୍ୟବାଦୀ ରେ କିଛି ବ୍ୟବସାୟୀ କମ୍ପାନୀ ଡିଲକ୍ସ ଅସଲି ନାମରେ ନକଲି ଜର୍ଦ୍ଦା କୁ ଚଢ଼ା ଡର ରେ ବିକ୍ରୟ କରୁଥିଲେ ଏନେଇ ଅଭିଯୋଗ ପରେ କମ୍ପାନୀ ତରଫରୁ ଚଢ଼ାଉ କରାଯାଇଛି । ଖୁବ ଶୀଘ୍ର ଏମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏନେଇ ସତ୍ୟବାଦୀ ଆଇ ଆଇ ସି କହିଛନ୍ତି କି ପୁରୀ ଏସ୍ପି ଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ କରାଯାଇଛି । ଖୁବ ଶୀଘ୍ର ତଦନ୍ତ କରାଯାଇ ଅନ୍ୟ ମାନଙ୍କୁ ମଧ୍ୟ ଧରାଯିବ । ଏହି ଚଢ଼ାଉ ବେଳେ ଡିଲକ୍ସ କମ୍ପାନୀ ର ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ଙ୍କ ସମେତ ଅନ୍ୟ ତିନୋଟି ଟିମ୍ ରେ ୯ ଜଣ ଓ ସତ୍ୟବାଦୀ ପୋଲିସ ତରଫରୁ, ପ୍ରିୟତମା ପ୍ରଧାନ, କୈଳାସ ଚୌହାନ, ରମାକାନ୍ତ ସାହୁ, ସଂଗ୍ରାମ କେଶରୀ ସ୍ୱାଇଁ ଓ କର୍ମଚାରି ମାନେ ଉପସ୍ଥିତ ରହି ଚଢ଼ାଉ କରି ନକଲି ଜର୍ଦ୍ଦା କୁ ଜବତ କରିଛନ୍ତି । ଏନେଇ କମ୍ପାନୀ ତରଫରୁ ଥାନାରେ ମାମଲା ରୁଜୁ ।

## ଗାଁ ଘାଟରୁ ଅହୋରାତ୍ର ବାଲି ଚୋରି

### ସବୁ ଜାଣି ପ୍ରଶାସନ ନିରବଦ୍ରଷ୍ଟା



**ନୀଳଗିରି,୧୮।୧୨ (ସଂଚାର ବ୍ୟୁରୋ):** ପୁରୁଣା ଗାଁ ଘାଟରୁ ଅହୋରାତ୍ର ଟ୍ରିପ ଟ୍ରିପ ବାଲୀ ବାଲୀ ଚୋରି ହେବାରେ ଲାଗିଛି। ହେଲେ ସବୁ ଜାଣି ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଏନେଇ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ କରି ଚାଲିଥିବା ବେଳେ ରାତ୍ରି ହେଲେ ବାଲି ମାଫିଆ ସକ୍ରିୟ ହେବା ସହ ମାପିଂଆ ମାଲାମାଲ ହେଉଛନ୍ତି। କେତେକ ଅସାଧୁ କର୍ମଚାରୀ ପକେଟ ଗରମ କରି ଏଭଳି ବେଆଇନ କାର୍ଯ୍ୟରେ ସହଯୋଗ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ସୁଚନା ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଧିନ ନରସିଂପୁର ପଞ୍ଚାୟତ ସୋନ ନଦୀର ପୁରୁଣା ଗାଁ ଘାଟରୁ ଅହୋରାତ୍ର ଟ୍ରିପ ଟ୍ରିପ ବାଲୀ ଚୋରି ହେଉଛି। ରାତ୍ରି ହେଲେ ବାଲି ମାଫିଆ ସକ୍ରିୟ ହେବା ସହ ସକାଳ ୭ଟା ପର୍ଯ୍ୟନ୍ତ ଟ୍ରାକ୍ଟର ଯୋଗେ ବାଲି ଉଠାଯାଇ ଆଖପାଖ ଅଞ୍ଚଳରେ କିଏ ଇଟା ଭାଟିରେ ରଖୁଛି ତ ଆଉ କିଏ ଗାଁ ଭିତରେ ଗଛିତ କରି ରଖୁଛନ୍ତି। ପ୍ରଶାସନର ଗତିବିଧିକୁ ଜାଣିବା ପାଇଁ ବିଭିନ୍ନ ଛକରେ ଜଗି ରହି ଅଧିକ ଗଛିତ ହେଲେ ବାଲିକୁ ବଡ଼ ବଡ଼ ଟ୍ରକରେ ଲୋଡ କରି ବାହାରକୁ ମଧ୍ୟ ଚାଲାଣ କରି ଦେଉଛନ୍ତି। କିଛିଦିନ ପୂର୍ବରୁ ଦିନରେ ବାଲି ଚୋରି ହେଉଥିବାରୁ ଗ୍ରାମବାସୀମାନେ ବିରୋଧ କରିବାରୁ ଏବେ ବାଲି ମାଫିଆ ରାତିର ବାଲି ଚୋରି କରୁଛନ୍ତି। ପ୍ରଶାସନ ସେମାନଙ୍କୁ ଆକଟ କରିବାରେ ବିଫଳ ହୋଇଛି। ଜିଲ୍ଲାପାଳ ଘଟଣାର ହସ୍ତକ୍ଷେପ ନକଲେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେବାର ଆଶଙ୍କା ରହିଛି।

## ଅସହାୟ ଗାଈଗୋରୁଙ୍କ ଦେବଦୂତ



**କାକଟପୁର/ଅସ୍ତରଙ୍ଗ,୧୮।୧୨ (ସଂଚାର ବ୍ୟୁରୋ):** ସେବା ମନୋବୃତ୍ତି ପାଇଁ ଟଙ୍କା ଦରକାର ନାହିଁ। ଦରକାର ହୁଏ ତ ବଡ଼ ହୃଦୟ। ଆଉ ଏପରି ବଡ଼ ହୃଦୟ ଦେଖାଇଛନ୍ତି ଅସ୍ତରଙ୍ଗ -କାକଟପୁର ବଜରଙ୍ଗ ଦଳର ସଦସ୍ୟ। ସ୍ୱାର୍ଥପର ଦୁନିଆରେ ଗୋ ସେବା ରେ ନିବୃତ ନିସ୍ୱାର୍ଥ ପର ମଣିଷ। ଗୋ ସେବାରେ ନିଜକୁ ସମର୍ପି ଦେଇଛନ୍ତି। ପରିବାର ଲୋକଙ୍କୁ ପଛକୁ କରି ସବୁବେଳେ ନିଜକୁ ପ୍ରସ୍ତୁତ କରିଥାନ୍ତି ଗୋ ସେବା ପାଇଁ। ଆଷାଢ଼ରେ ବର୍ଷା ହେଉ କି ବୈଶାଖ ପ୍ରଚଣ୍ଡ ଖରା କିମ୍ବା ମାଘ ମାସର ଶୀତକୁ ଖାତିରି ନକରି ରାତି ଦିନ ଏକ କରି ଲାଗି ପଡନ୍ତି ଗୋସେବାରେ। ଦୁର୍ଘଟଣା ଗ୍ରସ୍ତ ଗାଈ ଗୋରୁ କିମ୍ବା ଅସୁସ୍ଥ ଗାଈଗୋରୁଙ୍କ କଥା କାନରେ ବାଜିଲେ ବଜରଙ୍ଗ ଦଳର ସଦସ୍ୟଙ୍କ ମନ ସ୍ଥିର ରହି ପାରେନି। ଯାହାକି କିଛି ଦିନ ହେବ ଅସ୍ତରଙ୍ଗ ବଜାରରେ ସନ୍ଧ୍ୟା ହେଲେ ମୁଖ୍ୟ ରାସ୍ତାରେ ଗାଈ ଗୋରୁ ରାତ୍ରରେ ଶୋଇ ରହୁଥିବା ବେଳେ ଦୁର୍ଘଟଣା ଶିକାର ହେଉଛନ୍ତି। ଯାହାକୁ ନେଇ ଗାଡି ଚାଳକ ସଚେତନ ସହ ଗାଈ ଗୋରୁଙ୍କ ସୁରକ୍ଷା ପାଇଁ ଅସ୍ତରଙ୍ଗ -କାକଟପୁର ବଜରଙ୍ଗ ଦଳ ତରଫରୁ ସଂଯୋଜକ ଲିଙ୍ଗରାଜ ଦାସ ଙ୍କ ନେତୃତ୍ୱରେ ସାଥି କୁନା ସ୍ୱାଇଁ, ସିପୁନା ବିଶ୍ୱାଳ, ତପୁ ଦାସ, ଅରୁଣ କୁମାର ବିଶ୍ୱାଳ, ବୀଚି ବିଶ୍ୱାଳ ପ୍ରମୁଖ ସୋମବାର, ମଙ୍ଗଳବାର ଅସ୍ତରଙ୍ଗ ବଜାରରେ ରାତ୍ରରେ ଶୋଉଥିବା ବୁଲା ଗାଈ ଗୋରୁଙ୍କ ବେକରେ ରେଡିୟମ ଷ୍ଟିକର ପକାଇଛନ୍ତି। ଯାହାକି ଗାଡି ଲାଇଟି ଦ୍ୱାରା ଚାଳକ ଅବଗତ ହୋଇ ପାରିବେ।ବର୍ତ୍ତମାନ ସମାଜରେ ଯୁବପିଢ଼ି ଙ୍କ ମଧ୍ୟରୁ ଅନେକ ଯୁବକ ଜୀବନ ଜୀବିକା ପାଇଁ ଧାଉଁ ଥିବା ବେଳେ ଅସ୍ତରଙ୍ଗ -କାକଟପୁର ବଜରଙ୍ଗ ଦଳର ଯୁବକ ଙ୍କ ନିଆରା ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ




**ସୁନ୍ଦରଗଡ଼,୧୮।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ମାଦ୍ରୀ କାଲୋ ଭବନ ପଡ଼ିଆ ଠାରେ ମଙ୍ଗଳବାର ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର , ଜିଲ୍ଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଂଜନ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, କୃଷି ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଉପସ୍ଥାପନ କରିବା ସହିତ ଯାନ୍ତ୍ରୀକରଣର ଆବଶ୍ୟକତା, ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ଉପଯୋଗ କରି ଚାଷୀମାନଙ୍କ ମୁହଁ ରେ କିଭଳି ହସ ଫୁଟିବ ଏବଂ ସେମାନଙ୍କ ଆର୍ଥିକ ଅବସ୍ଥାରେ କିଭଳି ଉନ୍ନତି ଘଟିବ ସେନେଇ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସର ରେ ଜିଲ୍ଲାପାଳ ମନୋଜ ମହାଜନ କୃଷି ଓ ଆନୁଷଙ୍ଗିକ ବିଭାଗ ଗୁଡ଼ିକ ର ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। କୃଷକ ସଶକ୍ତିକରଣ ନିମନ୍ତେ ସରକାରଙ୍କ ବହୁତ ଗୁଡ଼ିଏ ଯୋଜନା ରହିଛି, ସେହିଭଳି ଜୀବିକା ନିମନ୍ତେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଆଦି ମଧ୍ୟ ରହିଛି, ସେହି ଯୋଜନା କାର୍ଯ୍ୟକ୍ରମରେ ସାମିଲ ହୋଇ ଚାଷୀମାନେ ଲାଭବାନ ହୋଇ ପାରିବେ ଏବଂ ତାଙ୍କ ଜୀବନ ଧାରଣର ମନରେ ଉନ୍ନତି ଆଣିବାରେ ସହାୟକ ହେବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଚାଷ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗ କରି ଚାଷ ସହିତ ଚାଷୀଙ୍କୁ କିଭଳି ଆଗକୁ ବଢ଼ାଇବା, ଚାଷୀମାନଙ୍କୁ ସହଯୋଗ କରିବା, ଚାଷୀମାନେ କିଭଳି ସରକାରଙ୍କ ସବୁ ଯୋଜନାରେ ସାମିଲ ହୋଇ ଲାଭ ପାଇବେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ଉପଯୋଗ ଦ୍ୱାରା କୃଷକଙ୍କ ସମୟ,ଶ୍ରମ, ଅର୍ଥ ମଧ୍ୟ ଅପଚୟ ନହେବା ସହିତ ତାଙ୍କର ଆୟକୁ ଦ୍ୱିଗୁଣିତ କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମେଳାରେ ବହୁ ଉନ୍ନତ ଧରଣର ବିଭିନ୍ନ କୃଷି ଯନ୍ତ୍ରପାତି ଯଥା ଟ୍ରାକ୍ଟର, ଘାସ ବଛା ଯନ୍ତ୍ର, ସାଇକେଲ ଘାସ ବଛା ଯନ୍ତ୍ର, ଧାନ ସଫା କରିବା ଯନ୍ତ୍ର, ଲୁହା ଲଙ୍ଗଳ, ବିଭିନ୍ନ ମଞ୍ଜି ରୁଆ ଯନ୍ତ୍ର, ଧାନ ଅମଳ ଓ ସଫା କରିବା ଯନ୍ତ୍ର, ଧାନ ବିଶୋଧନ ଯନ୍ତ୍ର ଇତ୍ୟାଦି ରହିଛି। ଏହି ଅବସରରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଟାଙ୍ଗୀ ରେଞ୍ଜରେ ହାତୀ ଆତଙ୍କ

**ଟାଙ୍ଗୀ,୧୮।୧୨(ସଂଚାର ବ୍ୟୁରୋ):** ଦିନକୁ ଦିନ ଖୋର୍ଦ୍ଧା ବନଖଣ୍ଡରେ ବଢ଼ୁଛି ହାତୀ ଉପଦ୍ରବ। ଟାଙ୍ଗୀ ରେଞ୍ଜରେ ୩୦ ଟିକିଆ ହାତୀପଲ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ହାତୀପଲଙ୍କ ଉତ୍ପାତରେ ସ୍ଥାନୀୟ ଲୋକେ ମଧ୍ୟ ଭୟଭୀତ ଅବସ୍ଥାରେ ଅଛନ୍ତି। ହେଲେ ବନ ବିଭାଗ ସାଜିଛି ନିଦାବିଷ୍ଟୁ। ତେବେ ଏହି ହାତୀପଲ ଆଜି (ବୁଧବାର) ସକାଳେ ଟାଙ୍ଗୀ ବ୍ଲକ୍ ଅଚ୍ୟୁତପୁର ରାସ୍ତା ପାର ହୋଇ ନିକଟସ୍ଥ ଜଙ୍ଗଲ ଭିତରକୁ ଯାଇଛନ୍ତି। ସ୍ଥାନୀୟ ଜଙ୍ଗଲ ଭିତରେ ହାତୀପଲ ରହିଥିବାରୁ ଅଚ୍ୟୁତପୁର ସମେତ କମାଗୁରୁ, ଛଣଗିରି, ଓଳସିଂହ, ଟାଙ୍କୋଳ, ସରପାରି ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଗତକାଲି ଟାଙ୍କୋଳ- ସରପାରି ରାସ୍ତାରେ ହାତିପଲ ରହିଥିବା ବେଳେ ଆଜି ଅଚ୍ୟୁତପୁରରେ ରାସ୍ତା ପାର ହେଉଥିବା ଘଟଣା ଭୟର ବାତାବରଣ ସୃଷ୍ଟି କରିଛି।

## ବ୍ଲକସ୍ତରୀୟ ଲୋକ କଳା ମହୋତ୍ସବ 'ଚଇତି'




**ରାୟଗଡା,୧୮।୧୨(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ସଦର ଆଇଓବି ବ୍ୟାଙ୍କ ପଡିଆରେ ବ୍ଲକ ସ୍ତରୀୟ ଲୋକ କଳା ମହୋତ୍ସବ 'ଚଇତି' ଉତ୍ସବ ଆୟୋଜିତ ହୋଇଥିଲା।ମା ମାର୍କମା ମନ୍ଦିର ପରିସରରୁ କଳସ ବହି ଏବଂ ଶୋଭାଯାତ୍ରା ଆରମ୍ଭ କରାଯାଇ ଆଇଓବି ବ୍ୟାଙ୍କ ପଡିଆର 'ଚଇତି ମଣ୍ଡପ'କୁ ନିଆଯାଇଥିଲା। ବିଡିଓ ସଦାଶିବ ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିଲା କାର୍ଯ୍ୟକ୍ରମ ହଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାୟକ ଧିମାନ ନୀଳମାଧବ ହିକକା, ସନମାନୀୟ ଅତିଥି ଡଃ ଦୟାନିଧି ବାଘ ଜଳ ଛାୟା ପ୍ରକଳ୍ପ ରାୟଗଡା , ରାୟଗଡା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା, ବି.ଏସ.ପି ଜିଲ୍ଲା ସଭାପତି ଜିତୁ ଜାକାଶିକା, ପିସିସି ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ଡିଆଇପିଆର ବସନ୍ତ ପ୍ରଧାନ ରାୟଗଡା , ରାଜସ୍ୱ ନିରୀକ୍ଷକ ବେଙ୍କଟେଶ୍ୱର ରେଡି, ସାଂସଦ ପ୍ରତିନିଧି ଦିଲୀପ ପଟନାୟକ, ବିଷମକଟକ ବ୍ଲକ୍ ଅଧ୍ୟକ୍ଷା ଯଶଦା ହୁଇକା, ଉପାଦକ୍ଷ ଦିଲୀପ ପଟନାୟକ, ଜିଲ୍ଲା ପରିଷଦ ବିଜୟଲକ୍ଷ୍ମୀ କୁମ୍ବୁରୁକା, ସୁଜାତା କାଡ୍ରାକା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଗଣେଶଙ୍କ ଫଟୋରେ ପ୍ରଦୀପ ପ୍ରଜ୍ୱଳନ କରି ସ୍କୁଲ ମାନେ ଉଦ୍‌ଘାଟିତ ହୋଇଥିଲା । ଏଥିରେ ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଓ କଳାକାରମାନେ ପୁରାତନ ଲୋକକଳା ଉଜ୍ଜୀବନ କରୁଥିବା ନାଚଗୀତ ପ୍ରଦର୍ଶନ କରିଥିଲେ । ଏହାକୁ ଅତିଥିମାନେ ବହୁତ ପ୍ରଶଂସା କରିବା ସହିତ ଏକ ଉତ୍କୃଷ୍ଟ ପ୍ରୟାସ ବୋଲି କହିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଦଳ ଏବଂ ସାମ୍ବାଦିକମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା । ତଥା ବ୍ଲକର ବିଭିନ୍ନ ବିଭାଗ ଓ ବେସରକାରୀ ସଂଗଠନ (ଏନ୍‌ଜିଓ) ଦ୍ୱାରା ଷ୍ଟଲ ବ୍ୟବସ୍ଥା କରାଯାଇଥିଲା, ଯେଉଁଠାରେ ଲୋକମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ସଚେତନ କରାଯାଇଥିଲା ।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଠାବ

**କାକଟପୁର,୧୮।୧୨(ସଂଚାର ବ୍ୟୁରୋ):** ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ଗ୍ରାମ ପଂଚାୟତ ବାଲିପନ୍ତାଳ ଅଧୀନ ସେନାପତି ସାହି ନିକଟରେ ଥିବା ନୀଳ ଜଙ୍ଗଲ ର ପାର୍ଶ୍ୱବର୍ତ୍ତୀ ଆକାଶିଆ ଗଛରେ ଝୁଲନ୍ତା ଅବସ୍ଥାରେ ଯୁବକ ମୃତ ଦେହ ବୁଧବାର ସକାଳୁ ସକାଳୁ ସ୍ଥାନୀୟ ଅଞ୍ଚଳର ଚାଷୀ ଦେଖିଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ଅସ୍ତରଙ୍ଗ ଥାନା ନଗର ପଂଚାୟତ ସେନାପତି ସାହି ନିକଟ ନୀଳ ଜଙ୍ଗଲ ପାର୍ଶ୍ୱବର୍ତ୍ତି ଆକାଶିଆ ଗଛରେ ଏକ ନାଲିରଙ୍ଗର ଗାମୁଛାରେ ସବୁଜ ରଙ୍ଗର ଗଞ୍ଜି ଓ କାର୍ଗୋ ଫୁଲ ପ୍ୟାଣ୍ଟ ପିନ୍ଧି ଝୁଲନ୍ତା ଅବସ୍ଥାରେ ଯୁବକ ଝୁଲିପଡ଼ିଥିବା ବେଳେ ନିକଟରେ ଏକ ସାଇକେଲ, ଚପଲ ଓ କଳା ରଙ୍ଗର ଜରିରେ ଭୋଗ ପଡିରହିଥିଲା। ସକାଳୁ ସକାଳୁ ସ୍ଥାନୀୟ ଅଞ୍ଚଳର ଚାଷୀ ଧାନ କାଟିବା ପାଇଁ ଯିବା ବେଳେ ଦେଖିବା ସହ ସାମାଜିକ ଗଣମାଧ୍ୟମରେ ଝୁଲନ୍ତା ଅବସ୍ଥାରେ ଯୁବକ ଙ୍କ ଫଟୋ ଭାଇରାଲ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଠାରୁ ଖବର ପାଇଁ ଅସ୍ତରଙ୍ଗ ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିବା ପରେ ଯୁବକ ଙ୍କ ନିକଟରୁ ଏକ ପାସବୁକ ଓ ମୋବାଇଲି ଫୋନ୍ ମିଳିଥିଲା।

## ବ୍ଲକସ୍ତରୀୟ ଶିଶୁ ଉତ୍ସବ




**ନାଉଗାଁ,୧୮।୧୨(ସଂଚାର ବ୍ୟୁରୋ):** ଆଜିର ଶିଶୁ ଆସନ୍ତା କାଲିର ମହକ ସେହି ପରିପ୍ରେକ୍ଷିରେ ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଗାରୋଇ ପରିସରରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ଟା )ତରଫରୁ ଚଳିତ ବର୍ଷର ଶିଶୁଉତ୍ସବ ପୂଜ୍ୟପାଦ ବାବା ଶ୍ରୀ ଆଦିତ୍ୟନାରାୟଣ ଦାସଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ସଭାପତି ସୁକାନ୍ତ କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାରେ ନାଉଗାଁ ମଣ୍ଡଳ ଶିକ୍ଷାଅଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଜିର ଶିଶୁ ଆସନ୍ତା କାଲିର ମହକ । ତେଣୁ ତାଙ୍କ ଅନ୍ତର୍ନିହିତ ପ୍ରତିଭାର ଆବିଷ୍କାର ପାଇଁ ପ୍ରତିଯୋଗିତା ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ଓସ୍ଟାର ପୂର୍ବତନ ସଭାପତି ନିରଞ୍ଜନ ମହାନ୍ତି ଓ ସମ୍ମାନନୀୟ ଅତିଥି ଭାବେ ନିତ୍ୟାନନ୍ଦ ଜେନା, ବିଜୟ କୁମାର ସ୍ୱାଇଁ, ପ୍ରଭାତ କୁମାର ସ୍ୱାଇଁ ଓ ଆଲୁମିନି କମିଟି ସଭାପତି ପବିତ୍ର କୁମାର ବିଶ୍ୱାଳ ଯୋଗ ଦେଇଥିଲେ । ସମ୍ପାଦକ ହିମାଂଶୁ କୁମାର ମହାନ୍ତି ଶିଶୁମେଳାର ଆଭିମୁଖ୍ୟ ପ୍ରକାଶ କରିଥିଲା ବେଳେ ଜିଲ୍ଲା ଓସ୍ଟାର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବ୍ଲକର ୧୭ଟି ବିଦ୍ୟାଳୟରୁ ୩୧୧ଜଣ ପ୍ରତିଯୋଗୀ ତର୍କ, କଣ୍ଠ ସଂଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ଲିଖନ, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଅଧିବେଶନରେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ କୁମାର ମିଶ୍ର ମୁଖ୍ୟ ଅତିଥି ଏବଂ ଜିଲ୍ଲା ଓସ୍ଟା ର ସଭାପତି ନାରାୟଣ ଚନ୍ଦ୍ର ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଶିଶୁ ମେଳାରେ ବିଜୟ କୁମାର ସ୍ୱାଇଁ, ରାମଚନ୍ଦ୍ର ମୁଦୁଲି, ବସନ୍ତ କୁମାର ସ୍ୱାଇଁ, ଶୁଭସ୍ମିତା ସାହୁ ରିଙ୍କିଲତା ଜେନା, ବିଶ୍ୱଜିତ ବିଶ୍ୱାଳ, ସନ୍ତୋଷ କୁମାର ଦାସ, ନିତ୍ୟାନନ୍ଦ ଜେନା, ଆଦର୍ଶ କୁମାର ଦାସ, ଅଶୋକ କୁମାର ଫାରକ, ସନ୍ତୋଷ କୁମାର ପରିଡା, ଅମୀୟ କୁମାର ମହାପାତ୍ର ପ୍ରଭୃତି ବିଚାରକ ଭାବେ ଏବଂ ପବିତ୍ର କୁମାର ସ୍ୱାଇଁ,ଚିନ୍ମୟ କୁମାର ଜେନା, ଦିବ୍ୟବ୍ରତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ



**ନୟାଗଡ଼,୧୮।୧୨(ସଂଚାର ବ୍ୟୁରୋ):** ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ସମାରୋହ ଜିଲ୍ଲା ପରିଷଦ ସୃଜନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମଗ୍ର ଶିକ୍ଷା ବାଳିକା ସଂଯୋଜିକା ଶ୍ରାବଣୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଅର୍ଚ୍ଚନା କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଡ଼ିଏସସ୍ପି ହେମନ୍ତ ରାଓଙ୍କ ସହ ସମସ୍ତ ସଦସ୍ୟ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲ୍ଲାସ୍ତରରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଭାବରେ ଲେଙ୍କୁଡ଼ିପଡ଼ା ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶ୍ରେଷ୍ଠ ବାଲ୍ୟ ବିବାହ ପ୍ରତିରୋଧି ଯୋଦ୍ଧା ଭାବେ ତୃପ୍ତିମୟୀ ପାଣିଗ୍ରାହୀ, ଶ୍ରେଷ୍ଠ ଆଶାକର୍ମୀ ଭାବେ ମମତା ବେହେରା, ଶ୍ରେଷ୍ଠ ଅଙ୍ଗନବାଡି କର୍ମୀ ସଂଗୀତା ଦାଶ, ଶ୍ରେଷ୍ଠ ବାଳିକା ଖେଳାଳି ମିନତୀ ସାହୁ ଏବଂ ଶ୍ରେଷ୍ଠ କୋ-କରିକୁଲାର ତଥା ରାଜ୍ୟସ୍ତରୀୟ ଶ୍ରେଷ୍ଠ ବକ୍ତୃତା ପ୍ରତିଯୋଗୀ ଏବଂ ମହକ ପ୍ରତିଯୋଗୀ ହିସାବରେ ନୟାଗଡ଼ ତପସ୍ୟା ଗୃହର ସନ୍ଧ୍ୟାରାଣୀ ବରାଡ଼ଙ୍କୁ ଉପଢୌକନ ତଥା ମାନପତ୍ର ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମଗ୍ର ଶିକ୍ଷା ବିଭାଗର ସମସ୍ତ କର୍ମଚାରୀ, ଶିଶୁ ସୁରକ୍ଷା ୟୁନିଟର ସଦସ୍ୟ ତଥା ଶିକ୍ଷକ ଶିକ୍ଷୟିତ୍ରୀ

## ତେଜ ଆଗ୍ରୋ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ



**ଗଞ୍ଜାମ,୧୮।୧୨(ସଂଚାର ବ୍ୟୁରୋ):** ତେଜ ଆଗ୍ରୋ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ। ନିଆଁ ଲାଗି ଜଳିଗଲା କୋଟିଏ ଟଙ୍କାର ସାମଗ୍ରୀ। ଗଞ୍ଜାମ କୋଦଳା ମୁଖ୍ୟ ରାସ୍ତାରେ ଥିବା ଜଗନ୍ନାଥ ସାହୁଙ୍କ ତେଜ ଆଗ୍ରୋ ଫ୍ୟାକ୍ଟ୍ରିରେ ନିଆଁ ଲାଗି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର କଞ୍ଚାମାଲ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆଜି ଭୋରରୁ ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଥିଲା। କମ୍ପାନୀରେ ନିଆଁ ଲାଗିଯାଇଥିବା ଦେଖା ଦେଖି ସ୍ଥାନୀୟ ଲୋକେ କମ୍ପାନୀ ମାଲିକଙ୍କୁ ଫୋନ୍ କରିବା ସହ ଅଗ୍ନିଶମ ବାହିନୀକୁ ଫୋନ୍ କରିଥିଲେ। ୨ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଫ୍ୟାକ୍ଟ୍ରିରେ ମୃଦୁ ପାନୀୟ, କେକ୍, ରୁଟି ଭଳି ସାମଗ୍ରୀର କଞ୍ଚାମାଲ ସମେତ କିଛି ଯନ୍ତ୍ରାଂଶ ପୋଡ଼ି ପାଉଁଶ ହୋଇଥିବା ସୂଚନା ମିଳିଛି। ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ତେବେ ଫ୍ୟାକ୍ଟ୍ରିରେ କିପରି ନିଆଁ ଲାଗିଲା ତାର କାରଣ ଜଣାପଡ଼ି ନାହିଁ ।

## ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ସମାରୋହ




**ନବରଙ୍ଗପୁର,୧୮।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ସ୍ୱାଟ୍ର ଗୁରୁକୁଳ ମହାବିଦ୍ୟାଳୟ କାର୍ଯ୍ୟଳୟ ଠାରେ ଯୁବ ବ୍ୟାପାର ମନ୍ତ୍ରାଳୟ ଭାରତ ସରକାରଙ୍କ ଅଧୀନସ୍ଥ ମେରା ଯୁବ ଭାରତ ଓ ନେହେରୁ ଯୁବ କେନ୍ଦ୍ର ତରଫରୁ ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।ଏହି ଯୁବ ଉତ୍ସବରେ ଦିବା ୧୧.୦୦ ଘ ସମୟରେ ମୁଖ୍ୟ ଅତିଥିରୂପେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ସମ୍ମାନୀୟ ଅତିଥି ରୂପେ ଡ଼ାବୁ ଗାଁ ବିଧାୟକ ମନୋହର ରନ୍ଧାରୀ ,ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ମଞ୍ଚାସିନ ଅନ୍ୟତମ ଅତିଥି ରୂପେ ସାଂସଦ ପ୍ରତିନିଧି ଜଗଦୀଶ ବିଶୋଇ,ରମେଶ ସାହୁ, ସ୍ୱାଟ୍ର ଗୁରୁକୁଳ ସଭାପତି ସଚ୍ଚିଦାନନ୍ଦ ଚୌଧୁରୀ, ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, ଡି ସି ଓ ଘାଶିଆ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।ପୂଜାର୍ଚ୍ଚନା ପରେ ସଭାରେ ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଯୁବ ଭାଇ ଭଉଣୀ ଙ୍କୁ ଯୁବ ମହୋତ୍ସବ ର ଶୁଭକାମନା କରି ଯୁବକମାନଙ୍କ ହାତରେ ଦେଶର ଭବିଷ୍ୟତ ରହିଛି ଏବଂ ଏହି ଦେଶକୁ ଆହୁରି ଉଚ୍ଚ ଶିଖର କୁ ନେବା ପାଇଁ ନିଜର ଆତ୍ମବିଶ୍ୱାସ କୁ ଦୃଢ଼ କରିବା ସହ ବଡ ସ୍ୱପ୍ନ ଦେଖିବା ଓ ତାକୁ ପୁରଣ କରିବା ପାଇଁ କଠିନ ପରିଶ୍ରମ କରିବାକୁ ଆହ୍ୱାନ କରିଥିଲେ। ଏହି ମହୋତ୍ସବ ରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୩୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଆସି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ମୋନାଲିସା ତ୍ରିପାଠୀ, ସୌମ୍ୟା ସାସ୍ୱତି ନନ୍ଦ , ଅର୍ପିତା ମହାପାତ୍ର ,ଫୋଟୋଗ୍ରାଫି ପ୍ରତିଯୋଗିତାରେ ଜେ ଅଶ୍ୱିନ କୁମାର, ମହିମା ପ୍ରସାଦ ନାୟକ,ଅମନ୍ ବେହେରା,ପଦ୍ୟ ଆବୃତ୍ତି ରେ ସୁଭସ୍ମିତା ପଣ୍ଡା, ବିଶ୍ୱଜିତ ଗଉଡ,ଅର୍ଚ୍ଚିତା ତ୍ରିପାଠୀ,ଚିତ୍ରାଙ୍କନ ପ୍ରତିଯୋଗିତାରେ କବିତା ଭଣ୍ଡ, ଅଭିପ୍ସା ରଥ, ଅନ୍ୱେଷା ପାଢ଼ୀ, ବିଜ୍ଞାନ ମେଳା (ବ୍ୟକ୍ତିଗତ) ରେ ଧର୍ମେନ୍ଦ୍ର ରାଜସିଂ, ଶୟମ ସାରଥୀ ସିଂ,କରଣ ନାଗ, ବିଜ୍ଞାନ ମେଳା (ଦଳଗତ)ରେ ନମିତା ମାଝୀ ଓ ସାଥୀ, ଅଙ୍କିତା ମହାପାତ୍ର ଓ ସାଥୀ,ପ୍ରିୟଦର୍ଶିନୀ ନାୟକ ଓ ସାଥୀ ସେଭଳି ଦଳଗତ ନୃତ୍ୟ ରେ ସ୍ୱାଟ୍ର ଗୁରୁକୁଳ,ମହିଳା ମହାବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ।

# ଦୁଇ ମାସରେ ସରିବ ଆବାସ ସର୍ଭେ

- ଜଣେ ବି ଯୋଗ୍ୟ ବାଦ୍ ପଡ଼ିବେନି
- ପୂର୍ବ ସରକାରଙ୍କୁ କଲେ ଟାର୍ଗେଟ

**ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ):** ଆଗାମୀ ଦୁଇ ମାସରେ ସରିବ ଆବାସ ସର୍ଭେ। ଏବେ ଗ୍ରାମାଞ୍ଚଳରେ ସର୍ଭେ ଆରମ୍ଭ ହୋଇଛି। ଗ୍ରାମସଭା ମାଧ୍ୟମରେ ପ୍ରତି ଗାଁରେ ସଚେତନ କରାଯାଉଛି। ଲୋକଙ୍କୁ ସର୍ଭେରେ ସାମିଲ କରାଯାଉଛି ବୋଲି ବୁଧବାର ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ।

ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି, ସରକାର ଯେତେବେଳେ ଲୋକମାନଙ୍କ ପାଇଁ କାମ କରନ୍ତି, ଯୋଜନା ସବୁ ତାଙ୍କ ପାଖରେ ପହଞ୍ଚିବା ଦରକାର। ବିଗତ ଦିନର ସମସ୍ତେ କାମ କରିଛନ୍ତି । କିନ୍ତୁ ବ୍ୟବସ୍ଥା ହିସାବରେ ରହୁଥିଲା । ଯେତେବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଂକଳ୍ପ ତିଆରି କଲେ ଲୋକମାନଙ୍କ ପାଖରେ ପହଞ୍ଚି ପାରିଲା ନାହିଁ। ଏବେ ଆମେ ଲୋକଙ୍କ ପାଖକୁ ଯାଇଛୁ,



ଗ୍ରାମସଭା ମାଧ୍ୟମରେ ଆଲୋଚନା ହେଉଛି। ଯେଉଁମାନେ ବି ଆବାସ ପାଇବାରୁ ବାଦ ପଡ଼ିଛନ୍ତି। କାହାକୁ ବାଦ ଦିଆଯିବ ନାହିଁ। ବ୍ୟବସ୍ଥା ଲୋକଙ୍କ ପାଖରେ ପହଞ୍ଚାଇବାର ଆବଶ୍ୟକତା ଅଛି। ବିଭାଗର ଟ୍ରେନରମାନେ ଗାଁ ଗାଁରେ ଲୋକଙ୍କୁ ଡାକି ସଚେତନ କରୁଛନ୍ତି। ଯିଏ ବଞ୍ଚିତ ହୋଇଛନ୍ତି, ଗରିବ ଅଛନ୍ତି, ବଞ୍ଚିତ ଅଛନ୍ତି, ସେମାନଙ୍କୁ ସାମିଲ କରାଯାଉଛି।

ପୂର୍ବ ସରକାରକୁ ଟାର୍ଗେଟ କରି ସେ କହିଛନ୍ତି, ଆକ୍ରୋଶମୂଳକ ଭାବେ ରାଜନୈତିକ ଅଭିସନ୍ଧି ରଖି ଗରିବଙ୍କୁ ଆବାସ ତାଲିକାରୁ କାଟି ଦିଆଯାଉଥିଲା। ସର୍ଭେକୁ ବିଭାଗ ଅଧିକ ଗୁରୁତ୍ୱ ଦେଉଛି। ମନ୍ତ୍ରୀମାନେ ଜିଲ୍ଲା ଗସ୍ତ ସମୟରେ ଆବାସ ସର୍ଭେର ସମୀକ୍ଷା କରୁଛନ୍ତି । ଯିଏ ପ୍ରକୃତରେ ଗରିବ ତାକୁ ଘର ମିଳିବ ଏହା ଆମ ସରକାରର ଲକ୍ଷ୍ୟ। ଦିଲ୍ଲୀ ଗସ୍ତ ସମୟରେ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଆବାସ ବାବଦରେ ଆଲୋଚନା କରାଯିବ। ରାଜ୍ୟରେ ଯେଉଁ ଅସୁବିଧା ରହୁଛି ପ୍ରଧାନମନ୍ତ୍ରୀଙ୍କୁ ଜଣାଇବୁ ବୋଲି ସେ କହିଛନ୍ତି। ଆବାସ ଯୋଜନାର ନୂଆ ସର୍ଭେ ଆରମ୍ଭ ହୋଇଛି। ସବୁ ଯୋଗ୍ୟ ପରିବାରକୁ ମିଳିବ ଘର। ନିଜକୁ ଯୋଗ୍ୟ ମନେ କରୁଥିବା ସମସ୍ତ ପରିବାର ସର୍ଭେ ସମୟରେ ତାଲିକାଭୁକ୍ତ ହୋଇପାରିବେ। ପ୍ରତ୍ୟେକ ଗାଁରେ ସର୍ଭେ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ କର୍ମଚାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସଠିକ୍ ସର୍ଭେ ପାଇଁ ସମ୍ପୃକ୍ତ ବ୍ଲକ କର୍ମଚାରୀଙ୍କୁ ଉତ୍ତରଦାୟୀ କରାଯିବ ବୋଲି ପୂର୍ବରୁ କହିଥିଲେ ବିଭାଗୀୟ ମନ୍ତ୍ରୀ।

ସର୍ଭେ ଆରମ୍ଭ ହେବା ଦିନ ଠାରୁ ୨ ମାସ ମଧ୍ୟରେ କାର୍ଯ୍ୟପ୍ରକ୍ରିୟା ଶେଷ କରିବାକୁ ବିଡିଓ ପଦକ୍ଷେପ ନେବେ। ଜିଲ୍ଲାପାଳ ଓ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିଜେ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଏହି ସର୍ଭେକୁ ତଦାରଖ କରିବେ। ଯେପରିକି କେହି ଯୋଗ୍ୟ ପରିବାର ସର୍ଭେରୁ ବାଦ୍ ପଡ଼ିବେ ନାହିଁ। ସର୍ଭେରେ ଥିବା ସମସ୍ତ ଯୋଗ୍ୟ ପରିବାରର ତାଲିକାକୁ ପଞ୍ଚାୟତ ଅଫିସ, ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ ଓ ଗାଁର ମୁଖ୍ୟ ସ୍ଥାନଗୁଡ଼ିକରେ ସାଧାରଣ ଲୋକଙ୍କ ଜାଣିବା ପାଇଁ ପ୍ରଦର୍ଶନ କରାଯିବ ବୋଲି ମନ୍ତ୍ରୀ କହିଥିଲେ।



## ରମାଦେବୀରେ ୧୦୮ ଫୁଟ ଉଚ୍ଚର ତ୍ରିରଙ୍ଗା

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଶିଳ୍ପପତି ତଥା ସମାଜସେବୀ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ବୁଧବାର ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ ପରିସରରେ ଏକ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ବାଚସ୍ପତି ସୁରମା ପାଢ଼ୀ ଏହି ପତାକା ସ୍ତମ୍ଭକୁ ଉଦ୍‌ଘାଟନ କରିବା ସହ ୩୬×୨୪ ବର୍ଗଫୁଟର ଏକ ବିଶାଳ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ।

ଦେଶର ବିଭିନ୍ନ ପ୍ରାନ୍ତରେ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ କରୁଥିବାରୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଫ୍ଲାଗ ଫାଉଣ୍ଡେସନ ଅଫ ଇଣ୍ଡିଆକୁ ପ୍ରଶଂସା କରିଥିଲେ। ସମସ୍ତ ଭାରତୀୟ କିପରି ସମ୍ମାନ ଓ ଗୌରବର ସହ ସବୁଦିନ ଜାତୀୟ ପତାକା ଉଡ଼ାଇପାରିବେ ସେଥିପାଇଁ ଦୀର୍ଘ ୧୦ ବର୍ଷ ଦୀର୍ଘ ନ୍ୟାୟିକ ଲଢ଼େଇ ପାଇଁ ସେ ଶ୍ରୀ ଜିନ୍ଦଲଙ୍କୁ ଧନ୍ୟବାଦ ଦେଇଥିଲେ। ଆଭାସୀ ମାଧ୍ୟମରେ ଯୋଗଦେଇ ସାଂସଦ ଶ୍ରୀ ଜିନ୍ଦଲ କହିଥିଲେ, ଜାତୀୟ ପତାକା ସଂଘବଦ୍ଧ ଉତ୍ସାହ ଓ ଏକତାକୁ ପ୍ରଦର୍ଶନ କରିଥାଏ। ଏଠାରେ ତ୍ରିରଙ୍ଗାର ଏହି ଗଗନଚୁମ୍ବୀ ଉଡ଼ାଣ ପିଢ଼ି ପରେ ପିଢ଼ି ଛାତ୍ରୀମାନଙ୍କୁ ଉତ୍ସର୍ଗୀକୃତ ଭାବେ ଦେଶସେବା ପାଇଁ ପ୍ରେରଣା ଯୋଗାଇବ। ବାଚସ୍ପତି ଶ୍ରୀମତୀ ପାଢ଼ୀ ଶ୍ରୀ ନବୀନ ଜିନ୍ଦଲ ଓ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ ଦେଶ ବିକାଶରେ ନବୀନ ଜିନ୍ଦଲଙ୍କ ବହୁ ଅବଦାନ ରହିଛି। ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟତାର ପ୍ରସାର ପାଇଁ ଅବସର ସୃଷ୍ଟି କରିଥିବାରୁ ଶ୍ରୀମତୀ ପାଢ଼ୀ ଶ୍ରୀ ଜିନ୍ଦଲଙ୍କୁ ଧନ୍ୟବାଦ ଦେଇଥିଲେ। ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍ଆର୍) ପ୍ରଶାନ୍ତ ହୋତା ରମାଦେବୀ ଚୌଧୁରୀଙ୍କ ବଳୀଦାନ ସମ୍ପର୍କରେ କହିଥିଲେ। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ସିଇଓ ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲି, ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟ କର୍ମଚାରୀଙ୍କ ସମେତ ଶତାଧିକ ଛାତ୍ରୀ ଏହି ଉତ୍ସବରେ ଯୋଗଦେଇଥିଲେ।

> ଭାରତୀୟତାର ପରିଚୟକୁ ଅକ୍ଷୁଣ୍ଣ ରଖିବା ପାଇଁ ସଭିଏଁ ଏକାଠି ଲଢ଼ିବା: କେଭି



## ୨୧ ଯାଏଁ ବର୍ଷା: ୩ ଡିଗ୍ରୀ ଖସିବ ପାରଦ

**ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ):** ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ୨୧ ଯାଏଁ ବର୍ଷା ହେବାର ସମ୍ଭାବନା ରହିଛି। ଦକ୍ଷିଣ ଓ ଦକ୍ଷିଣ-ଉପକୂଳ ସମେତ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରାମା ମହାନ୍ତି କହିଛନ୍ତି, ରାଜ୍ୟରେ ଆଗାମୀ ୫ ଦିନ ପାଇଁ ପାଗ ମୁଖ୍ୟତଃ ଶୁଖିଲା ସହ ମେଘୁଆ ରହିବ। କିନ୍ତୁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ଅଛି। ୧୯ ତାରିଖରେ ପାଗ ମେଘୁଆ ରହିବ। ପୁରୀ, କେନ୍ଦ୍ରାପଡ଼ା, ଗଜପତି, ଜଗତସିଂହପୁର, କୋରାପୁଟ, ରାୟଗଡ଼ା ଜିଲ୍ଲାରେ ହାଲୁକା ବର୍ଷା ସମ୍ଭାବନା ରହିଥିବା ବେଳେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବାର ଅଛି। ଡିସେମ୍ବର ୨୦ ତାରିଖରେ ମଧ୍ୟ ବର୍ଷା ଲାଗି ରହିବ। ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଜିଲ୍ଲାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାର ଅଛି। ୨୧ ତାରିଖରେ ହାଲୁକାରୁ ଅତ୍ୟନ୍ତ ହାଲୁକା ବର୍ଷା ହେବାର ଅଛି। ପାଗ ମେଘୁଆ ଥିବାରୁ ହାଲୁକା କୁହୁଡ଼ି ଦେଖାଯିବ। ଗତ ୨୪ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ୨ ରୁ ୩ ଡିଗ୍ରି ବଢ଼ିଛି। ଆଗାମୀ ୪୮ ଘଣ୍ଟା ଭିତରେ ୨ରୁ ୩ ଡିଗ୍ରି ପାରଦ ଖସିବ। ପରେ ତାପମାତ୍ରା ସାଧାରଣ ରହିବ। ଆଗାମୀ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ୭.୨ ରାଉରକେଲାରେ ଦେଖା ଯାଇଥିଲା। ଝାରସୁଗୁଡ଼ାରେ ୮.୬, ସୁନ୍ଦରଗଡ଼ରେ ୮.୧, ଫୁଲବାଣୀ ଓ ବୌଦ୍ଧରେ ୧୦ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି।

## ଜଳିଗଲା ସାବୁନ କାରଖାନା



**ପୁରୀ, ୧୮।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ମଙ୍ଗଳାଘାଟରେ ଥିବା ଏକ ସାବୁନ ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମ ହୋଇଯାଇଛି। ସୂଚନା ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଛନ୍ତି। ପ୍ରାଥମିକ ତଦନ୍ତରୁ ସର୍ଟ ସର୍କିଟରୁ ଫ୍ୟାକ୍ଟ୍ରିରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଆଖି ପିଛୁଳାକେ ନିଆଁ ଚାରିଆଡ଼େ ବ୍ୟାପି ଯାଇଛି। ଫଳରେ ଫ୍ୟାକ୍ଟ୍ରିରେ ସାବୁନ ପ୍ରସ୍ତୁତ ପାଇଁ ଥିବା ତେଲରେ ନିଆଁ ଲାଗି ତାହା ଅଧିକ ଭୟଙ୍କର ହୋଇଉଠିଛି। ନିଆଁ ଝାସରେ ଫ୍ୟାକ୍ଟ୍ରିର ଆଜବେଷ୍ଟସ, କାଚ ଆଦି ଗଳି ପଡ଼ିଛି। ନିଆଁ ଲାଗିଥିବା ସମୟରେ ସାବୁନ ଫ୍ୟାକ୍ଟ୍ରିରେ ବହୁ କର୍ମଚାରୀ କାମ କରୁଥିଲେ। ସେମାନଙ୍କ ମଧ୍ୟରୁ କିଏ ମୃତାହତ କିମ୍ବା ଆହତ ହୋଇଥିବା ନେଇ କିଛି ସୂଚନା ମିଳିପାରିନି। ଫ୍ୟାକ୍ଟ୍ରିର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି ନା ନାହିଁ ତାହାର ବି ଯାଞ୍ଚ ହେବ ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।




**ଆଗକୁ ନୂଆବର୍ଷ :** ରାଜଧାନୀ ରାଜରାସ୍ତାରେ କୁକୁଡ଼ା ଓ ଛେଳିଙ୍କ ନିରାମିଷ ଆହାର ସପକ୍ଷରେ ସଚେତନତା ବାର୍ତ୍ତା।

## ଦରଦାମ ବୃଦ୍ଧି: ୬ରେ ବିଜେଡିର ଗଣବିକ୍ଷୋଭ

- ମୁଦ୍ରାସ୍ଫୀତି ବୃଦ୍ଧିରେ ଦେଶରେ ଓଡ଼ିଶାର ସ୍ଥାନ ତୃତୀୟ
- ୨୬ରେ ପ୍ରତି ନିର୍ବାଚନମଣ୍ଡଳୀରେ ପାଳିତ ହେବ ବିଜେଡି ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧିକୁ ନେଇ ବିଜେପି ସରକାର ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ ଦାସବର୍ମା, ବରିଷ୍ଠ ମିଡ଼ିଆ ସଂଯୋଜକ ପ୍ରତାପ ଜେନା, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଦଳର ଯୁବ ସଭାପତି ବ୍ୟୋମକେଶ ରାୟ ଅହେତୁକ ଦରବୃଦ୍ଧି ବିରୋଧରେ ଜାନୁଆରୀ ୬ରେ ଲୋକସେବା ଭବନ ସମ୍ମୁଖରେ ଗଣବିକ୍ଷୋଭ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହାସହିତ ଡିସେମ୍ବର ୨୬ରେ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ରାଜ୍ୟର ସମସ୍ତ ବିଧାନସଭା ଆସନରେ ଆୟୋଜିତ ହେବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ। ସେହିଦିନ



ଶଙ୍ଖ ଭବନରେ ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ।

ଶ୍ରୀ ମିଶ୍ର କହିଥିଲେ, ବିଜେପି ସରକାରର ପ୍ରତିଶ୍ରୁତି ପାଳନରେ ବିଫଳତାକୁ କ୍ଷେତ୍ରୀୟ ସ୍ତରରେ ସଭାସମିତି ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯିବ। ମୁଦ୍ରାସ୍ଫୀତି ବୃଦ୍ଧିରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବର ମାସରେ ୫.୪୮%କୁ ଛୁଇଁଛି, ଯାହା ଗତ ନଅ ମାସରେ ସବୁଠାରୁ ଅଧିକ। ଖାଦ୍ୟ ସାମଗ୍ରୀ ମୁଦ୍ରାସ୍ଫୀତି ନଭେମ୍ବରରେ ୯.୪ ପ୍ରତିଶତ ରହିଛି, ଯାହା ମଧ୍ୟ ସର୍ବାଧିକ। ଶ୍ରୀ ଦାସବର୍ମା କହିଥିଲେ, ବିଜେଡିର ୨୭ତମ ପୂର୍ତ୍ତି ସଙ୍ଗେ ସଙ୍ଗେ ୨୮ତମ ପ୍ରତିଷ୍ଠା ଦିବସ ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ। ଏହି ଦିବସରେ ବିଜେଡିର ଛାମୁଆ ନେତୃତ୍ୱ ପଦାଧିକାରୀ ତଥା ଶୁଭେଚ୍ଛୁମାନଙ୍କୁ ନେଇ କ୍ଷେତ୍ରୀୟ ସମ୍ମିଳନୀ/ସଭା କରି ବିଗତ ଦିନରେ ଲୋକଙ୍କ ପାଇଁ ନିଆଯାଇଥିବା ସଫଳ କାର୍ଯ୍ୟକ୍ରମ ଏବଂ ସାମ୍ପ୍ରତିକ ସରକାରର ଜନ ବିରୋଧୀ କାର୍ଯ୍ୟକ୍ରମକୁ ଜନ ସାଧାରଣଙ୍କ ସମ୍ମୁଖରେ ରଖାଯିବ।

ଶ୍ରୀମତୀ ଛୁରିଆ କହିଥିଲେ, ଅହେତୁକ ଦରବୃଦ୍ଧି ଯୋଗୁଁ ରାଜ୍ୟର ମହିଳାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଓଡିଶାର ମୁଦ୍ରାସ୍ଫୀତି ୬.୭୮ ପ୍ରତିଶତ ରହିଥିବା ବେଳେ, ଏହା ଦେଶର ସମସ୍ତ ରାଜ୍ୟମାନଙ୍କ ତୁଳନାରେ ତୃତୀୟ ସ୍ଥାନରେ ରହିଛି। ଧାନର ସହାୟତା ଏକ କ୍ୱିଣ୍ଟାଲ ଧାନରୁ ପ୍ରାୟ ପାଞ୍ଚରୁ ନଅ କେଜି କଟନୀ ଛଟନୀ ହେଉଥିବାରୁ ସହାୟତା ରାଶି ବୃଦ୍ଧି ମଧ୍ୟ ପ୍ରହସନରେ ପରିଣତ ହୋଇଛି। ବିଧାୟକ ତଥା ଯୁବ ସଭାପତି ବ୍ୟୋମକେଶ ରାୟ କହିଥିଲେ, ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯିବା କ୍ଷେତ୍ରରେ ବିଜେପିର ପ୍ରତିଶ୍ରୁତି ଧୂଆଁବାଣରେ ପରିଣତ ହୋଇଛି।

## କଟକ ମହାନଗର ଶାନ୍ତିକମିଟି ତଥ୍ୟ ମିଳୁନାହିଁ!

### ସୂଚନା କମିଶନଙ୍କୁ ଅପିଲ

**କଟକ,୧୮।୧୨ (ସଂଚାର ବ୍ୟୁରୋ):** ଐତିହ୍ୟ ସହର କଟକର ଭାଇଚାରା ବଜାୟ ରଖିବା ଓ ସମସ୍ତ ପୂଜା ପାର୍ବଣକୁ ଶାନ୍ତି ଶୃଙ୍ଖଳାରେ ସମାପନ କରିବା କଟକ ମହାନଗର ଶାନ୍ତିକମିଟିର ପ୍ରମୁଖ କାମ। ପୂଜା ପୂର୍ବରୁ ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶାନ୍ତିକମିଟି କର୍ମକର୍ତ୍ତାଙ୍କୁ ନେଇ ପ୍ରସ୍ତୁତି ବୈଠକ ହୋଇଥାଏ। ଏହା ସହ ପୂଜାମଣ୍ଡପମାନଙ୍କ ଠାରୁ ବାର୍ଷିକ ସଭ୍ୟ ଚାନ୍ଦା ଆଦାୟ ହୋଇଥାଏ। ହେଲେ ଏ ସଂପର୍କରେ ସୂଚନା ଅଧିକାର ଆଇନରେ ତଥ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଶାନ୍ତିକମିଟିର ବାଇ-ଲ, ଆୟବ୍ୟୟ, ସରକାରୀ ଅନୁଦାନ ଓ ଅନ୍ୟାନ୍ୟ ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର ସାହୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ତଥ୍ୟ ମାଗିଥିଲେ। ତଥ୍ୟ ନ ମିଳିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କୁ ଅପିଲ କରିଥିଲେ। ଜୁଲାଇ ୨୫ରେ ଶୁଣାଣି କରିବା ପାଇଁ ବିଭାଗ ଚିଠି ନଂ-୯୬/୨୦୨୪ରେ ଲିଖିତ ଜଣାଇଥିଲେ। ମାତ୍ର ଅପିଲ ଅର୍ଡର କପି ଓ ତଥ୍ୟ ନ ମିଳିବାରୁ ଡିସେମ୍ବର ୧୭ତାରିଖରେ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଛନ୍ତି। ସୂଚନାର ତଥ୍ୟ ନିଃଶୁଳ୍କ ପ୍ରଦାନ କରିବା ସହ ତଥ୍ୟ ପ୍ରଦାନରେ ଅବହେଳା ଓ ବିଳମ୍ବ କରିଥିବା ଜନସୂଚନା ଅଧିକାରୀଙ୍କ ବିରୁଦ୍ଧରେ ସୂଚନାଅଧିକାର ଆଇନଅନୁଯାୟୀ ୨୫ହଜାର ଟଙ୍କା ଆର୍ଥିକ ଦଣ୍ଡବିଧାନ, ତଥ୍ୟ ପ୍ରଦାନରେ ବିଳମ୍ବ ଯୋଗୁଁ ୨୦ହଜାର ଟଙ୍କା କ୍ଷତିପୂରଣ ଦେବାପାଇଁ ଅପିଲ କରିଛନ୍ତି। ଏହାସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ସୂଚନା ଅଧିକାର ଆଇନକୁ ପୁରାପୁରି ବେଖାତିର କରୁଥିବା ଅଭିଯୋଗ କରିଛନ୍ତି ସୂଚନାଅଧିକାର କର୍ମୀ ଶ୍ରୀ ସାହୁ।

## ଜିଲ୍ଲାପାଳଙ୍କ ଦସ୍ତଖତ ଜାଲ କରି ୫ ବର୍ଷ ପରେ ଧରାପଡ଼ିଲେ ପ୍ରଫେସର

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ପ୍ରାୟ ୫ ବର୍ଷ ପରେ କଟକ ଜିଲ୍ଲାପାଳଙ୍କ ଦସ୍ତଖତ ଜାଲିଆତି ହୋଇଥିବା ଜଣାପଡ଼ିଥିଲା। ଏହା ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆସିଷ୍ଟାଷ୍ଟ ପ୍ରଫେସରଙ୍କ ବିରୋଧରେ ଏତଲା ଦେଲେ କଟକ ଜିଲ୍ଲାପାଳ। ୨୦୧୯ରେ ନିର୍ବାଚନ ସମୟରେ ରେଭେନ୍ସା ବିଶ୍ୱିଦ୍ୟାଳୟର ଓଡ଼ିଆ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ବିଜୟ ଲକ୍ଷ୍ମୀ ଦାଶ ଛୁଟି ପାଇଁ ଆବେଦନ କରିଥିଲେ। ନିର୍ବାଚନ ପାଇଁ କୋଡ୍ ଅଫ୍ କଣ୍ଡକ୍ଟ ଲାଗିଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଜୟଲକ୍ଷ୍ମୀଙ୍କୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କଠାରୁ ଅନୁମତି ଆଣିବାକୁ କହିଥିଲେ। ମାତ୍ର ପ୍ରଫେସର ଦାଶ ଜିଲ୍ଲାପାଳଙ୍କଠାରୁ ଅନୁମତି ନ ଆଣି ତାଙ୍କ ଜାଲ ଦସ୍ତଖତ କରି ଛୁଟିରେ ଯାଇଥିଲେ। ଇତିମଧ୍ୟରେ ୨୦୧୯ ନିର୍ବାଚନ ଯାଇ ୨୦୨୪ ସାଧାରଣ ନିର୍ବାଚନ ସରିଲାଣି। ପ୍ରାୟ ୫ ବର୍ଷ ପରେ ଆସିଷ୍ଟାଣ୍ଟ ପ୍ରଫେସର ବିଜୟ ଲକ୍ଷ୍ମୀ ଦାଶଙ୍କ ବିରୋଧରେ ଥିବା ଅଭିଯୋଗର ଫାଇଲ୍ ଖୋଲିଛି। ଜିଲ୍ଲାପାଳଙ୍କ ଦସ୍ତଖତ ଜାଲ୍ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହା ପରେ କଟକରେ ବର୍ତ୍ତମାନ ଥିବା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଲାଲବାଗ ଥାନାରେ ପ୍ରଫେସରଙ୍କ ନାଁରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଅଧ୍ୟାପିକାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ପ୍ରଦୀପଙ୍କ ନାଁରେ ମାମଲା କରିଥିବା ଆଉ ୩ ଓହରିଲେ

**ବ୍ରହ୍ମପୁର,୧୮।୧୨(ସଂଚାର ବ୍ୟୁରୋ):** ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଠକେଇ ମାମଲାର ଶୁଣାଣି ବୁଧବାର ସ୍ଥାନୀୟ ଜେଏମ୍ଏଫ୍ସି କୋର୍ଟରେ ହୋଇଛି। ତେବେ କିଛି ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଚାପର ବଶବର୍ତ୍ତୀ ହୋଇ ମିଥ୍ୟା ମାମଲା ରୁଜୁ କରିଥିବା ଅଭିଯୋଗକାରୀମାନେ ବୟାନ ରଖିଥିବା ପ୍ରଦୀପଙ୍କ ଓକିଲ ଦୀପକ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଟାଟାରେ ନିଯୁକ୍ତି ଦେବା ନାଁରେ ଠକେଇ ମାମଲା କରାଯାଇଥିଲା। ସାଂସଦ ଆଜି କୋର୍ଟରେ ହାଜର ହୋଇଥିଲେ। ବିଚରଣା ସମୟରେ ବୟାନ ରଖିଥିଲେ ୩ ଅଭିଯୋଗକାରୀ।ପ୍ରଦୀପ ପାଣିଗ୍ରାହୀଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି, ସାଂସଦ ପାଣିଗ୍ରାହୀଙ୍କ ନାଁରେ ଯେଉଁ କେସ ହୋଇଥିଲା ତାହା ଷଡଯନ୍ତ୍ରମୂଳକ ବୋଲି ୩ ଜଣ ଯାକ ସାକ୍ଷୀ କହିଛନ୍ତି। ଜଣେ ସାକ୍ଷୀ କହିଥିଲେ, ତାଙ୍କୁ ଭୟଭୀତ କରାଯାଇ ଗୋଟିଏ କାଗଜରେ ଦସ୍ତଖସ୍ତ କରିବା ପାଇଁ ବାଧ୍ୟ କରାଯାଇଥିଲା। ଆଉ



୨ ଜଣ ସାକ୍ଷୀ ମଧ୍ୟ କହିଥିଲେ ଯେ ସେମାନଙ୍କୁ ବାଧ୍ୟ କରାଯାଇ ଗୋଟିଏ କାଗଜରେ ଦସ୍ତଖତ ନିଆଯାଇଥିଲା। ସେଥିରେ କଣ ଲେଖାଥିଲା ଜାଣିନୁ। ସମସ୍ତ ୫ ଅଭିଯୋଗକାରୀ ଆକାଶ ପାଠକ କିମ୍ବା ଅଭୟ ପାଠକଙ୍କୁ ଚିହ୍ନି ନ ଥିବା କହିଛନ୍ତି। ପ୍ରଦୀପ ପାଣିଗ୍ରାହୀ କହିଛନ୍ତି, ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଯେଉଁ ୫ଟି କେସ ହୋଇଥିଲା ତାହାର ସାକ୍ଷୀ ଗ୍ରହଣ କରାଯାଇଛି।

## ରେଳବାଇ ଚାକିରି ନାଁରେ କୋଟିଏରୁ ଅଧିକ ଟଙ୍କା ଠକେଇ

**କଟକ,୧୮।୧୨ (ସଂଚାର ବ୍ୟୁରୋ):** ରେଳବାଇରେ ଚାକିରି କରାଇଦେବାକୁ କହି ଠକିନେଲେ ଲକ୍ଷାଧିକ ଟଙ୍କା। ଠକେଇରେ ଶିକାର ହୋଇଥିବା ଚିରଞ୍ଜୀବି ରାଉତ କଟକ ବିଡାନାସୀ ଥାନାରେ ଏନେଇ ଏତଲା ଦେଇଛନ୍ତି। ଏତଲା ଓ ପାରିପାର୍ଶ୍ୱିକ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଡାନିଏଲ ରାଜକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ହେଲେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଡାନିଏଲ ରାଜର ମାଆ ସମର୍ପିତା ଚୌଧୁରୀ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ, ବାଲେଶ୍ୱର ଜିଲ୍ଲାର ଏକାଧିକ ଯୁବକଯୁବତୀଙ୍କଠାରୁ ରେଳବାଇରେ ଚାକିରି କରାଇଦେବାକୁ କହି ୩୦ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି ଡାନିଏଲ ଓ ସମର୍ପିତା। ୨୦୨୨ରୁ ଟଙ୍କା ନେଇ ଆଶାୟୀମାନଙ୍କୁ ରେଳବାଇର ନକଲି ଆଇ କାର୍ଡ, ନିଯୁକ୍ତିପତ୍ର ଦେଇଥିଲେ ମାଆ-ପୁଅ।ଏପରିକି ଟଙ୍କା ଦେଇଥିବା ଆଶାୟୀମାନଙ୍କୁ ଟ୍ରେନିଂ ମଧ୍ୟ ଦିଆଯାଇଥିଲା। ରେଳବାଇରେ ଚାକିରି କରାଇଦେବା ନାଁରେ ବିଭିନ୍ନ ଜିଲ୍ଲାର ଆଶାୟୀ ଯୁବକ ଯୁବତୀଙ୍କଠାରୁ ପାଖାପାଖି ୨ କୋଟି ଟଙ୍କା ଠକେଇ ହୋଇଛି। ଠକ ଗ୍ୟାଙ୍ଗରେ ସମର୍ପିତା ଚୌଧୁରୀ ଓ ଡାନିଏଲ ରାଜ ବ୍ୟତୀତ ଆହୁରି ଏକାଧିକ ଅଭିଯୁକ୍ତ ସାମିଲ ଥିବା ଅଭିଯୋଗକାରୀ କହିଛନ୍ତି। ଏମାନେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଟଙ୍କା ଫେରସ୍ତ କରିବାକୁ କହିଥିଲେ। କିନ୍ତୁ ସେମାନଙ୍କୁ ମାରିଦେବାକୁ ଧମକ ମିଳୁଥିବା ଅଭିଯୋଗକାରୀ କହିଛନ୍ତି। ଅତିରିକ୍ତ ଡିସିପି କହିଛନ୍ତି ଯେ ଡାନିଏଲ ବିରୋଧରେ ସମସ୍ତ ପ୍ରମାଣ ମିଳିଛି।

# ମାଗଣା ଚାଉଳ: ୨୫ ପ୍ରତିଶତ ବାଟମାରଣା

**ଭୁବନେଶ୍ୱର,୧୮।୧୨:** ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶାକୁ ମିଳୁଥିବା ଚାଉଳରୁ ପାଖାପାଖି ୨୫ ପ୍ରତିଶତ ବାଟମାରଣା ହେଉଥିବା ଜଣାପଡିବାପରେ ପ୍ରକୃତି ହିତାଧିକାରୀଙ୍କୁ ତନଖି କରି ଜାଲ୍ ହିତାଧିକାରୀଙ୍କୁ ବାଦ୍ ଦେବାପାଇଁ ଜୋରଦାର ଉଦ୍ୟମ ଚାଲିଛି। ଫଳରେ ଅଯୋଗ୍ୟ ହିତାଧିକାରୀଙ୍କ ସ୍ଥାନରେ ଆଉ ନୂଆ ଯୋଗ୍ୟ ହିତାଧିକାରୀ ଯୋଡି ହେବେ। ଇଣ୍ଡିଆନ କାଉନ୍ସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନେସନାଲ ଅନ୍ ଇକୋନୋମିକ୍ ରିଲେସନ୍ସର ରିପୋର୍ଟ ମୁତାବକ କେବଳ ଓଡ଼ିଶା କାହିଁକି ସାରା ଦେଶରେ ଏଭଳି ଲୁଟ୍ ଚାଲିଛି । ଜାତୀୟ ସ୍ତରରେ ୨୮ ପ୍ରତିଶତ ମାଗଣା ଚାଉଳ ଓ ଗହମ ଲୁଟ୍ ହେଉଥିବାବେଳେ ଓଡ଼ିଶାରେ ଏହାର ପରିମାଣ ୨୪.୭ ପ୍ରତିଶତ ବୋଲି କୁହାଯାଉଛି। ଏହି ରିପୋର୍ଟର ତଥ୍ୟ ମୁତାବକ ୨୦୨୨-୨୩ ବର୍ଷରେ ଓଡ଼ିଶାକୁ ୨.୮୨ ନିୟୁତ ଟନ୍ ଶସ୍ୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଆଧାରରେ ମିଳିଥିଲା। ଏଥିରୁ ୨.୧୩ ନିୟୁତ ଟନ୍ ଚାଉଳ ହିତାଧିକାରୀଙ୍କ ନିକଟକୁ ଯାଇଥିବାବେଳେ



ଆଉ ୭ଲକ୍ଷ ଟନ୍ ଖାଦ୍ୟଶସ୍ୟ ବାଟମାରଣା ହୋଇଛି।

ସରକାରୀ ତଥ୍ୟ ମୁତାବକ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅଧିନରେ ଓଡ଼ିଶାରେ ୯୨,୬୬,୪୯୧ ପରିବାରର ୩,୨୫,୯୩,୮୭୫ ହିତାଧିକାରୀ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ପାଉଥିବାବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩,୧୫,୨୩୭ ପରିବାରର ୧୦,୦୨,୧୪୪ ହିତାଧିକାରୀଙ୍କୁ ମାଗଣା ଚାଉଳ ବଣ୍ଟା ଯାଉଥିବା କୁହାଯାଉଛି । ଏହି ଯୋଜନାରେ ମୁଣ୍ଡପିଛା ମାସିକ ୫ କିଲୋ କରି ମାଗଣା ଚାଉଳ ଦିଆଯାଇଥାଏ। ଏହାଛଡା ଅନ୍ନପୂର୍ଣ୍ଣା ଯୋଜନାରେ ପରିବାର ପିଛା ମାସିକ ୩୫ କିଲୋ କରି ମାଗଣା ଚାଉଳ ମିଳିଥାଏ।

ମାଗଣା ଚାଉଳ ପାଇଁ ରାଜକୋଷରୁ କିଲୋପିଛା

> ଜାତୀୟ ସ୍ତରରେ ୨୮, ଓଡ଼ିଶାରେ ୨୪.୭ %

ହାରାହାରି ୪୦ଟଙ୍କା କରି ଖର୍ଚ୍ଚ ହେଉଛି। ଏ ପରିପ୍ରେକ୍ଷୀରେ ୭ଲକ୍ଷ ମେଟ୍ରିକ ଟନ୍ ଚାଉଳ ବାଟମାରଣା ହୋଇଥିବା ଘେନି ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହାର ଦାମ୍ ୨୮୦୦ କୋଟି ଟଙ୍କା ହେବ । ଗରିବ ଲୋକଙ୍କ ରାଜକୋଷରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦିଆଯାଉଥିବା ଚାଉଳରୁ ବାର୍ଷିକ ୨୮୦୦ କୋଟି ଟଙ୍କା ଲୁଟିହେବା ଘଟଣାକୁ ସହଜରେ ସରକାରୀକଳ ଗ୍ରହଣ କରିପାରୁନାହିଁ । ଜାତୀୟ ସ୍ତରରେ ଏହି ଯୋଜନାରେ ଯେତେ ଚାଉଳ ଗହମ ହିତାଧିକାରୀଙ୍କୁ ନଦେଇ ଲୁଟ୍ ହେଉଛି ତାହାର ପରିମାଣ ପାଖପାଖି ୭୦,୦୦୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। କେନ୍ଦ୍ର ସରକାରଙ୍କ ତଥ୍ୟ ମୁତାବକ ୨୦୨୯ ପର୍ଯ୍ୟନ୍ତ ୮୧କୋଟି ୩୫ଲକ୍ଷ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ଓ ଗହମ ଯୋଗାଇ ଦିଆଯିବାର ବ୍ୟବସ୍ଥା ଅଛି। ଏ ବାବଦରେ ୫ବର୍ଷରେ ୧୧ଲକ୍ଷ ୮୦ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ତେବେ କେନ୍ଦ୍ର ସରକାର ଯେଉଁ ୱାନ ନେସନ, ୱାନ ରାସନ ସହିତ ପଡିକାର୍ଡ ଯାଞ୍ଚ ପାଇଁ ଇ-କେୱାଇସି ବ୍ୟବସ୍ଥା କରୁଛନ୍ତି ସେଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଲକ୍ଷ ଲକ୍ଷ ଜାଲ୍ ହିତାଧିକାରୀ କଟିଯିବା ସମ୍ଭାବନା ରହିଛି । (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ନୂଆବର୍ଷରେ ମହଙ୍ଗା ହେବ ସ୍କୋଡା ଗାଡ଼ି

**ଭୁବନେଶ୍ୱର, ୧୮/୧୨:** ପ୍ରମୁଖ ଅଟୋ ନିର୍ମାତା ସ୍କୋଡା ଅଟୋ ଇଣ୍ଡିଆ ନୂଆବର୍ଷରୁ ଏହାର ସମସ୍ତ ରେଞ୍ଜ୍ ଉତ୍ପାଦଗୁଡ଼ିକ ଦରରେ ୩% ପର୍ଯ୍ୟନ୍ତ ଦରବୃଦ୍ଧି କରିବ। କୁଶାକ, ସ୍ଲାଭିଆ, ସୁପର୍ବ ଏବଂ କୋଡିଆକ୍ ସମେତ କମ୍ପାନିର ସମଗ୍ର ପୋର୍ଟଫୋଲିଓରେ ଏହି ଦରବୃଦ୍ଧି ହେବ ବୋଲି କମ୍ପାନି ଘୋଷଣା କରିଛି। ତେବେ ନିକଟରେ ବଜାରକୁ ଆସିଥିବା କାଇଲାକ୍ ଦରରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ୩୩,୩୩୩ ସଂଖ୍ୟକ ବୁକିଂ ମାଇଲ୍‌ଖୁଣ୍ଟ ନ ଛୁଇଁବା ଯାଏ କାଇଲାକ୍ ଦର ବଢ଼ିବ ନାହିଁ। ଉତ୍ପାଦନ ଖର୍ଚ୍ଚ ଏବଂ ପରିଚାଳନାଗତ ବ୍ୟୟ ବଢ଼ିବା ଫଳରେ କମ୍ପାନି ଏହି ଦରବୃଦ୍ଧି କରିବାକୁ ବାଧ୍ୟ ହେଉଥିବା ପ୍ରକାଶ କରିଛି। ଗ୍ରାହକଙ୍କୁ ଉଚ୍ଚମାନର, ପ୍ରିମିୟମ ଯାନ ଏବଂ ସେବା ପ୍ରଦାନ କରିବା କମ୍ପାନିର ଲକ୍ଷ୍ୟ ବୋଲି ଏହା କହିଛି। ଘରୋଇ ବଜାର ଅଭିବୃଦ୍ଧିରେ କାଇଲାକ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କମ୍ପାନି କହିଛି। ଭାରତୀୟ ଗ୍ରାହକଙ୍କ ପରିବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଦିଗରେ କମ୍ପାନି ଏଭଳି ଏକ କାର୍ଯ୍ୟପନ୍ଥା ଗ୍ରହଣ କରିଛି। ନୂଆ ମଡେଲଟିରେ ଗ୍ରାହକ ସ୍କୋଡାର ଡିଜାଇନ ଲାଙ୍ଗୁଏଜ ଏବଂ ନିରାପତ୍ତା ସିଷ୍ଟମ ଏବଂ ଡ୍ରାଇଭିଂ ଡାଇନାମିକ୍ସ ଲାଭ କରିପାରିବେ। ମୂଲ୍ୟ ଦୃଷ୍ଟିକୋଣରୁ ଏହି ଏସ୍‌ୟୁଭି ମଡେଲଟି ଭାରତୀୟ ଗ୍ରାହକଙ୍କ ଲାଗି ୪ ମିଟର ମଧ୍ୟରେ ବ୍ରାଣ୍ଡ୍‌କୁ ଦୃଢ଼ କରିବ ବୋଲି କମ୍ପାନି ଆଶା ରଖିଛି। କାଇଲାକ୍ ସହ କମ୍ପାନି ୨୦୨୬ ବେଳକୁ ୧ ଲକ୍ଷ ୟୁନିଟ ବିକ୍ରି ଲକ୍ଷ୍ୟ ହାସଲ କରିବାକୁ ଯୋଜନା ରଖିଛି। ଗତ ୨ ବର୍ଷରେ କମ୍ପାନି ୧ ଲକ୍ଷ ବିକ୍ରି ମାଇଲ ଖୁଣ୍ଟ ଛୁଇଁଛି। ୧୫୦ରୁ ଊର୍ଦ୍ଧ୍ୱର୍ ସହରରେ ୨୬୦ କଷ୍ଟମର ଟଚ୍ ପଏଣ୍ଟ ସହ ଏହା ସେବା ଯୋଗାଣ ଧାରା ଜାରି ରଖିଛି। ଗ୍ରାହକ ସନ୍ତୁଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ମିଳିଥିବା କମ୍ପାନି ପକ୍ଷରୁ ପ୍ରକାଶ।




## ନିବେଶକ ହରାଇଲେ ୨ ଲକ୍ଷ କୋଟି



**ମୁମ୍ବାଇ,୧୮।୧୨:** ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀର ପ୍ରଭାବ ସିଧାସଳଖ ଭାରତୀୟ ଷ୍ଟକ୍ ମାର୍କେଟ କାରବାର ଉପରେ ପଡୁଛି। ଏପରିକି କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଫଳରେ ନିବେଶକ ଲକ୍ଷାଧିକ ଟଙ୍କାର ନିବେଶ ହରାଉଥିଲାବେଳେ ପୁଞ୍ଜିବଜାରର ପରିମାଣରେ ମଧ୍ୟ ହ୍ରାସ ଘଟୁଛି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସ ଆରମ୍ଭରୁ ବଜାର ତଳମୁହାଁ ହୋଇ ରହିଥିଲାବେଳେ କାର୍ଯ୍ୟଦିବସ ଶେଷ ସୁଦ୍ଧା ଉଭୟ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର କାରବାରରେ ବଡ଼ ଧରଣର ହ୍ରାସ ଘଟିଥିଲା। ଫଳରେ ଦିନକ ମଧ୍ୟରେ ଶେୟାର ବଜାରର ନିବେଶକମାନେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କା(୨.୩୩ ଲକ୍ଷ କୋଟି)ର ନିବେଶ ହରାଇଛନ୍ତି। ସେହିଭଳି ବିଏସ୍‌ଇ ସେନ୍‌ସେକ୍ସର କାରବାରେ ୧୦୬୪.୧୨ ପଏଣ୍ଟ ହ୍ରାସ ଘଟି ୮୦,୬୮୪.୪୫ ଅଙ୍କରେ ଥିଲାବେଳେ ନିଫ୍ଟି ୧.୩୫% କମି ୨୪,୩୩୬ ଅଙ୍କରେ ପହଞ୍ଚିଛି। ଏପରିକି ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ ଓ ସ୍ମଲ୍‌କ୍ୟାପ କାରବାରରେ ୦.୫% ହ୍ରାସ ଘଟିଛି। ଅପରପକ୍ଷରେ ନିଫ୍ଟି ମିଡ୍‌କ୍ୟାପର କାରବାର ୩୪୧.୧୫ ପଏଣ୍ଟ କମି ୫୯,୧୦୧.୯୦ ଅଙ୍କରେ ଥିଲାବେଳେ ନିଫ୍ଟି ସ୍ମଲକ୍ୟାପ ୦.୮୪% ହ୍ରାସ ଘଟି୧୯୨୯୯.୬୦ ଅଙ୍କରେ କାରବାର ବନ୍ଦ କରିଥିଲା। ଏପରିକି ନିଫ୍ଟି ବ୍ୟାଙ୍କ ୧.୩୯% ହ୍ରାସ ଘଟି ୫୨,୮୩୪.୮୦ ଅଙ୍କରେ ରହିଥିଲା।

## ଆସିବ ନୂଆ 'ଡୁ ନଟ୍ ଡିଷ୍ଟର୍ବ' ଆପ୍ଅ
### ବାଞ୍ଛିତ କଲ୍, ମେସେଜ୍ ରୋକିବା ସହଜ ହେବ



**ନୂଆଦିଲ୍ଲୀ, ୧୮।୧୨:** କଲ୍ ଓ ମେସେଜ୍ ଜରିଆରେ ବ୍ୟାପକ ଠକେଇ ହେଉଥିବାରୁ ଚିନ୍ତିତ ହୋଇପଡ଼ିଥିବା ଲୋକମାନଙ୍କୁ ଆଶ୍ୱସ୍ତ କରିବା ଲାଗି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଆଗେଇ ଆସିଛି। ଏହା ଏକ ନୂଆ 'ଡୁ ନଟ୍ ଡିଷ୍ଟର୍ବ' ଆପ୍ ବିକାଶ କରୁଛି ଯାହା ଆସନ୍ତା ବର୍ଷ ସୁଦ୍ଧା ଉପଲବ୍ଧ ହେବ। ଏହି ଆପ୍ ଜରିଆରେ ଅବାଞ୍ଛିତ କଲ୍ ଓ ଏସ୍‌ଏମ୍‌ଏସ୍‌ଗୁଡ଼ିକୁ ସହଜରେ ଅଟକାଇ ହେବ। ନୂଆ ଆପ୍ ସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସୁବିଧା ଯୋଡ଼ିବାର ରହିଥିବା ସମ୍ଭାବନାଗୁଡ଼ିକୁ ଅନୁସନ୍ଧାନ କରିବା ଲାଗି ଟ୍ରାଇ ପକ୍ଷରୁ ସମସ୍ତ ଅଂଶୀଦାରମାନଙ୍କୁ କୁହାଯାଇଛି। ସେମାନେ ଆପ୍‌ର ମୂଲ୍ୟାଙ୍କନ କରିବାର ଦୁଇ ମାସ ମଧ୍ୟରେ ଯୋଜନା ଅନୁସାରେ ଆପ୍‌କୁ ଲୋକଙ୍କ ପାଇଁ ଉପଲବ୍ଧ କରାଯିବ। ଠକେଇ ଉଦ୍ଦେଶ୍ୟରେ ଆସୁଥିବା କଲ୍ ଓ ମେସେଜ୍‌ଗୁଡ଼ିକୁ ରୋକିବା ଲାଗି ଏଆଇ ବ୍ୟବସ୍ଥା ଲାଗୁ କରିବାକୁ ଟେଲିକମ୍ କମ୍ପାନିଗୁଡ଼ିକୁ କୁହାଯାଇଛି। ସେମାନେ ଏହି ବ୍ୟବସ୍ଥା ଆରମ୍ଭ କରିବା ପରଠାରୁ ୧୮ ଲକ୍ଷରୁ ଅଧିକ ମୋବାଇଲ୍ ନମ୍ବର ଓ ୮୦୦ରୁ ଅଧିକ ସଂସ୍ଥାକୁ ବ୍ଲକ୍ କରାଯାଇଛି। ନେଟ୍‌ୱର୍କ ସ୍ତରରେ ଏଆଇ ବ୍ୟବହାର କରି ଟେଲିକମ୍ କମ୍ପାନିଗୁଡ଼ିକ ଏଭଳି ଠକେଇ କଲ୍ ଓ ମେସେଜ୍‌କୁ ଅଟକାଉଛନ୍ତି। ଡୁ ନଟ୍ ଡିଷ୍ଟର୍ବ ଆପ୍ ଆସିବା ପରେ ତାହା ଗ୍ରାହକମାନଙ୍କୁ ଆହୁରି ସଶକ୍ତ କରିବ। ସେମାନେ ଅନାବଶ୍ୟକ ବାଣିଜ୍ୟିକ କଲ୍ ଓ ଏସ୍‌ଏମ୍‌ଏସ୍‌ଗୁଡ଼ିକୁ ଅଟକାଇ ପାରିବେ। ୨୦୧୬ରେ ପ୍ରଥମ ଡୁ ଟନ୍ ଡିଷ୍ଟର୍ବ ଆପ୍ ଆରମ୍ଭ ହୋଇଥିଲା। କିନ୍ତୁ ଗ୍ରାହକମାନଙ୍କ ମଧ୍ୟରେ ତାହାର ଗ୍ରହଣୀୟତା ସୀମିତ ରହିଛି। ସେଥିରେ ଉନ୍ନତି ଆଣି ଓ ଅଧିକ ସୁବିଧା ଉପଲବ୍ଧ କରି ଆପ୍‌କୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାକୁ ଟ୍ରାଇ ଲକ୍ଷ୍ୟ ରଖିଛି।

## ଖୁବ ଶୀଘ୍ର ଲଞ୍ଚ ହେବ ରୟାଲ ଇନ୍‌ଫିଲ୍ଡର ୩ ବାଇକ୍

**ନୂଆଦିଲ୍ଲୀ, ୧୮।୧୨:** ଭାରତୀୟ ଗ୍ରାହକଙ୍କ ମଧ୍ୟରେ ରୟାଲ୍ ଏନଫିଲ୍ଡ ବାଇକ୍ ବେଶ୍ ଲୋକପ୍ରିୟ ଏବଂ ଏହାର ବେଶ ଚାହିଦା ମଧ୍ୟ ରହିଛି। ଏଥିରେ ରୟାଲ୍ ଏନଫିଲ୍ଡ କ୍ଲାସିକ୍ ଠାରୁ ବୁଲେଟ୍ ପର୍ଯ୍ୟନ୍ତ ଅନେକ ବାଇକ୍ ର ନାମ ସାମିଲ ରହିଛି। ଯଦି ଆପଣ ଏକ ନୂତନ ରୟାଲ୍ ଏନଫିଲ୍ଡ ମୋଟରସାଇକେଲ୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଆପଣଙ୍କୁ ଟିକେ ଅପେକ୍ଷା କରିବାକୁ ପଡିବ କାରଣ ଖୁବ୍ ଶୀଘ୍ର ୩ ଟି ନୂଆ ରୟାଲ୍ ଏନଫିଲ୍ଡ ବାଇକ୍ ଭାରତୀୟ ବଜାରରେ ଏଣ୍ଟ୍ରି କରିବାକୁ ଯାଉଛି। ଆସନ୍ତୁ ଜାଣିବା ରୟାଲ୍ ଏନଫିଲ୍ଡର ସେହି ବାଇକ୍ ବିଷୟରେ।

**ରୟାଲ ଇନ୍‌ଫିଲ୍ଡ କ୍ଲାସିକ ୬୫୦:** କମ୍ପାନୀର ସର୍ବାଧିକ ବିକ୍ରି ହେଉଥିବା ମୋଟରସାଇକେଲ କ୍ଲାସିକ୍ 350 ର ସଫଳତା ପରେ କମ୍ପାନୀ ବର୍ତ୍ତମାନ ଭାରତୀୟ ବଜାରରେ କ୍ଲାସିକ୍ ୬୫୦ ଲଞ୍ଚ କରିବାକୁ ପ୍ଲାନ୍ କରୁଛି। ଖବର ଅନୁଯାୟୀ, ଆଗାମୀ ରୟାଲ୍ ଏନଫିଲ୍ଡ କ୍ଲାସିକ୍ ୬୫୦ ରେ ଏହାର ପାୱାର୍ ଟ୍ରେନ୍ ଭାବରେ ୬୪୮cc ପାରାଲାଲ୍ ଟ୍ୱିନ୍ ଇଞ୍ଜିନ୍ ରହିବ। ଏହା ସର୍ବାଧିକ ୪୭.୪ ବିଏଚପି ଏବଂ ପିକ୍ ଟର୍କ ୫୨.୪ଏନଏମ ଜେନେରେଟ କରିବାରେ ସକ୍ଷମ। ମିଡିଆ ରିପୋର୍ଟ ଅନୁଯାୟୀ, ରୟାଲ୍ ଏନଫିଲ୍ଡ ୨୦୨୫ ର ପ୍ରଥମ ଥାର୍ଡ଼ କ୍ୱାର୍ଟରରେ କ୍ଲାସିକ୍ ୬୫୦ ଲଞ୍ଚ କରିପାରେ।

**ରୟାଲ ଇନ୍‌ଫିଲ୍ଡ ବୁଲେଟ୍ ୬୫୦:** ଖୁବ୍ ଶୀଘ୍ର ରୟାଲ୍ ଏନଫିଲ୍ଡ ଦ୍ୱାରା ବୁଲେଟ୍ ୬୫୦ ମଧ୍ୟ ଲଞ୍ଚ କରାଯାଇପାରିବ। କମ୍ପାନୀ ଦ୍ୱାରା ଦିଆଯାଇଥିବା ଏହି ମୋଟରସାଇକେଲରେ ଆପଣ ଅନେକ ଦମଦାର ଫିଚର୍ସ ପାଇବାକୁ ଯାଉଛନ୍ତି। ଭାରତୀୟ ରାସ୍ତାରେ ଟେଷ୍ଟିଙ୍ଗ ସମୟରେ ରୟାଲ୍ ଏନଫିଲ୍ଡ ବୁଲେଟ୍ ୬୫୦ ଅନେକ ଥର ଦେଖିବାକୁ ମିଳିଛି। ରୟାଲ୍ ଏନଫିଲ୍ଡ ବୁଲେଟ୍ ୬୫୦ ଲୋକପ୍ରିୟ ୬୪୮cc ଟ୍ୱିନ୍-ସିଲିଣ୍ଡର ଇଞ୍ଜିନ ସହିତ ଯୋଗାଇ ଦିଆଯିବାର ସମ୍ଭାବନା ଅଛି।

**ରୟାଲ ଇନ୍‌ଫିଲ୍ଡ ହିମାଳୟନ ୬୫୦:** ଯଦି ଆପଣ ଏକ ନୂତନ ରୟାଲ୍ ଏନଫିଲ୍ଡ ବାଇକ୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ହିମାଳୟନ ୬୫୦ ମଧ୍ୟ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ ହୋଇପାରେ। ଆସନ୍ତା ବର୍ଷର ଉତ୍ସବ ଋତୁରେ ଏହି ବାଇକ୍ ଲଞ୍ଚ ହୋଇପାରିବ।



ହିମାଳୟନ ୬୫୦ ଇଣ୍ଟରସେପ୍ଟରର ଟ୍ରେଲିସ୍ ଫ୍ରେମ୍ ଉପରେ ଆଧାରିତ ହେବାକୁ ଯାଉଛି। ଏପରି ପରିସ୍ଥିତିରେ, ଆପଣ ଆଗାମୀ ସମୟରେ ଏହି ତିନୋଟି ବାଇକ୍ ମଧ୍ୟରୁ ଯେକୌଣସି ଗୋଟିଏ କିଣିବାକୁ ପ୍ଲାନ୍ କରିପାରିବେ।

## ଇମ୍ଫା-ଜେଏସ୍‌ଡବ୍ଲୁ ଗ୍ରିନ୍ ଏନର୍ଜି ବୁଝାମଣା
### ସୌର, ପବନ ଶକ୍ତିରେ ନିବେଶ



**ଭୁବନେଶ୍ୱର, ୧୮।୧୨:** ଇଣ୍ଡିଆନ୍ ମେଟାଲ୍‌ସ ଆଣ୍ଡ୍ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା) ଏହାର ସ୍ମେଲଟର ଲାଗି ଅକ୍ଷୟ ଶକ୍ତି ସଂଗ୍ରହ କରିବା ନିମନ୍ତେ ଜେଏସ୍‌ଡବ୍ଲୁ ଏନର୍ଜି ସହ ଏକ ଯୌଥ ଉଦ୍ୟୋଗ ଘୋଷଣା କରିଛି। ଇମ୍ଫା ପକ୍ଷରୁ ଜେଏସ୍‌ଡବ୍ଲୁ ଗ୍ରିନ୍ ଏନର୍ଜି ୱାନ୍ ଲିମିଟେଡ୍ ଓ ଜେଏସ୍‌ଡବ୍ଲୁ ଗ୍ରିନ୍ ଏନର୍ଜି ସେଭେନ୍ ଲିମିଟେଡ୍ ସହିତ ରାଜିନାମା ସ୍ୱାକ୍ଷର କରାଯାଇଛି। ଏହା ୫୦ ମେଗାୱାଟ୍‌ର ସୌର ଓ ୧୦୦ ମେଗାୱାଟ୍‌ର ପବନ ଶକ୍ତି ପ୍ରକଳ୍ପରେ ୮୩.୨୬ କୋଟି ଟଙ୍କା ନିବେଶ କରିବ। ଏଥି ସହିତ ଇମ୍ଫା ପକ୍ଷରୁ ନିଜସ୍ୱ ବ୍ୟବହାର ଲାଗି ୨୫ ବର୍ଷିଆ ଅବଧିର ଏକ ବିଦ୍ୟୁତ୍ ଶକ୍ତି କ୍ରୟ ରାଜିନାମା ସ୍ୱାକ୍ଷର କରାଯିବ। ଇମ୍ଫା ପକ୍ଷରୁ ଯାଜପୁରର କଳିଙ୍ଗନଗରଠାରେ ବାର୍ଷିକ ୧,୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ଏକ ନୂଆ କାରଖାନା ସ୍ଥାପନ କରାଯାଉଛି। ଏହା କମ୍ପାନିର ଫେରୋକ୍ରୋମ୍ ଉତ୍ପାଦନ କ୍ଷମତାକୁ ବଢ଼ାଇବ। ଏହି ରାଜିନାମା ସମ୍ପର୍କରେ କମ୍ପାନିର ଉପସଭାପତି ବିନୟ ଅଗ୍ରୱାଲ୍ କହିଛନ୍ତି ଯେ କାର୍ବନ ଫୁଟ୍‌ପ୍ରିଣ୍ଟ କମ୍ କରିବା ଲାଗି ଅକ୍ଷୟ ଶକ୍ତି ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୌର ଓ ପବନ ଶକ୍ତିର ମିଶ୍ରଣ ସହ ଆମେ ଏକ ସବୁଜ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛୁ ବୋଲି ସେ କହିଛନ୍ତି।

## 'ରିଓନ୍'ର ନେଟ୍‌ୱର୍କ ସମ୍ପ୍ରସାରଣ

**ନୂଆଦିଲ୍ଲୀ,୧୮।୧୨:** ରୟାଲ ଏନ୍‌ଫିଲ୍ଡ (ଆର୍‌ଇ)ର ପ୍ରି-ଓନ୍‌ଡ ମୋଟରସାଇକେଲ ବ୍ୟବସାୟ 'ରିଓନ୍'ର ନେଟ୍‌ୱର୍କ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତର ୨୩୬ ସହରର ଗ୍ରାହକ ଓ ଆର୍‌ଇ ଉତ୍ସାହୀମାନେ ବର୍ତ୍ତମାନ ସହଜରେ ନିଜର ବିଦ୍ୟମାନ ମୋଟରସାଇକେଲଗୁଡିକୁ ବିକ୍ରି ଏବଂ ରୟାଲ ଏନ୍‌ଫିଲ୍ଡର




ଉତ୍ସାହଜନକ ଶୃଙ୍ଖଳାରୁ ନୂଆ ରାଇଡ୍‌କୁ ମଧ୍ୟ କିଣିପାରିବେ। ପ୍ରି-ଓନ୍‌ଡ ରୟାଲ ଏନ୍‌ଫିଲ୍ଡ ଯାନଗୁଡିକୁ କ୍ରୟ ଓ ବିକ୍ରି କରିବା ପାଇଁ ଏକ ସ୍ୱଚ୍ଛ ପ୍ଲାଟ୍‌ଫର୍ମ ରିଓନ୍‌କୁ ୨୦୨୩ ରେ କିଛି ନିର୍ଦ୍ଦିଷ୍ଟ ସହରରେ ଶୁଭାରମ୍ଭ କରାଯାଇଥିଲା। ବର୍ତ୍ତମାନ ଗ୍ରାହକଙ୍କ ପାଇଁ ରିଓନ୍ ଭାରତର ୨୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୩୬ଟି ସହରରେ ରୟାଲ ଏନ୍‌ଫିଲ୍ଡର ୪୭୫ ଡିଲରଶିପ ମାଧ୍ୟମରେ ଉପଲବ୍ଧ। ନେଟ୍‌ୱର୍କ ସମ୍ପ୍ରସାରଣ ବ୍ୟତୀତ ରୟାଲ ଏନ୍‌ଫିଲ୍ଡ ରିଓନ୍‌ର ଆର୍‌ଇ-ଟୁ-ଆର୍‌ଇ-ଏକ୍ସଚେଞ୍ଜଗୁଡିକ ମାଧ୍ୟମରେ ଏକ ପ୍ରି-ଓନ୍‌ଡ ରୟାଲ ଏନ୍‌ଫିଲ୍ଡ ମୋଟରସାଇକେଲରୁ ଏକ ନୂଆ ମୋଟରସାଇକେଲକୁ ଅପ୍‌ଗ୍ରେଡ୍ ହେବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏକ୍ସଚେଞ୍ଜ ଲାଭ ସହ ଏହାର ପ୍ରଥମ ଲୟାଲିଟ ପ୍ରୋଗ୍ରାମର ଶୁଭାରମ୍ଭ କରିଛି। ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ସିଓଓ ଯଦ୍‌ବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ଆମେ ରାଇଡିଂ ଉତ୍ସାହୀମାନଙ୍କୁ ଏକ ରୟାଲ ଏନ୍‌ଫିଲ୍ଡର ମାଲିକ ହେବାର ଆନନ୍ଦ ପ୍ରଦାନ କରିବା ପାଇଁ ନିରନ୍ତର ଭାବେ ଉଦ୍ଭାବନ କରୁଛୁ। କେବଳ କିଛି ନିର୍ଦ୍ଦିଷ୍ଟ ସହରରୁ ଆରମ୍ଭ ହୋଇଥିବା ଏହି ସେବା ୧ ବର୍ଷ ମଧ୍ୟରେ ଦେଶର ୨୩୬ଟି ସହରକୁ ରିଓନ୍‌ର ସମ୍ପ୍ରସାରଣ ହୋଇପାରିଛି। ଏପରିକି ପ୍ରଥମ ହେଉ କିମ୍ବା ଅପ୍‌ଗ୍ରେଡ୍ ଗ୍ରାହକମାନଙ୍କୁ ଏକ ରୟାଲ ଏନ୍‌ଫିଲ୍ଡ କ୍ରୟ କରିବାର ବାଧାହୀନ ଓ ସ୍ୱଚ୍ଛ ମାଧ୍ୟମ ପ୍ରଦାନ କରିବା ପାଇଁ ଆମର ପ୍ରତିଶ୍ରୁତିର ବିସ୍ତାର ହୋଇପାରିଛି। ସେହିଭଳି ରିଓନ୍ ଉଭୟ ଇନ୍-ଷ୍ଟୋର ଓ ଅନ୍‌ଲାଇନ ବିକଳ୍ପ ପ୍ରଦାନ କରୁଛି, ଯାହା ଏହାକୁ ଗ୍ରାହକଙ୍କ ପାଇଁ ନିଜର ପୁରୁଣା ରୟାଲ ଏନ୍‌ଫିଲ୍ଡ ମୋଟରସାଇକେଲକୁ କ୍ରୟ, ବିକ୍ରୟ ଓ ଏକ୍ସଚେଞ୍ଜ କରିବା ସହଜ କରୁଛି। ଏପରିକି ସେଲରମାନେ ଏକ ଅନ୍‌ଲାଇନ ଫର୍ମ ପୂରଣକରି ଯେକୌଣସି ସ୍ଥାନରେ ନିଜର ମୋଟରସାଇକେଲ ପାଇଁ ଏକ ମାଗଣା ଯାଞ୍ଚ ସମୟ ଧାର୍ଯ୍ୟ କରିପାରିବେ। ରିଓନ୍ ନନ୍-ଆର୍‌ଇ ମୋଟରସାଇକେଲଗୁଡିକର ଏକ୍ସଚେଞ୍ଜକୁ ସୁଗମ କରିବା ପାଇଁ ଆଡ୍ରଏଟ ଅଟୋ, ଏସ୍‌ଏମ୍‌ଆଇଏଲ୍ ଓ ଇନ୍‌ଷ୍ଟାବିଡ୍ ସହ ସହଭାଗିତା କରିଛି। ସେହିପରି ରିଓନ୍‌ରେ ତାଲିକାଭୁକ୍ତ ପ୍ରତ୍ୟେକ ମୋଟରସାଇକେଲ ରୟାଲ ଏନ୍‌ଫିଲ୍ଡ ଦ୍ୱାରା ସାର୍ଟିଫାଏଡ୍ ଏବଂ ଏହା ୨୦୦ରୁ ଅଧିକ ଟେକ୍ନିକାଲ ଓ ମେକାନିକାଲ ଯାଞ୍ଚର ସମ୍ମୁଖୀନ ହୋଇଥାଏ। ଏଥିସହ ଏଗୁଡ଼ିକୁ ଅଥୋରାଇଜ୍‌ଡ ରୟାଲ ଏନ୍‌ଫିଲ୍ଡ ସର୍ଭିସ ସେଣ୍ଟରଗୁଡିକରେ ଜେନୁଇନ ପାର୍ଟସର ବ୍ୟବହାରକରି ରିଫର୍ବିଶ କରାଯାଇଥାଏ। ଏହି ମୋଟରସାଇକେଲଗୁଡିକ ୧୨ମାସର ବ୍ରାଣ୍ଡ ୱାରେଣ୍ଟି ଏବଂ ଦୁଇଟି ମାଗଣା ସର୍ଭିସ୍ ସହ ଆସୁଛି।

## ଜୟଆଲୁକ୍କାସ୍‌ର ଏନ୍‌ଆର୍‌ଆଇ ସୁନା ଫେଷ୍ଟ

Joyalukkas
World's favourite jeweller
www.joyalukkas.com

**ଭୁବନେଶ୍ୱର,୧୮।୧୨:** ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ୍ ଜୟଆଲୁକ୍କାସ ଜୁଏଲର୍ସର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏନ୍‌ଆର୍‌ଆଇ ସୁନା ଫେଷ୍ଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଫେଷ୍ଟ ୨୦୨୫ ଜାନୁଆରୀ ୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ରିହାତି ଅଫର ସହ ପୁରୁଣା ସୁନା ଉପରେ ପ୍ରତି ଗ୍ରାମ ପିଛା ୫୦ ଟଙ୍କାର ଅତିରିକ୍ତ ସୁବିଧା ସହ ଅନକଟ ହୀରା ଏବଂ ମୂଲ୍ୟବାନ୍ ପଥରର ମେକିଂ ଚାର୍ଜ ଉପରେ ଫ୍ଲାଟ ୨୫% ରିହାତି ଏବଂ ସେମାନଙ୍କ ପଥର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ଏହି ଫେଷ୍ଟ ସମୟ ମଧ୍ୟରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ କହିଛନ୍ତି, ଉତ୍ସବକାଳୀନ ସମୟଗୁଡ଼ିକରେ ନୂଆ ନୂଆ ସ୍ମୃତି ସୃଷ୍ଟି କରିବା ପାଇଁ ଆକର୍ଷଣୀୟ ରିହାତି ଅଫର ଗ୍ରାହକଙ୍କ ପାଇଁ ଉପଯୁକ୍ତ ହୋଇଥାଏ। ଏପରିକି ଏନ୍‌ଆର୍‌ଆଇ ଗୋଲ୍ଡ ଫେଷ୍ଟ ଅଫର ଜରିଆରେ ଆମେ ଆମର ଅସାଧାରଣ ଅଳଙ୍କାରର ମାଲିକାନା ପାଇଁ ଅଦ୍ୱିତୀୟ ସୁଯୋଗ ଗ୍ରାହକଙ୍କ ପାଇଁ ଆଣି ଦେଇଥାଉ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

## ୧୭% କମିଛି ଚିନି ଉତ୍ପାଦନ



**ନୂଆଦିଲ୍ଲୀ:** କମିଲା ଚିନି ଉତ୍ପାଦନ। ବଢ଼ିପାରେ ଦର। ୨୦୨୪-୨୫ ଚିନି ଉତ୍ପାଦନ ସମୟରେ ବର୍ଷ ଆଧାରରେ ଏହାର ଉତ୍ପାଦନ ୧୭ ପ୍ରତିଶତ ହ୍ରାସ ପାଇଛି। ଇଥାନଲ ପାଇଁ ଚିନିର ଅଧିକ ବ୍ୟବହାର ଓ ମହାରାଷ୍ଟ୍ର ଓ କର୍ଣ୍ଣାଟରେ ଆଖୁ ପେଡ଼ିବାର ବିଳମ୍ବ ଯୋଗୁ ଚିନି ଉତ୍ପାଦନ ହ୍ରାସ ପାଇଛି ବୋଲି ଭାରତୀୟ ଚିନି ଏବଂ ବାୟୋ-ଏନର୍ଜି ଉତ୍ପାଦନକାରୀ ସଂଘ (ଆଇଏସଏମଏ) ସୂଚନା ଦେଇଛି। ଚଳିତ ଋତୁରେ ଡିସେମ୍ବର ପର୍ଯ୍ୟନ୍ତ ଚିନି ଉତ୍ପାଦନ ୬୧.୩୯ ଲକ୍ଷ ଟନ୍ ହୋଇଥିବା ବେଳେ ଗତ ବର୍ଷ ସମାନ ଅବଧିରେ ୭୪.୦୫ ଲକ୍ଷ ଟନ୍ ଚିନି ଉତ୍ପାଦନ ହୋଇଥିଲା। ଆଇଏସଏମଏ ଆହୁରି କହିଛି "ଚଳିତ ବର୍ଷ ଇଥାନଲ ପାଇଁ ଚିନି ବ୍ୟବହାର ପ୍ରାୟ ୪୦ ଲକ୍ଷ ଟନରୁ ଅଧିକ ବୋଲି ଆକଳନ କରାଯାଇଛି। ଯାହା ଗତ ବର୍ଷ ପ୍ରାୟ ୨୧.୫ ଲକ୍ଷ ଟନ୍ ରହିଥିଲା।" ତେବେ ଗତ ବର୍ଷ ଦେଶରେ ଚିନି ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଇଥାନଲ ପ୍ରସ୍ତୁତି ପାଇଁ ଚିନି ବ୍ୟବହାରକୁ ବନ୍ଦ କରିଦେଇଥିଲେ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଏବଂ କର୍ଣ୍ଣାଟକରେ ଆଖୁ ପେଡ଼ିବା କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେବା ମଧ୍ୟ ଦେଶରେ ଚିନି ଉତ୍ପାଦନର ଗତିକୁ ମନ୍ଥର କରିଦେଇଛି। ଏହା ବାଦ୍ ଇଥାନଲ ପାଇଁ ଚିନିର ବହୁଳ ବ୍ୟବହାର ଉତ୍ପାଦନ ହ୍ରାସର ଏକ ପ୍ରମୁଖ କାରଣ ବୋଲି ଆଇଏସଏମଏ କହିଛି। ଗତ ବର୍ଷ ୪୯୬ କାରଖାନା ଚିନି ଉତ୍ପାଦନ କରୁଥିଲେ, ହେଲେ ଚଳିତ ବର୍ଷ ୪୭୭ କାରଖାନା କାର୍ଯ୍ୟକ୍ଷମ ଥିଲା। ଏନେଇ ଆଇଏସଏମଏ କହିଛି "ଚଳିତ ବର୍ଷ ବର୍ଷ କର୍ଣ୍ଣାଟକର ଚିନି କାରଖାନା ପ୍ରାୟ ୭-୧୨ ଦିନ ବିଳମ୍ବରେ ଆଖୁ ପେଡ଼ା ଆରମ୍ଭ କରିଥିଲା। ସେହିପରି ମହାରାଷ୍ଟ୍ରର ଚିନି ମିଲଗୁଡ଼ିକ ଗତ ବର୍ଷ ତୁଳନାରେ ୧୫ -୨୦ ଦିନ ବିଳମ୍ବରେ ଆରମ୍ଭ ହୋଇଛି। ଆଇଏସଏମଏ କହିଛି ଯେ, ଏହି ପ୍ରମୁଖ ରାଜ୍ୟଗୁଡିକରେ ବିଳମ୍ବ ଆରମ୍ଭ ହେବା ସତ୍ତ୍ୱେ ବି ବର୍ତ୍ତମାନ କାରଖାନା ସଂଖ୍ୟା ଏବଂ ସଂପୃକ୍ତ କାରଖାନାରେ ଆଖୁପେଡ଼ା ହାର ଦ୍ରୁତ ଗତିରେ ବଢ଼ୁଛି।"

## ୨୦୨୫ରେ ଲଞ୍ଚ ହେବ ହୁଣ୍ଡାଇ କ୍ରେଟା ଇଭି

**ନୂଆଦିଲ୍ଲୀ, ୧୮।୧୨:** ସାଉଥ କୋରିଆର ଅଟୋମୋବାଇଲ୍ ନିର୍ମାତା କମ୍ପାନୀ ହୁଣ୍ଡାଇ ଦ୍ୱାରା ଭାରତରେ ଅନେକ ଦମଦାର କାର ଲଞ୍ଚ କରିଥାଏ। କ୍ରେଟା ମିଡ୍ ସାଇଜର SUV ଭାବରେ କମ୍ପାନୀ ଦ୍ୱାରା ସେଲ୍ ପାଇଁ ଉପଲବ୍ଧ। ଏବେ କମ୍ପାନୀ ଖୁବ ଶୀଘ୍ର ଏହାର ଇଲେକ୍ଟ୍ରିକ ଭର୍ସନ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। କମ୍ପାନୀ ବର୍ତ୍ତମାନ ଭାରତୀୟ ବଜାରରେ ହୁଣ୍ଡାଇ କ୍ରେଟା ଇଭି ଲଞ୍ଚ କରିବାକୁ ପ୍ରସ୍ତୁତି ଚଳାଇଛି। ଜାନୁଆରୀ ୨୦୨୫ ରେ କମ୍ପାନୀ ଦ୍ୱାରା ଏହି ଗାଡି ଲଞ୍ଚ ହେବ। ଅଟୋ ଏକ୍ସପୋ ୨୦୨୫ ରେ ଏହା ଲଞ୍ଚ ହେବ ବୋଲି ଆଶା କରାଯାଉଛି। ତେବେ କମ୍ପାନୀ ଏପର୍ଯ୍ୟନ୍ତ ଅଫିସିଆଲ ଭାବେ ଏହି ସୂଚନା ଦେଇନାହିଁ। ଲଞ୍ଚ ପୂର୍ବରୁ, କ୍ରେଟା ଇଭି ଭାରତର ବିଭିନ୍ନ ପରିସ୍ଥିତିରେ ଟେଷ୍ଟିଂ କରାଯାଉଛି ଏବଂ ଆବଶ୍ୟକତା ଅନୁଯାୟୀ ଏହା ଅପଡେଟ୍ ମଧ୍ୟ ହେବ। ଟେଷ୍ଟିଂ ସମୟରେ ଏହା ଅନେକ ଥର ସ୍ପଟ୍ ମଧ୍ୟ ହୋଇଛି। ଯେଉଁଥିରେ ଏହାର ଫ୍ରଣ୍ଟ୍ ଲୁକ୍ ବିଷୟରେ ସୂଚନା ଉପଲବ୍ଧ। ଖବର ଅନୁଯାୟୀ, ଆଇସିଇ ଭର୍ସନ ତୁଳନାରେ ଏସୟୁଭିର ଇଲେକ୍ଟ୍ରିକ ଭର୍ସନକୁ ଏକ ଭିନ୍ନ ଫ୍ରଣ୍ଟ ଦିଆଯିବ। ଏଥିରେ ଫ୍ରଣ୍ଟ୍ ଗ୍ରିଲ୍ ବଦଳରେ ଖାଲି ଅଫ୍ ଗ୍ରିଲ୍ ବ୍ୟବହାର କରାଯିବ। ଏହା ସହିତ, ଫ୍ରଣ୍ଟରେ ଆଉ କିଛି ପରିବର୍ତ୍ତନ କରାଯାଇପାରେ।




ଏହାର ଫ୍ରଣ୍ଟରେ ଚାର୍ଜିଂ ପୋର୍ଟ ପାଇଁ ସ୍ଥାନ ଯୋଗାଇ ଦିଆଯିବ ଏବଂ ଏହାର ଆଲଏ ହ୍ୱିଲ୍ ଗୁଡିକ ଡିଜାଇନରେ ଭିନ୍ନ ହେବ। ରିୟର ପ୍ରୋଫାଇଲରେ ମଧ୍ୟ କିଛି ଛୋଟ ପରିବର୍ତ୍ତନ କରାଯାଇପାରେ। ରିପୋର୍ଟ ଅନୁଯାୟୀ, ଏହାକୁ ୧୦. ୨୫ ଇଞ୍ଚ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ୍ କ୍ଲଷ୍ଟର, ୧୦. ୨୫ ଇଞ୍ଚ ଇନଫୋଟେନ୍ମେଣ୍ଟ ସିଷ୍ଟମ୍, ସେଣ୍ଟ୍ରାଲ୍ କନସୋଲରେ ବଟନ୍ ପ୍ୟାନେଲ୍, ପାନୋରାମିକ୍ ସନରୁଫ୍, ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍, ୟୁଏସବି ଚାର୍ଜିଂ ପୋର୍ଟ, କି-ଲେସ୍ ଏଣ୍ଟ୍ରି, ରିୟର ଏସି ଭେଣ୍ଟସ୍, ୱାୟରଲେସ୍ ଫୋନ୍ ଚାର୍ଜର ଭଳି ଫିଚର୍ସ ଯୋଗାଇ ଦିଆଯିବ। ଏହା ବ୍ୟତୀତ ଏହାର ଇଣ୍ଟେରିୟରକୁ ଆଇସିଇ ଭର୍ସନ ଭଳି ସମାନ ଭାବରେ ଦିଆଯାଇପାରେ। ସେଫ୍ଟି ପାଇଁ, ଏସୟୁଭିରେ ଏଡିଏଏସ, ଏବିଏସ, ଇବିଡି, ହିଲ ହୋଲ୍ଡ ଆସିଷ୍ଟ, ଇଏସପି ଏବଂ ୬ ଟି ଏୟାରବ୍ୟାଗ ଭଳି ଫିଚର୍ସ ପ୍ରଦାନ କରାଯାଇପାରେ। କମ୍ପାନୀ ଦ୍ୱାରା ଦୁଇଟି ବ୍ୟାଟେରୀ ଅପ୍ସନ ପ୍ରଦାନ କରାଯାଇପାରେ। ଯେଉଁଥିରେ ୫୦ କେଡବ୍ଲ୍ୟୁଏଚ ଏବଂ ୬୦ କେଡବ୍ଲ୍ୟୁଏଚ କ୍ଷମତା ବିଶିଷ୍ଟ ବ୍ୟାଟେରୀ ଦିଆଯାଇପାରିବ। ଯେଉଁଥିପାଇଁ ଏସୟୁଭି ଗୋଟିଏ ଚାର୍ଜ ପରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ପାଇପାରିବ। ହୁଣ୍ଡାଇର ଏହି ସେଗମେଣ୍ଟ ଇଲେକ୍ଟ୍ରିକ୍ ଏସୟୁଭିର ପ୍ରକୃତ ମୂଲ୍ୟ କେବଳ ଏହାର ଲଞ୍ଚ ସମୟରେ ହି ଜଣାପଡିବ। କିନ୍ତୁ ଏହାର ଏକ୍ସ ଶୋ'ରୁମ ମୂଲ୍ୟ ୨୦ ଲକ୍ଷ ଟଙ୍କା ଭିତରେ ରହିବ ବୋଲି ଆଶା କରାଯାଉଛି।

## ଥାନାରେ ଜେସିବି ଜବତ
# ତାଳଦା ଅଞ୍ଚଳରୁ ବେଆଇନ୍ ବାଲି ଉଠାଣ



**କାକଟପୁର /ଅସ୍ତରଙ୍ଗ,୧୮।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ରାଜ୍ୱଶ ସର୍କଲ ତାଳଦା ପଂଚାୟତ ଦେବୀ ନଦୀ ପାର୍ଶ୍ୱବର୍ତ୍ତି ଘାଟରୁ ବେଆଇନି ଭାବେ ବାଲି ଉତ୍ତୋଳନ କରାଯାଉଛି। ପ୍ରତିଦିନ ଶହ ଶହ ଟ୍ରକ ଓ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ କରି ମାଫିଆ ମାନେ ମାଲାମାଲ ହେଉଛନ୍ତି। ଏହି ବେଆଇନି ବାଲି ପରିବହନ ପାଇଁ ରାସ୍ତାଘାଟ ନଷ୍ଟ ହେଉଥିବା ବେଳେ ରାଜକୋଷ କୁ ଗୋଟିଏ ଟଙ୍କାର ରାଜ୍ୱଶ ଯାଉନାହିଁ। ଯାହା ସୂଚନା ମିଳିଛି ବାଲି ଉଠାଣ ସ୍ଥାନଟି ନିଲାମ ଦିଆଯାଇନଥିବା ବେଳେ କିଛି କୁଜି ନେତା ଓ ବାଲି ମାଫିଆ ମାନେ ରାତିଦିନ ବେଆଇନି ଭାବରେ ବାଲି ଚୋରା ଚାଲାଣ କରୁଛନ୍ତି। ନିଲାମ ହୋଇ ନଥିବା ରୁ ବିନା ଆର ଫର୍ମରେ ବାଲି ଚାଲାଣ ହେଉଥିଲେ ମଧ୍ୟ ଖଣିଜ ବିଭାଗ ଓ ରାଜ୍ୱଶ ବିଭାଗ ଆଖି ବୁଜି ଦେଇଛି। କେବଳ ସେତିକି ନୁହେଁ ବାଲି ବୋଝେଇ ଗାଡି ଚଳାଚଳ ଫଳରେ ନିକଟସ୍ଥ ଗାଁ ଗୁଡିକ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି। ବେଆଇନି ବାଲିଘାଟରେ ଚାନ୍ଦା ଆଦାୟ ହେଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି। ଏହାପ୍ରତ୍ୟେକ ଦିନ ରାତି ଓ ଦ୍ୱିପ୍ରହରରେ ଖୋଲାଖୋଲି ଭାବରେ ଚାଲିଥିଲେ ମଧ୍ୟ ପୁଲିସ ପ୍ରଶାସନ, ଖଣିଜ ବିଭାଗ ଓ ରାଜ୍ୱଶ ବିଭାଗ ଏଥିପ୍ରତି ନିରବ। ମଙ୍ଗଳବାର ରାତ୍ରରେ ବେଆଇନି ବାଲି ଚୋରା ଚାଲାଣ ଖବର ପାଇଁ ଅସ୍ତରଙ୍ଗ ଥାନା ପୁଲିସ ଏକ ଜେ ସି ବି (ଓ ଡ଼ି ୩୩ ଏ ଜେ ୪୨୯୯) ଜବତ କରି ବିଳମ୍ବିତ ରାତ୍ରରେ ଅସ୍ତରଙ୍ଗ ଥାନାରେ ଜବତ ରଖିଛି।

# ଅମିତ ଶାହଙ୍କ ମନ୍ତବ୍ୟର ପ୍ରତିବାଦ

**କଳାହାଣ୍ଡି,୧୮।୧୨(ସଂଚାର ବ୍ୟୁରୋ):** ଗତ କାଲି ରାଜ୍ୟସଭାରେ ଗୃହ ମନ୍ତ୍ରୀ ଅମିତ ଶାହା ଭାରତ ରତ୍ନ ଡ଼ ବି। ଆର। ଆମ୍ବେଦକର ଙ୍କୁ ନେଇଁ ଯେଉଁ ଅରୁଚିକର ମନ୍ତବ୍ୟ ଦେଇଥିଲେ ତାର ପ୍ରତିବାଦ ରେ ଆଜି ଧର୍ମଗଡ଼ରେ କିଛି ଓକିଲ ଓ ଓବିସି- ଏସ୍‌ଟି- ଏସ୍‌ସି ସଂଘ ତରଫରୁ ପ୍ରତିବାଦ କରାଯାଇଥିଲା। ଶ୍ରୀଯୁକ୍ତ ଶାହା ତାଙ୍କ ଟିପ୍ପଣୀ ରେ ଆମ୍ବେଦକର ଆମ୍ବେଦକର କହିବା ଆଜି ଏକ ଫେସନ ପାଲଟି ଗଲାଣି। ସେମାନେ ଯେତେଥର ଏଭଳି ନାମ ଜପୁଛନ୍ତି, ତା ବଦଳରେ ଭଗବାନ ଙ୍କ ନାମ ଜପିଥିଲେ ସେମାନଙ୍କ ସାତ ପୁରୁଷ ସ୍ୱର୍ଗ ରେ ଉପଭୋଗ କରିଥାନ୍ତେ କହିଥିଲେ। ଏହାକୁ ପ୍ରତିବାଦ କରି ଓକିଲ ଦିଗାମ୍ବର ଦୁରିଆ କହିଲେ ସ୍ୱର୍ଗ କେହି ଦେଖି ନାହାନ୍ତି, ଆମକୁ ମଧ୍ୟ ଏହା ଦରକାର ନାହିଁ। ଆମ ପୂର୍ବଜ ଶହ ଶହ ବର୍ଷ ଧରି ଭଗବାନ କୁ ଜପି ଜପି ମରିଛନ୍ତି ହେଲେ ଆମ ଲୋକଙ୍କୁ ଶିକ୍ଷା, ନିଯୁକ୍ତି, ସମ୍ପତ୍ତି ମିଳିନାହିଁ। କେବଳ ଡ଼। ଆମ୍ବେଦକର ଓ ତାଙ୍କ ଲିଖିତ ସମ୍ବିଧାନ ର ଆଶୀର୍ବାଦ, ଜ୍ୟୋତିବା ଫୁଲେ ଙ୍କ ଲଢେଇ ଫଳରେ ହିଁ ଆମେ ଏକ ସ୍ୱାଭିମାନୀ ଜୀବନ ଜିଇଁବାର ସୌଭାଗ୍ୟ ମିଳିଛି। କୌଣସି ଭଗବାନ,ଆଲ୍ଲା,ଯୀଶୁ କେହିବି ଆମକୁ ସ୍ୱାଭିମାନ ଦେଇନାହାନ୍ତି, ତେଣୁ ଶାହା ଙ୍କ ମନ୍ତବ୍ୟ ଆମ୍ବେଦକର ଓ ତାଙ୍କ ସମ୍ବିଧାନ ପ୍ରତି ଆର୍‌ଆର୍‌ଏସ୍ ଓ ବିଜେପି ଦଳର ଆଭିମୁଖ୍ୟ ର ଅସଲି ପ୍ରତିଛବି ବୋଲି କହିଛନ୍ତି । ଓକିଲ ଚିତ୍ତ ରଞ୍ଜନ ନିଆଲ, ଅମିତ ଶାହା ବାବା ସାହେବ ଙ୍କ ବିରୁଦ୍ଧରେ ଏଭଳି ଟିପ୍ପଣୀ ଦେଇ ଏ ଦେଶର କୋଟି କୋଟି ଓବିସି- ଏସ୍‌ଟି- ଏସ୍‌ସି ଲୋକଙ୍କ ଭାବନାକୁ ଆଘାତ ଦେଇଛନ୍ତି। ତେଣୁ ସେ ଶୀଘ୍ର ଭାରତ ବାସୀ ଙ୍କୁ କ୍ଷମା ମାଗନ୍ତୁ ବୋଲି ଦାବୀ କରିଥିଲେ। ଓବିସି- ଏସ୍‌ଟି- ଏସ୍‌ସି ମହାସଂଘ ର ସଭାପତି ଡମ୍ବରୁଧର ଲହଜଲ ମଧ୍ୟ ଗୃହମନ୍ତ୍ରୀ ଙ୍କ ଏଭଳି ମନ୍ତବ୍ୟ କୁ ତୀବ୍ର ଭରସନା କରିଥିଲେ ଓ ଜଣେ ମହାପୁରୁଷ ଙ୍କ ପ୍ରତି ତାଙ୍କର ଏଭଳି ବିଚାର ପାଇଁ କ୍ଷମା ମାଗନ୍ତୁ କହିଥିଲେ । ଏହି ପ୍ରତିବାଦ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଓକିଲ ବିନୋଦ ନାଏକ, ପୃଥ୍ୱୀରାଜ ତାଣ୍ଡି, ଦୁର୍ଯ୍ୟୋଧନ ଠାକୁର, ଓବିସି ନେତା ଡାକେଶ୍ୱର ଲହଜଲ, ଆଦିବାସୀ ନେତା ଟଙ୍କଧର ଶବର, ଚକ୍ରଧର ବେଣୁପାଣି, ଫୁଲେଶ୍ୱର ସେନାପତି, ନାରାୟଣ ବିହାରୀ , ଲକ୍ଷଜ୍ୟୋତି ଜାଲ, ସୋମ୍ୟ ନାଏକ, ସୁଧୀର ଗୋପାଳ ଆଦି କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ପ୍ରସ୍ତୁତି ବୈଠକ

**ପୁରୀ,୧୮।୧୨(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ପ୍ରଶାସନ ଓ ଏନଡିଆରଏଫ ମୁଣ୍ଡୁଳୀ ୩ ବାଟାଲିୟନ ର ମିଳିତ ସହଯୋଗ ରେ ଆସନ୍ତା କାଲି ହେବାକୁ ଥିବା ମକଡ୍ରିଲ ପାଇଁ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହୋଇଥିଲା।ଏହି ମକ ଡ୍ରିଲ ଆସନ୍ତା କାଲି ପୂର୍ବାହ୍ନରେ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପୋଖରୀରେ କରାଯିବ ବୋଲି ସ୍ଥିର ହୋଇଛି।ଏହି କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ।ବିଶେଷ କରି ଜିଲ୍ଲାରେ ବନ୍ୟା, ବାତ୍ୟା ଚିର ସହଚର। ତେବେ ପାଣିରେ ବୁଡି ଘଟଣା ଅଧିକ ହେଉଥିବାରୁ ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଏନଡିଆରଏଫ ଟିମକୁ ପରାମର୍ଶ ଦେଇଥିଲେ। ଏହି ମକ ଡ୍ରିଲରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ମାନେ ଉପସ୍ଥିତ ରହି ସେମାନଙ୍କ ବିଭାଗର କାର୍ଯ୍ୟ ପରିଚାଳନା ରେ ସହଯୋଗ କରିବେ ବୋଲି ସ୍ଥିର ହେଲା। ଏନଡିଆରଏଫ ପ୍ରତିନିଧି ଅଭିଷେକ ଶର୍ମା ଓ ସନ୍ଦୀପ ସିଂ କାର୍ଯ୍ୟକ୍ରମ କୁ ପରିଚାଳନା କରିବେ। ଆଜିର ବୈଠକରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଏଡିଏମଓ ଡା ବିରଜା ଶଙ୍କର ରଥ,ଜରୁରୀ ବିଭାଗର ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଶରତ କୁମାର ବେହେରା, ସହକାରୀ ଜିଲ୍ଲାପାଳ ପଞ୍ଚାନନ ପରିଜା, ଡିପିଓ ସୁକାନ୍ତ କୁମାର ଦାଶ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଖବର ପ୍ରକାଶ ପରେ ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟ ଅନ୍ୟତ୍ର ସ୍ଥାନାନ୍ତର



**ସୁବର୍ଣ୍ଣପୁର,୧୮।୧୨ (ସଂଚାର ବ୍ୟୁରୋ):** ସୋନପୁର ସହରର ପଟାଭାଡି କୋଶଳ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ମାରୁତି ନଗର ନିକଟରେ ଏକ ଗଳି ରାସ୍ତାର ମଧ୍ୟ ଭାଗରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା।ମଝି ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ଯୋଗୁଁ ଆବଶ୍ୟକ ସ୍ଥାନ ଅଭାବରୁ ରାସ୍ତାରେ ଚାରିଚକିଆ ଯାନ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଅନେକ ସମୟରେ ବାଇକ ଓ ସାଇକେଲ ଆରୋହୀ ମାନେ ଦୁର୍ଘଟଣାର ଶୀକାର ହେଉଥିଲେ। ସ୍ଥାନୀୟ ଅଧିବାସୀମାନେ ଯେତେ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣି ନଥିଲେ।ଗତ କିଛି ଦିନ ତଳେ ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟ କୁ ନେଇ ଡିସେମ୍ବର ୧୨ ତାରିଖରେ ଦୈନିକ 'ସଂଚାର' ଖବର କାଗଜରେ ଖବର ପ୍ରକାଶିତ ହୋଇଥିଲା । ଉକ୍ତ ଖବରକୁ ସାମାଜିକ କର୍ମୀ ସର୍ଜନ ପାଣ୍ଡେ ଟୁଇଟ କରିବା ସଙ୍ଗେ ଓଡ଼ିଶା ସରକାରଙ୍କ ଜନଶୁଣାଣୀ ପୋର୍ଟାଲ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୃଷ୍ଟି ଆକର୍ଷଣ କରିଥିଲେ । ଫଳରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଉକ୍ତ ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ମାରୁତି ନଗରର ଏକ ଦୀର୍ଘ ଦିନର ସମସ୍ୟାର ସମାଧାନ ହୋଇଥିବାରୁ ମାରୁତି ନଗରୱାସୀ 'ସଂଚାର' ଖବର କାଗଜ ସହ ସାମାଜିକ କର୍ମୀ ସର୍ଜନ ପାଣ୍ଡେ ଙ୍କୁ ସାଧୁବାଦ ଜଣାଇଛନ୍ତି।

ସଂଚାର ମହାପ୍ରଭାବ

# ଜିଲ୍ଲା ପ୍ୟାକ୍ସ ସଭାପତି ସଂଘ ଗଠିତ



● ଋଣ ଦେଣନେଣ ଏବଂ ଧାନକିଣା ସ୍ଥଗିତ

**ନୟାଗଡ଼,୧୮।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ପ୍ୟାକ୍ସ ସଭାପତି ସଂଘ ଆଜି ଗଠନ ହୋଇଛି । ଗମ୍ଭାରିଡିହି ସମବାୟ ସମିତି ସଭାପତି ପ୍ରତାପ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ, ବରିଷ୍ଠ ସମବାୟ ବିତ ସନ୍ୟାସୀ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସମବାୟ ସମିତି ଗୁଡ଼ିକର ଦୂରାବସ୍ଥା ଏବଂ ଏ ସମ୍ପର୍କିତ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସମବାୟ ତଥା ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ବୈଠକରେ ସୋଲପଟା ସମବାୟ ସମିତି ସଭାପତି ସୁଶାନ୍ତ କୁମାର ଜେନା ସମିତି ଗୁଡ଼ିକର ବଜେଟକୁ ନେଇ ରହିଥିବା ସମସ୍ୟା ଏବଂ ବ୍ୟାଙ୍କ ଶାଖା ଗୁଡ଼ିକରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥାକୁ କିଭଳି ଦୂରିଭୂତ କରାଯିବ ସେ ନେଇ ଆଲୋଚନା କରିଥିଲେ । ଆଗାମୀ ଦିନରେ ସମସ୍ତ ଶାଖା ସ୍ତରୀୟ ବୈଠକ କରି ପୁଣି ଏକ ଜିଲ୍ଲା ସ୍ତରୀୟ ବୈଠକ କରିବାକୁ ନିଷ୍ପତ୍ତି ହୋଇଛି । ଏହି ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହେବା ପର୍ଯ୍ୟନ୍ତ ଚାଷୀଙ୍କ ଋଣ ଦେଣନେଣ ଏବଂ ଧାନମଣ୍ଡି କାର୍ଯ୍ୟ ନକରିବା ପାଇଁ ନିଷ୍ପତ୍ତି ହୋଇଛି । ମଣ୍ଡି ସମ୍ପର୍କିତ ସମସ୍ତ ଆଲୋଚନା ଜିଲ୍ଲା କମିଟି ବୈଠକ ନିଷ୍ପତ୍ତି ଅନୁସାରେ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି । ମୁଥାଗାଡ଼ିଆ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ବୈଠକରେ ଆଜି ଏକ ଅସ୍ଥାୟୀ କମିଟି ଚୟନ କରାଯାଇଛି । ଏହି କମିଟି ସଭାପତି ଭାବେ ଗମ୍ଭାରିଡିହି ସମିତି ସଭାପତି ପ୍ରତାପ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବେ ଡିଆଁପଡ଼ା ସଭାପତି ଦିଲ୍ଲୀପ କୁମାର ହାତୀଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି । ସଭ୍ୟ ଭାବେ ମାଳିସାହି ପ୍ୟାକ୍ସ ସଭାପତି ଅହମ୍ମଦ ଖାନ୍, ଗୋପୀବଲ୍ଲଭପୁର ସଭାପତି ବ୍ରହ୍ମାନନ୍ଦ ସାହୁ, ମହିପୁର ସଭାପତି ସୋମନାଥ ସାହୁ, ଓଡ଼ଗାଁ ସଭାପତି ବିଭୂପ୍ରସାଦ ସାହୁ, ସୋଲପଟା ସଭାପତି ସୁଶାନ୍ତ କୁମାର ଜେନା, ଶିଖରପୁର ସଭାପତି ସନ୍ୟାସୀ ପ୍ରଧାନ, ଇଟାମାଟି ସଭାପତି ପ୍ରଫୁଲ କୁମାର ନାୟକ, ମଧ୍ୟଖଣ୍ଡ ସଭାପତି ଶ୍ରୀଧର ବିଶ୍ୱାଳ, ବଡ଼ଗୋରଡ଼ା ସଭାପତି କୃପାସିନ୍ଧୁ ଭଞ୍ଜଙ୍କୁ ଚୟନ କରାଯାଇଛି । ସମିତିର ସ୍ୱାର୍ଥ ପାଇଁ ବ୍ୟାଙ୍କ ଏବଂ ସମବାୟ ବିଭାଗ ସହ ଆରପାର ଲଢ଼େଇ ହେବ ବୋଲି ବୈଠକରେ ନିଷ୍ପତି ହୋଇଛି। ମିଲରଙ୍କ ମନମାନୀ ଏବଂ ଧାନମଣ୍ଡିରେ କୌଣସି ପ୍ରକାର ବିଶୃଙ୍ଖଳାକୁ ସଂଘ ବରଦାସ୍ତ କରିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି ।

## ଦାଦନ ଶ୍ରମିକ ପରିବାରର ଦୁଃଖ
# ସାହାଯ୍ୟ ପାଇଁ ବିଧବାଙ୍କ ନିବେଦନ

**ଖପ୍ରାଖୋଲ,୧୮।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ମହୁରୁଣ୍ଡି ଗ୍ରାମ (କୋଲପଡା)ରେ ରହୁଛନ୍ତି ଏକ ଦାଦନ ଶ୍ରମିକ ପରିବାର । ପରିବାର କହିଲେ ଘରର ମୁରବି ଯାଦବ ମାଝୀ ପତ୍ନୀ ରୁକୁଣି ଓ ତିନି ଝିଅ ୧୪ ବର୍ଷର ଝିଅ ଠେବାବତୀ, ୪ ବର୍ଷର ଉର୍ମିଳା ଓ ୩ ବର୍ଷର ସାନ ଝିଅ ଦେବକୀ ଯେକି ବିକଳାଙ୍ଗ ତାଙ୍କର ପୁତ୍ର ସନ୍ତାନ ନାହିଁ। ତିନି ନାବାଳିକା ଙ୍କୁ ନେଇ ତାଙ୍କ ସଂସାର। ଅର୍ଥ ଅଭାବରୁ ଭଲ ଘରଖଣ୍ଡେ ତିଆରି କରିପାରି ନାହାନ୍ତି ମାଟି ଛପର ଘରେ ରହୁଛନ୍ତି । ପ୍ରତିବର୍ଷେ ପେଟ ପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟି ଯାଇଥାନ୍ତି । ଏବର୍ଷ ତାଙ୍କ ପରିବାର ପାଇଁ ଦୁଃଖର ପାହାଡ଼ ମାଡି ଆସିଲା । ତେଲେଙ୍ଗାନା ରାଜ୍ୟ ସିଦ୍ଦିପେଟ ଅଞ୍ଚଳ କୁ ପରିବାର ସହ ଯାଇଥିଲେ । ସେଠି ଇଟା ଗଢ଼ା କାମ ସାରି ରାତିରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ ଯାଦବ ଙ୍କୁ କାମୁଡି ଦେଲା ତାଙ୍କୁ ପାଖରେ ଥିବା ଲୋକଙ୍କ ସାହାଯ୍ୟ ରେ ପାଖରେ ଥିବା ଡାକ୍ତରଖାନା କୁ ନେଇଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀର ମୃତ୍ୟୁରେ ମ୍ରିୟମାଣ ପତ୍ନୀ ରୁକ୍ମଣୀ ଗାଁ କୁ ଫେରିଆସି ବର୍ତମାନ ତିନି ଝିଅକୁ ନେଇ ଗ୍ରାମର ମାଟି ଛପର ଘରେ ରହୁଛନ୍ତି । ତିନି ନାବାଳିକା ମାନଙ୍କ ବୋଝ ବିଧବା ରୁକୁଣି ଉଠାଉଛନ୍ତି । କେହି ସାହା ଭରସା ଦେବା ଲୋକ ତାଙ୍କର ନାହାନ୍ତି । ବର୍ତମାନ ତାଙ୍କର ଆୟ କହିଲେ ପଞ୍ଚାୟତ ରୁ ପାଉଥିବା ଚାଉଳ। ତିନି ଝିଅକୁ କିପରି ପାଳି ପୋଷି ବଡ କରିବେ ସେ ଚିନ୍ତାରେ ଘାରି ହେଉଛନ୍ତି ବିଧବା ମହିଳା । ସରକାର ଙ୍କ ତରଫରୁ ଆର୍ଥିକ ସାହାଯ୍ୟ ଓ ଝିଅ ମାନଙ୍କ ପାଠ ପଢ଼ା ବ୍ୟବସ୍ଥା କରିବାକୁ ବିଧବା ରୁକୁଣି ନିବେଦନ କରିଛନ୍ତି ।



## କୁକୁର ଚୋରି କଲେ ମାଡ଼!

**ବୌଦ୍ଧ,୧୮।୧୨ (ସଂଚାର ବ୍ୟୁରୋ):** କଲୋନୀରୁ ଚୋରି ହୋଇଯାଇଛି ମୋଟୁ । ସମସ୍ତେ ଏବେ ଚିନ୍ତାରେ। ମୋଟୁକୁ ନ ପାଇ ଶେଷରେ କଲୋନୀର ଏକ ଘର କାନ୍ଥରେ ଲାଗିଛି ନୋଟିସ। ଥାନାରେ ଏତଲା । ମୋଟୁକୁ ନେଇଯାଇଥିବା ଦୁର୍ବୃତଙ୍କୁ ତାଗିଦ୍ କରିଛନ୍ତି କଲୋନୀ ବାସୀ। ଆସନ୍ତୁ ଜାଣିବା କିଏ ସେଇ ମୋଟୁ । କାହିଁକି ତା'ପାଇଁ ଏତେକଥା। ନୋଟିସ୍ ଲଗାଇ କୁକୁର ଚୋରକୁ ତାଗିଦ୍ କରିଛନ୍ତି କଲୋନୀ ବାସୀ। କେବଳ ତାଗିଦ୍ ନୁହେଁ ଥାନାରେ ବି ଏତଲା ଦେଇଛନ୍ତି। ବୌଦ୍ଧ ପୋଡାପୋଡ଼ା କଲୋନୀର ପୋଷା କୁକୁର ଛୁଆକୁ ଚୋରି କରି ନେଇଛନ୍ତି ଦୁର୍ବୃତ। ସାରା ସହର ଖୋଜିବା ପରେ ବି ମୋଟୁର ପତ୍ତା ମିଳୁନି। ଅନ୍ୟ କୁକୁର ଛୁଆଙ୍କୁ କାଲେ କିଏ ନେଇଯିବ, ସେଥିପାଇଁ ଥାନାରେ ଅଭିଯୋଗ କରି, ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

## 'ଅଧିକାର' ପଦକ୍ଷେପ ମାଧ୍ୟମରେ ଲୋକଙ୍କୁ ସଶକ୍ତ କରୁଛି ଟିପିଏସ୍‌ଓଡିଏଲ୍




**ବ୍ରହ୍ମପୁର,୧୮।୧୨(ସଂଚାର ବ୍ୟୁରୋ):** ସମାବେଶୀ ବିକାଶ ଓ ଗୋଷ୍ଠୀ ସଶକ୍ତୀକରଣ ଦିଗରେ ଅତୁଟ ପ୍ରତିବଦ୍ଧତା ପ୍ରଦର୍ଶନ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) 'ଅଧିକାର' ପ୍ରକଳ୍ପ ଆରମ୍ଭ କରିଛି। ଜନ ସାଧାରଣ ଓ ସରକାରଙ୍କ କଲ୍ୟାଣକାରୀ ଯୋଜନା ମଧ୍ୟରେ ସମ୍ପର୍କ ସେତୁ ଭାବରେ କାର୍ଯ୍ୟ କରିବା ହେଉଛି ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ଏହି ପଦକ୍ଷେପ ଦ୍ୱାରା କୋରାପୁଟ ଜିଲ୍ଲାର ୫୦ଟି ଗାଁର ଲୋକେ ଉପକୃତ ହେବେ। ଗ୍ରାମୀଣ ତଥା ବୟସ୍କ ଏବଂ ଆର୍ଥିକ ଅନଗ୍ରସର ଲୋକଙ୍କ ନିକଟରେ ସରକାରୀ କଲ୍ୟାଣକାରୀ ଯୋଜନା ପହଞ୍ଚାଇ ସେମାନଙ୍କୁ ସଶକ୍ତ କରିବା ନେଇ ଅଧିକାର ପ୍ରକଳ୍ପର ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ ମୁଖ୍ୟତଃ ବିଭିନ୍ନ ସରକାରୀ ଯୋଜନାକୁ ସମାଜର ଶେଷ ବର୍ଗ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥାଏ। ଜୀବନ ଜୀବିକା ପାଇଁ କୃଷି ଉପରେ ନିର୍ଭର କରୁଥିବା ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କର ଅଧିକାର ସମ୍ପର୍କରେ ଅବଗତ କରାଇବା ଏବଂ ଅତ୍ୟାବଶ୍ୟକ ସେବା ପାଇବା ଦିଗରେ ଥିବା ପ୍ରତିବନ୍ଧକକୁ ଦୂର କରିବାରେ ଏହି ପ୍ରକଳ୍ପ ସକ୍ଷମ ହେବ। ଏକ ବ୍ୟାପକ ଏବଂ ସହଯୋଗୀ ଆଭିମୁଖ୍ୟ ମାଧ୍ୟମରେ ହିତାଧିକାରୀ ଏବଂ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ମଧ୍ୟରେ ସେତୁ ଭାବେ ଅଧିକାର ପ୍ରକଳ୍ପ ସହାୟକ ହେବ। ଜାତୀୟ ସାମାଜିକ ସହାୟତା ଯୋଜନା (ଏନ୍‌ଏସ୍‌ଏପି), ମଧୁ ବାବୁ ପେନସନ ଯୋଜନା (ଏମବିପିୱାଇ), ସୁଭଦ୍ରା ଯୋଜନା, ସିଏମ କିଷାନ, ପିଏମ କିଷାନ ଏବଂ ଅନ୍ୟାନ୍ୟ ସରକାରୀ ଯୋଜନା ସହିତ ଲୋକଙ୍କୁ ଯୋଡ଼ିବା ପାଇଁ ବୈପାରିଗୁଡ଼ାଠାରେ ଏକ ଅଧିକାର ସୂଚନା କେନ୍ଦ୍ର ରହିଛି। ଆବେଦନ ପ୍ରକ୍ରିୟାକୁ ସରଳ କରିବା, ପରିଚୟ ଦସ୍ତାବିଜ ଯୋଗାଇବା ଏବଂ ସରକାରୀ ଯୋଜନା ପାଇଁ ଥିବା ଆବଶ୍ୟକତାଗୁଡିକର ଅନୁପାଳନ ସୁନିଶ୍ଚିତ କରିବାରେ ଏହି କେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି। ଏହି ବ୍ୟାପକ ପଦକ୍ଷେପ ଦ୍ୱାରା ହଜାର ହଜାର ଲୋକ ଉପକୃତ ହେଉଛନ୍ତି। ଅଧିକାର ସୂଚନା କେନ୍ଦ୍ରର ସହାୟତାରେ ମହିଳା ଚାଷୀ ମାଳତୀ ହରିଜନ କୃଷକ ଓଡ଼ିଶା ଓ ସିଏମ୍ କିଷାନ ଯୋଜନାରେ ସଫଳତାର ସହ ପଞ୍ଜିକରଣ କରିପାରିଛନ୍ତି। କୃତଜ୍ଞତା ଜ୍ଞାପନ କରି ସେ କହିଛନ୍ତି, "ଟିପିଏସ୍‌ଓଡିଏଲ୍ ଟିମ୍ ଆମକୁ ଏହି ଯୋଜନା ବିଷୟରେ ଅବଗତ କରାଇଥିଲେ ଏବଂ ଆବେଦନ ପ୍ରକ୍ରିୟାରେ ମୋତେ ସାହାଯ୍ୟ କରିଥିଲେ। ସେଥିପାଇଁ ମୁଁ ସେମାନଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି। ଅଧିକାର ସୂଚନା କେନ୍ଦ୍ର ବ୍ୟତୀତ, ଟିପିଏସ୍‌ଓଡିଏଲ୍ ଏହାର କାର୍ଯ୍ୟ ପରିସରଭୁକ୍ତ ଅଞ୍ଚଳରେ ନିୟମିତ ପଞ୍ଜିକରଣ ଶିବିର ଆୟୋଜନ କରେ। ଯାହା ଫଳରେ ଦୁର୍ଗମ ଇଲାକାରେ ମଧ୍ୟ ଏହି ସେବାଗୁଡିକ ଉପଲବ୍ଧ ହୋଇପାରୁଛି।

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ



**ବେତନଟୀ,୧୮।୧୨ (ସଂଚାର ବ୍ୟୁରୋ):** ଆଜି ବେତନଟୀ ମହାବିଦ୍ୟାଳୟ ର ଅଡିଟୋରିଅମ ରେ ମୟୂରଭଞ୍ଜ ଗଡ଼ଜାତ ର ପୂର୍ଣ୍ୟଶ୍ଳୋକ ପ୍ରଜାବତ୍ସଳ ମହାରାଜା ସ୍ୱର୍ଗତ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ ଙ୍କ ଅଧ୍ୟକ୍ଷତାରେ ପାଳିତ ହେବା ସହିତ ଏହି ମହାବିଦ୍ୟାଳୟର ତିନି ପ୍ରମୁଖ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସିଂହ ଡକ୍ଟର ସନ୍ତୋଷ କୁମାର ସିଂହ ଓ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେବା ସହିତ ପରିଚାଳନା କମିଟି ସଭାପତି ଅଲେଖ କୁମାର ବିଶ୍ୱାଳ ମଧ୍ୟ ମଞ୍ଚାସୀନ ଥିଲେ। ବେତନଟୀ ର ଯୁବ ରେଡକ୍ରସ ରୋଭର୍ସ ଏଣ୍ଡ ରେଞ୍ଜର୍ସ ଓ ଜାତୀୟ ସେବା ଯୋଜନା କମିଟି ମହାରାଜା ଙ୍କ ଜନ୍ମ ଜୟନ୍ତୀ ଆୟୋଜନ ରେ ସହଯୋଗ କରିଥିଲେ। ଏହା ସହିତ ବରିଷ୍ଠ ଅଧ୍ୟାପକ ଶ୍ରୀ ନିବାସ ଭଞ୍ଜ ଅଧ୍ୟାପିକା କଳ୍ପରେଖା ବେହେରା ପ୍ରମୁଖ ମଞ୍ଚାସୀନ ଥାଇ ମହାରାଜାଙ୍କର ଅବଦାନ ଓ ସୁଶାସନ ପ୍ରଜା ବତ୍ସଳତା ସଂପର୍କରେ ଆଲୋଚନା କରିଥିଲେ। ତାଙ୍କର ଜନହିତକର କାର୍ଯ୍ୟ ଯୋଗୁଁ ମୟୂରଭଞ୍ଜ ପ୍ରଜାଙ୍କର ସେ ପ୍ରାତଃ ସ୍ମରଣୀୟ ହୋଇ ପାରିଛନ୍ତି ବୋଲି ଅତିଥି ମାନେ ତାଙ୍କର ଗୁଣ ଗାନ କରିଥିଲେ । ଯୁବ ରେଡକ୍ରସ କାଉନସେଲର ଡକ୍ଟର ଚିତ୍ତରଞ୍ଜନ ରାଉତ ରୋଭର୍ସ ରେଞ୍ଜରର୍ସ ଲିଡର ସନ୍ଦୀପ ଡୁଙ୍ଗ ଡୁଙ୍ଗ ଜାତୀୟ ସେବା ଯୋଜନାର ଅଧିକାରୀ ସୀମାନ୍ତ କୁମାର ଜେନା ଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକା ତଥା ଛାତ୍ର ଛାତ୍ରୀ ମାନଙ୍କ ସହିତ ଅଣ ଶିକ୍ଷକ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ପୂର୍ବତନ ତିନି ଅବସର ପ୍ରାପ୍ତ ଅଧ୍ୟକ୍ଷ ମାନଙ୍କୁ ମଧ୍ୟ ଏହି ଉତ୍ସବ ରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୫୧ ତମ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

**ବରଗଡ଼,୧୮।୧୨ (ସଂଚାର ବ୍ୟୁରୋ):** ବରପାଲି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ୫୨ତମ ରାଜ୍ୟସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪-୨୫ ଉଦଘାଟିତ ହୋଇଯାଇଛି । ଏହି ବାଳ ବୈଜ୍ଞାନିକ ପ୍ରଦର୍ଶନୀ ମେଳାକୁ ଉଦଘାଟନ କରିଥିଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଉଜ୍ଜୀବିତ କରିବା ପାଇଁ ବାଳ ବୈଜ୍ଞାନିକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ରାଜ୍ୟ ସରକାର । କୁନି କୁନି ଛାତ୍ରଛାତ୍ରୀଙ୍କ ମନ ଭିତରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ସହିତ ଦେଶ ଓ ରାଷ୍ଟ୍ରଗଠନରେ ସହାୟକ କରିବା ଲକ୍ଷ୍ୟ ନେଇ ବରପାଲିରେ ରାଜ୍ୟସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ତିନି ଦିନ ଧରି ପ୍ରଦର୍ଶିତ ହେବ। ଏହି ମେଳାରେ ରାଜ୍ୟର ୩୦ଟି ଜିଲ୍ଲାର ୨୧୦ଜଣ ଛାତ୍ରଛାତ୍ରୀ ୨୧୦ଟି ପ୍ରକଳ୍ପ ପ୍ରଦର୍ଶନୀ କରୁଛନ୍ତି। ପ୍ରତ୍ୟେକ ଜିଲ୍ଲାରୁ ୭ଟି ପ୍ରକଳ୍ପ ଏହି ମେଳାରେ ସ୍ଥାନ ଦିଆଯାଇଛି। ପ୍ରଦର୍ଶନୀରେ ରାଜ୍ୟର ଜିଲ୍ଲାପ୍ରତି ୭ ଜଣ ଲେଖାଏଁ ବାଳ ବୈଜ୍ଞାନିକ ଉପସ୍ଥିତ ରହି ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା, ପରିବହନ ଏବଂ ଯୋଗାଯୋଗ, ପ୍ରାକୃତିକ ଚାଷ, ବିପର୍ଯ୍ୟୟ ପରିଚାଳନା, ଗଣିତ, ବର୍ଜ୍ୟବସ୍ତୁ ପରିଚାଳନା ଓ ଉତ୍ସ ପରିଚାଳନା ଭଳି ୭ଟି ବିଷୟବସ୍ତୁ ଉପରେ ମୋଟ ୨୧୦ ଗୋଟି ପ୍ରକଳ୍ପ ପ୍ରଦର୍ଶିତ କରିଥିବା ବେଳେ ୨୧୦ ଜଣ ସହଯୋଗୀ ଶିକ୍ଷକଙ୍କ ସମେତ ୩୦ ଜଣ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଯୋଗ ଦେଇଛନ୍ତି ।

## ୫ବର୍ଷ ବିତିଲା ଶେଷ ହେଲାନି ପୋଲ ନିର୍ମାଣ



● ବିନା ଭାଇବ୍ରେଟରେ ଚାଲିଛିକାମ

**ନୀଳଗିରି,୧୮।୧୨ (ସଂଚାର ବ୍ୟୁରୋ):** ଘାଗରା ପୋଲରୁ ମୁଖ୍ୟ ରାସ୍ତା ମଧ୍ୟରେ ସଂଯୋଗ ହେବା ପାଇଁ ନିର୍ମାଣ ଚାଲିଥିବା ୱାଲରେ ବିନା ଭାଇବ୍ରେଟ ମେସିନ୍ ରେ ଚାଲିଛିକାମ, ଢଳେଇ ପରେ ଲୁହା ରଡ଼ ଦେଖାଯାଉଛି। ପୂର୍ତ୍ତ ବିଭାଗର ଅପାରଗତା ପାଇଁ ଘାଗରା ପୋଲ ନିର୍ମାଣରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ସୁଚନା ନୀଳଗିରି ପୂର୍ତ୍ତ ବିଭାଗ ପକ୍ଷରୁ ୧୯ନଂ ରାଜ୍ୟ ରାଜପଥର ଶେରଗଡ଼, ନୀଳଗିରି, ଝରଣାଘାଟି ରାସ୍ତା ସଜନାଗଡ ନିକଟ ଘାଗରା ନଦୀ ଉପରେ ବଡ ପୋଲ ନିର୍ମାଣ ପାଇଁ ରାଜ୍ୟ ସରକାର ଟେଣ୍ଡର ପରେ ୨୦୧୯ ମସିହାରେ ଶିଳାନ୍ୟାସ ହୋଇ ଠିକାଦାର କାର୍ଯ୍ଯ ଆରମ୍ଭ କରିଥିଲା ବେଳେ ୨୦୨୧ ମସିହା ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଥିଲା। ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ସରକାରୀ ଆର୍ଥିକ ଅନୁଦାନ ବୃଦ୍ଧିକରି ଉକ୍ତ ପ୍ରକଳ୍ପ ବାବଦକୁ ୪କୋଟି ୧୮ଲକ୍ଷ ଟଙ୍କାରେ ଅବଧି ସମୟ ୨୦୨୧ ମସିହାରୁ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଚୁକ୍ତି ହୋଇଥିଲା। ଇତି ମଧ୍ୟରେ ଏହି ପୋଲ ନିର୍ମାଣକୁ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ ସମୟ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଅବଧି ସମୟ ୮ ମାସ ରୁ ଅଧିକ ହୋଇଥିଲେ ସୁଧା ପୋଲର ସଂଯୋଗ ହୋଇନାହିଁ। ଅନ୍ୟପଟେ ଘାଗରା ପୋଲରୁ ମୁଖ୍ୟ ରାସ୍ତା ମଧ୍ୟରେ ସଂଯୋଗ ହେବା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ରାସ୍ତା କଡ ୱାଲରେ ବିନା ଭାଇବ୍ରେଟ ମେସିନ୍ ରେ ଚାଲିଛିକାମ, ଢଳେଇ ପରେ ୱାଲରେ ଗାତ ଓ ଲୁହା ରଡ଼ ଦେଖାଯାଉଛି।

# ଆନାଲାଇଜର୍ ମେସିନ ବିରୋଧରେ ଚାଷୀଙ୍କ ବୈଠକ




**ସୁବର୍ଣ୍ଣପୁର,୧୮।୧୨ (ସଂଚାର ବ୍ୟୁରୋ):** ବିନିକା ଆରଏମସି ଠାରେ ଗତ କାଲି ଏନାଲାଇଜର ମେସିନ ବିରୋଧ ରେ ଚାଷୀ ମାନେ ଏକତ୍ରିତ ହୋଇ ବୈଠକ କରିବା ସହିତ ଏନାଲାଇଜର ମେସିନ ରେ ଧାନକିଣା ବନ୍ଦ କରାଯାଉ ବୋଲି ନାରାବାଜୀ ଦେଇଥିଲେ । ଶ୍ରୀ ଗଣେଶ ଆଞ୍ଚଳିକ କୃଷକ ସଂଗଠନ ର ସଭାପତି ଅଜିତ କୁମାର ପଣ୍ଡା ଙ୍କ ନେତୃତ୍ୱ ରେ ବିନିକା ଅଞ୍ଚଳର ସମସ୍ତ ଗ୍ରାମରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ । ଗ୍ରୀନ ଏନାଲାଇଜର ମେସିନ ବିରୋଧ ରେ ଆରଏମସି ରେ ବୈଠକ କଲେ ଚାଷୀ ସଂଗଠନ ସରକାର ଙ୍କ ଦ୍ୱାରା ପ୍ରଦତ୍ତ ଗ୍ରୀନ ଏନାଲାଇଜର ମେସିନ ରେ ଧାନ ର ମାନ ନିର୍ଦ୍ଧାରଣ କଲାପରେ ପ୍ରାୟ ସମସ୍ତ ଧାନ ଏଫ.ଏ. କ୍ୟୁ ର ମାନ୍ୟତା ମିଳୁନି, ଚାଷୀମାନେ ଭୟରେ ଟୋକାନ ଥିବା ସ୍ୱତେ ମଣ୍ଡିକୁ ଧାନ ଆଣିବାକୁ ଭୟ କରୁଛନ୍ତି,ଅଦ୍ୟାବଧି ବିନିକା ବ୍ଲକ ର ସମସ୍ତ ମଣ୍ଡିରେ ଅଚଳାବସ୍ଥା ଜାରି ଅଛି ଯାହା ବିଡମ୍ବନା ର ବିଷୟ,ଏଥିଯୋଗୁଁ ଚାଷୀ ମାନସିକ ଚାପ ରେ ଥିବା ସହିତ ଆର୍ଥିକ ସଙ୍କଟ ର ସମ୍ମୁଖୀନ ହେବାକୁ ବସିଲେଣି ବୋଲି ଜିଲ୍ଲାପାଳ ଅନ୍ୟା ଦାଶ ଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି । ଗତ କାଲି ବିନିକା ବ୍ଲକ ଜନଶୁଣାଣୀ ଶିବିର ରେ ଜିଲ୍ଲାପାଳ ଉପସ୍ଥିତ ଥିବାରୁ ଶ୍ରୀ ଗଣେଶ କୃଷକ ସଂଗଠନ ର କେତେକ କର୍ମକର୍ତ୍ତା ଯାଇ ଜିଲ୍ଲାପାଳ ଙ୍କୁ ଭେଟି ସମସ୍ୟା ସମ୍ପର୍କ ରେ ଜଣାଇବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ତୁରନ୍ତ ଏନାଲାଇଜର ମେସିନ ପରୀକ୍ଷା କରିବାକୁ ବିନିକା ତହସିଲଦାର ସୀତାରାମ ଭୋଇ ଙ୍କୁ ମଣ୍ଡିକୁ ପଠାଇଥିଲେ । ତହସିଲଦାର ଏବଂ ଚାଷୀ ମାନଙ୍କ ଉପସ୍ଥିତିରେ ଏନାଲାଇଜର ମେସିନ ରେ ୨ ପ୍ରକାର ଧାନ ମାନ ଯାଞ୍ଚ କରାଯାଇଥିଲା । ହେଲେ ମେସିନ ରେ ଉଭୟ ଧାନ ର ମାନ ବାହାରି ନ ଥିଲା । ପରେ ଉକ୍ତ ରିପୋର୍ଟ କୁ ନେଇ ଜିଲ୍ଲାପାଳ ଙ୍କୁ ଅବଗତ କରାଯାଇଥିଲା । ଏନାଲାଇଜର ମେସିନ ଧାନ ଚିହ୍ନିବାରେ ଅସମର୍ଥ ହେଉଛି ତେଣୁ ପୁରୁଣା ଗ୍ରେଡେସନ ମେସିନ ରେ ପରୀକ୍ଷା ହୋଇ ଧାନ କିଣାଯାଉ ବୋଲି ଚାଷୀ ମାନେ ଜିଲ୍ଲାପାଳ ଙ୍କୁ ଦାବି କରିଥିଲେ । ଜିଲ୍ଲାପାଳ ଦିନେ ଦୁଇ ଦିନ ଭିତରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ ଯଦି ଏହାର କୌଣସି ସମାଧାନ ନହେଲେ ଚାଷୀମାନେ ତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନି ଦେଇଛନ୍ତି ।

## କୁବେଡେଗାରେ ଚାଷୀଙ୍କ ରାସ୍ତାରୋକ



**ଭେଡେନ:୧୮।୧୨(ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ଅନ୍ତର୍ଗତ କୁବେଡେଗା ଗ୍ରାମପଂଚାୟତ ସ୍ଥିତ ଧାନ ମଣ୍ଡି ରେ ବୁଧବାର ଦିନ ଚାଷୀ ମାନେ ଧାନ ବିକ୍ରି ଅବ୍ୟବସ୍ଥା ବିରୋଧ ରେ ରାସ୍ତାରୋକ କରିଥିଲେ । ଚାଷୀମାନଙ୍କ ଧାନ ବିନା କଟନୀ ଛଟନୀ,ମାର୍କେଟ ରେ ଧାନର ଆଦ୍ରତା ପରୀକ୍ଷା ହେବା ପରେ ମିଲରସ ମାନେ ଯେପରି ଚାଷୀଙ୍କୁ ହଇରାଣ ନ କରିବା ସହିତ ଧାନ କ୍ରୟ କରିବେ, ମଣ୍ଡିରେ ଗ୍ରେନ ଏନାଲାଇଜର ମେସିନ ବନ୍ଦ କରି ଆଗପରି ଚାଷୀ ଯେପରି ଧାନ ମଣ୍ଡିରେ ବିକ୍ରି କରିବେ ଆଦି ଦାବି ନେଇ କୁବେଡେଗା ମାର୍କେଟ ୟାଡ୍ ସଂଲଗ୍ନ ଭେଡେନ - ବରଗଡ଼ ରାସ୍ତାକୁ ଅଂଚଳ ଶତାଧିକ ଚାଷୀ ଆଜି ଉତ୍ପନ ଭୋଇଙ୍କ ନେତୃତ୍ୱରେ ବରଗଡ ଭେଡେନ ରାସ୍ତାକୁ ଦିର୍ଘ ୪ଘଣ୍ଟା ଧରି ଧାନ ବସ୍ତା ପକାଇ ଅବରୋଧ କରିବା ସହିତ ବିଭିନ୍ନ ସ୍ଲୋଗାନ ଦେଇ ଧାରଣାରେ ବସିଥିଲେ।ଫଳରେ ବରଗଡ ଭେଡେନ ଦେଇ ଯାତାୟାତ କରୁଥିବା ସମସ୍ତ ଯାନବାହନ ରାସ୍ତା ଉପରେ ଠିଆହୋଇ ଥିଲା।ଖବର ପାଇ ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନ କରୁଥିବା ଚାଷୀମାନଙ୍କ ସହିତ ଆଲୋଚନା ପାଇଁ ପହଞ୍ଚି ଥିଲେ। ଅନୁଷ୍ଠିତ ଆଲୋଚନା ରେ ଚାଷୀନେତା ରମେଶ ମହାପାତ୍ର, ନରେନ୍ଦ୍ର ଭୋଇ,ସୁଦାମ ପାତ୍ର,ମଧୁସୂଦନ ତ୍ରିପାଠୀ, ସୁକାନ୍ତ ସତପଥି, ଜନାର୍ଦ୍ଦନ ମିଶ୍ର, ସୁବୋଧ ସତପଥି ,କୁନା ମିଶ୍ର, ଅଚ୍ୟୁତା ଭୋଇ, ଦେବେନ୍ଦ୍ର ପ୍ରଧାନ, ସୁଶୀଳ ବେହେରା,କ୍ଷିରୋଦ୍ର ବାରିକ,ଅଜିତ ପ୍ରଧାନ, ଜୟଦେବ ପ୍ରଧାନ, ଅତୁଲ୍ୟ ଭୋଇ, କିଶୋର ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ଅଶୋକ ପ୍ରଧାନ, ବିକାଶ ଭୋଇ, ଉଜ୍ଜ୍ୱଳ ଭୋଇ, ସିଦ୍ଧେଶ୍ୱର ପ୍ରଧାନ, ନବୀନ ଭୋଇ, ପ୍ରଦୀପ ଭୋଇ,ଶୁକଦେବ ବାଗ, ଅକ୍ଷୟ ପ୍ରଧାନ ,ଘନଶ୍ୟାମ ମହାକୁର,କ୍ଷମାନିଧି ବେହେରା, ଅଶ୍ୱିନୀ ସତପଥି,ଭିଟୋ ସାହୁ, ଶଙ୍କର ମହାକୁର, ପ୍ରମୋଦ ବିଶି, ସନ୍ତୋଷ ବିଶିଙ୍କ ସମେତ ଅଂଚଳର ଶତାଧିକ ଚାଷୀ ସାମିଲ ହୋଇଥିଲେ।